

ଯା ଦେବୀ ସର୍ବଭୂତେଷୁ...


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଗୁରୁବାର ୨୯ ଜାନୁଆରୀ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 29 JANUARY 2026
Vol.No. 36 ■ No.27 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି
ସାଗରିକା
(ନୂଆବର୍ଷ ସଂଖ୍ୟା)
ଡିଜିଟାଲ୍ ଫର୍ମାଟରେ ମଧ୍ୟ ଉପଲବ୍ଧ...
website : sagarika.in.net


## ମର୍ମନ୍ତୁଦ ବିମାନ ଦୁର୍ଘଟଣାରେ ଅଜିତଙ୍କ ସମେତ ୫ ମୃତ



ନୂଆଦିଲ୍ଲୀ,୨୮/୧ : ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ଆକସ୍ମିକ ଦେହାନ୍ତରେ ସ୍ତବ୍ଧ ସାରା ଦେଶ । ବାରାମତିରେ ମର୍ମନ୍ତୁଦ ବିମାନ ଦୁର୍ଘଟଣାରେ ଅଜିତଙ୍କ ସମେତ ୫ ଜଣଙ୍କ ମୃତ୍ୟୁ ଶୋକର ଛାୟା ଖେଳାଇ ଦେଇଛି । କୁହୁଡ଼ି ଯୋଗୁ ନା ଅନ୍ୟ କୌଣସି କାରଣ ପାଇଁ ଏତେ ବଡ଼ ଦୁର୍ଘଟଣା ଘଟିଲା, ତାହାର ତଦନ୍ତ ଆରମ୍ଭ କରିଛି ଇଇଓଇ । ସେପଟେ ଅଜିତଙ୍କ ଦେହାନ୍ତ ପରେ ମହାରାଷ୍ଟ୍ର ରାଜନୀତିରେ ବି ବଡ଼ ହଲଚଲ ହୋଇପାରେ ବୋଲି ଆକଳନ କରାଯାଉଛି । ଉଡ଼ାଣ ଭରିଥିଲା ଲିଅରଜେଟ୍-୪୫ ବିମାନ । ୬ ରୁ ୮ ସିଟ୍ ବିଶିଷ୍ଟ ଛୋଟ ପ୍ରାଇଭେଟ୍ ଜେଟ୍ । ଜନସଭାରେ ଯୋଗ ଦେବା ପାଇଁ ନିଜ ଆସନ ବାରାମତିକୁ ଯାଉଥିଲେ ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର । ମୁମ୍ବାଇରୁ ପ୍ରାୟ ୨୫୦ କିଲୋମିଟର ଦୂର, ପ୍ରାୟ ୩୫ ମିନିଟ୍‌ର ଯାତ୍ରା । ହେଲେ କୁହାଯାଉଛି, ବାରାମତି ବିମାନ ବନ୍ଦରରେ ଅବତରଣ ବେଳେ ଘନ କୁହୁଡ଼ି ଯୋଗୁ ଦିଶିଲାନି ରନ୍‌ୱେ-୧୧ । ପ୍ରଥମ ପ୍ରଚେଷ୍ଟାରେ ବିଫଳ ହୋଇ, ୮ଟା ୪୫ରେ ପୁଣି ଲ୍ୟାଣ୍ଡିଂ କଲା ବେଳେ ରନୱେଠୁ ପ୍ରାୟ ଶହେ ଫୁଟ୍ ପୂର୍ବରୁ ଭୂଇଁରେ ପିଟି ହୋଇ ନିଆଁ ପିଣ୍ଡୁଳା ପାଲଟିଗଲା ବିମାନ । ଘଟଣାସ୍ଥଳରେ ଉଦ୍ଧାରକାରୀ ପହଞ୍ଚିବା ବେଳକୁ ସବୁକିଛି ଛାରଖାର, ସବୁକିଛି ଶେଷ । ପ୍ରାଣ ହରାଇଥିଲେ ବିମାନରେ ଥିବା ସମସ୍ତ ୫ ଜଣ । ଅଜିତ ପାୱାର, ପାଇଲଟ୍ ସମ୍ଭାବୀ ପାଠକ ଓ ସୁମିତ କପୁର, ଫ୍ଲାଇଟ୍ ଆଟେଣ୍ଡାଣ୍ଟ୍ ପିଙ୍କି ମାଲି ଏବଂ ପିଏସ୍‌ଓ ଭିଦୀପ ଯାଦବ । ଦୁର୍ଘଟଣା ପୂର୍ବରୁ ପାଇଲଟ୍ 'ମେ ଡେ' କହିନଥିବା ବେଳେ, ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋ ଇଇଓଇ ଏହାର ତଦନ୍ତ କରୁଛି । ମହାରାଷ୍ଟ୍ର ରାଜନୀତିର ଅନ୍ୟତମ ପାୱାରଫୁଲ୍ ନେତା ଅଜିତ ପାୱାର୍ । ୮ ଥର ବିଧାୟକ, ୬ ଥର ଉପମୁଖ୍ୟମନ୍ତ୍ରୀ, ପଦରେ ସର୍ବାଧିକ କାଳ ଥିବା ରାଜନେତା ତଥା ଏନ୍‌ସିପି ସଭାପତି ଅଜିତ । ୪ ଦଶନ୍ଧିର ରାଜନୈତିକ ଜୀବନ । ୬୬ ବର୍ଷ ବୟସରେ ତାଙ୍କ ଅକାଳ ବିୟୋଗକୁ ସହଜରେ ଗ୍ରହଣ କରିପାରୁନାହାନ୍ତି ତାଙ୍କ ଶୁଭେଚ୍ଛୁ ଓ ସମର୍ଥକ । ବିଦ୍ୟା ପ୍ରତିଷ୍ଠାନରେ ଶେଷ ସମ୍ମାନ ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାଭିସ୍, ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ, ଦାଦା ଶରଦ ପାୱାର, ସାଂସଦ ସୁପ୍ରିୟା ସୁଲେ ପ୍ରମୁଖ । ମହାରାଷ୍ଟ୍ର ୩ ଦିନିଆ ଶୋକ ପାଳୁଥିବା ବେଳେ, ଆସନ୍ତାକାଲି ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ହେବ ଶେଷକୃତ୍ୟ । ଅଜିତଙ୍କ ଦେହାନ୍ତ ପରେ ମହାରାଷ୍ଟ୍ର ରାଜନୀତିରେ ହୋଇପାରେ ବଡ଼ ହଲଚଲ । କିଏ ଏନ୍‌ସିପି ମଙ୍ଗ ଧରିବ ତାକୁ ନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଥିବା ବେଳେ, ପୌର ନିର୍ବାଚନରେ ଅଜିତ-ଶରଦ ନିକଟତର ହୋଇଥିବାରୁ ବିମାନ ଦୁର୍ଘଟଣା ପଛରେ ଷଡ଼ଯନ୍ତ୍ରର ବି ଗନ୍ଧ ବାରିଲେଣି ବିରୋଧୀ ।

## ନୀତି ଆଦର୍ଶକୁ ପଛକୁ କରି ସିଟ୍ ହାତେଇବା ପାଇଁ କସରତ

ଭୁବନେଶ୍ୱର, ୨୮/୧ (ନି.ପ୍ର): ରାଜନୀତିରେ କେହି କାହାର ଚିର ଶତ୍ରୁ ନୁହନ୍ତି କି କ୍ଷମତା ଲୋଭ ଆଗରେ କେହି ମିତ୍ର ମଧ୍ୟ ନୁହନ୍ତି । ପୂର୍ବରୁ ଅନେକ ଥର ଏହାର ଝଲକ ଦେଖିଛି ଦେଶ । ଓଡ଼ିଶାରେ ସାମ୍ପ୍ରତିକ ରାଜନୈତିକ ସ୍ଥିତି ମଧ୍ୟ ସମାନ ଆଡକୁ ଢଳୁଛି । ଗୋଟିଏ ରାଜ୍ୟସଭା ଆସନ ପାଇଁ ଏବେ ନୀତି ଆଦର୍ଶ ମୂଲ୍ୟବୋଧକୁ ଜଳାଞ୍ଜଳି ଦେବାକୁ ବ୍ୟଗ୍ର ରାଜନୈତିକ ଦଳ । ସମସ୍ତଙ୍କ ଆଖି ଏବେ ରାଜ୍ୟସଭାର ସେହି ଚତୁର୍ଥ ଆସନ ଉପରେ । ରାଜ୍ୟସଭା ନିର୍ବାଚନ ପାଇଁ ସମୟ ଯେତିକି ପାଖଉଛି, ରାଜନୈତିକ ଉଷ୍ମତା ସେତେ ଅଧିକ ବଢୁଛି । ଚତୁର୍ଥ ଆସନ ଅକ୍ତିଆର ପାଇଁ ଅଙ୍କ କଷିଲେଣି ଶାସକ ଓ ବିରୋଧୀ । ଆବଶ୍ୟକ ସଂଖ୍ୟା କମ ଥାଇ ମଧ୍ୟ ବିଜେପିର ଜଣେ ପରେ ଜଣେ ନେତା ଚତୁର୍ଥ ଆସନ ହାତେଇବାକୁ ଦମ୍ଭୋକ୍ତି ଦେଖାଉଛନ୍ତି । ଚତୁର୍ଥ ଆସନକୁ କଳେ ବଳେ କୌଶଳେ ହାତେଇବାକୁ ନୀତି ଆଦର୍ଶକୁ ଜଳାଞ୍ଜଳୀ ଦେବାକୁ ପଛାଇ ନାହାନ୍ତି ଉଭୟ ବିଜେପି ଓ କଂଗ୍ରେସ । ୨୪ ବର୍ଷ ଧରି ନବୀନଙ୍କୁ ବିରୋଧ କରି ଆସୁଥିବା କଂଗ୍ରେସ ଏବେ ବିଜେଡି ସୁପ୍ରିମୋଙ୍କ ସହଯୋଗ ଚାହୁଁଛି । ଚତୁର୍ଥ ଆସନ ପାଇଁ ଭକ୍ତଙ୍କ ଗୁଗଲି ରାଜ୍ୟସଭା ନିର୍ବାଚନ ଗଣିତକୁ ଆହୁରି ରୋଚକ କରିଛି । ନବୀନଙ୍କ ସହଯୋଗ ପାଇଲେ ରାଜ୍ୟସଭାରେ ଖାତା ଖୋଲିବାକୁ ଅଙ୍କ କଷୁଛି ଦଳ । ଏଥିପାଇଁ ବିଜେଡି ସୁପ୍ରିମୋଙ୍କୁ ଭେଟି ସମର୍ଥନ ଲୋଡିବେ ବୋଲି କହିଛନ୍ତି ଭକ୍ତ । ୨ଟି ଆସନ ଅନାୟସରେ ହାତେଇବ ବିଜେପି । ହେଲେ ଶାସକ ଦଳକୁ ଚତୁର୍ଥ ଆସନର ଲୋଭ ଛାଡିନି । ରାଜନୈତିକ ଶତ୍ରୁ ଥିବା ବିଜେଡି ସହ ଏବେ ମିତ ବସିବାକୁ କସରତ କରୁଛି ବିଜେପି । ଆବଶ୍ୟକ ପଡିଲେ ନବୀନଙ୍କ ସହଯୋଗରେ ଚତୁର୍ଥ ଆସନ ଦଖଲ ଅଭିଯାନ ପାଇଁ ଅଣ୍ଟା ଭିଡ଼ିବ ବିଜେପି । ଏନେଇ ସଂକେତ ଦେଇଛନ୍ତି ମୋହନଙ୍କ ଦୁଇ ମନ୍ତ୍ରୀ ସୁରେଶ ପୂଜାରୀ ଓ କୃଷ୍ଣଚନ୍ଦ୍ର ପାତ୍ର । ଯାହାର ଜବାବ ରଖିଛି ବିଜେଡି। ରାଜନୀତିରେ କେହି ଚିରଶତ୍ରୁ କି ମିତ୍ର ନୁହନ୍ତି । ରାଜ୍ୟସଭା ନିର୍ବାଚନ ଏହାର ସବୁଠୁ ବଡ ପ୍ରମାଣ ଦେବ। ହେଲେ ପ୍ରଶ୍ନ ଉଠୁଛି, ନବୀନ କାହାର ହେବେ ନା ନୀରବ ରହିବେ ?

## ନେତୃତ୍ୱ ପ୍ରସଙ୍ଗକୁ ନେଇ ପୁଣି ବିଜେଡିରେ ନିଆଁ: କଳିକେଶ ଫିଟ୍ ବୋଲି ଦିବ୍ୟଶଙ୍କରଙ୍କ ବୟାନ



ଭୁବନେଶ୍ୱର, ୨୮/୧ (ନି.ପ୍ର): ନେତୃତ୍ୱ ପ୍ରସଙ୍ଗକୁ ନେଇ ପୁଣି ବିଜେଡିରେ ନିଆଁ। କଳିକେଶଙ୍କୁ ନେତୃତ୍ୱ ଦେବା ସପକ୍ଷରେ ଯୁକ୍ତି ବାଢ଼ିଲେ ବିଜେଡି ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, କହିଲେ ଦକ୍ଷତା ଓ ଯୋଗ୍ୟତା ଦୃଷ୍ଟିରୁ ନେତୃତ୍ୱ ପାଇଁ କଳିକେଶ ହିଁ ରାଜ୍ୟ ନେତୃତ୍ୱ ପାଇଁ ଫିଟ୍। ଦିବ୍ୟ ଶଙ୍କରଙ୍କ ବୟାନକୁ ନେଇ ଦଳ ଭିତରେ ଜୋରଦାର ବିରୋଧ। ଦକ୍ଷତା ଓ ଯୋଗ୍ୟତା ସବୁ ନିର୍ବାଚିତ ପ୍ରତିନିଧିଙ୍କ ପାଖରେ ଅଛି କହିଲେ ଅରୁଣ ଓ ଗଣେଶ୍ୱର । ଏବେ ଚର୍ଚ୍ଚା ଦିବ୍ୟ ଶଙ୍କରଙ୍କ ବୟାନ ପଛରେ ଅଛି କେଉଁ ଗୋଟି ଚାଳନା। ଦିବ୍ୟଶଙ୍କରଙ୍କ ଏହି ବୟାନକୁ ନେଇ ବିଜେଡିରେ ଝଡ଼। କଳିକେଶ ସିଂଦେଓଙ୍କୁ ନେତୃତ୍ୱ ଦେବା ସପକ୍ଷରେ କ୍ୟାପଟେନ। କହିଲେ ଯୋଗ୍ୟତା ଅଛି ଦାୟିତ୍ୱ ନିଅନ୍ତୁ କଳିକେଶ।ବରିଷ୍ଠ ନେତା କଲେ ବିରୋଧ। ନବୀନ ପଟ୍ଟନାୟକଙ୍କ ଉତ୍ତରାଧିକାରୀ କିଏ ହେବେ ? ସୁଜତାଙ୍କୁ ନେଇ କିଛି ଦିନ ହେବ ଲାଗି ରହିଥିବା ଉତ୍ତରାଧିକାରୀ ଚର୍ଚ୍ଚାର ବିରାମ ପରେ ଏବେ ପୁଣି ଦିବ୍ୟଶଙ୍କର ମିଶ୍ରଙ୍କ ବୟାନ ସେ ଚର୍ଚ୍ଚାକୁ ନୂଆ ମୋଡ଼ ଦେଇଛି । ବିଜେଡିର ମଙ୍ଗ କିଏ ଧରିବ ପ୍ରଶ୍ନରେ ଦିବ୍ୟଶଙ୍କର କହିଛନ୍ତି କଳିକେଶ ନିଅନ୍ତୁ ରାଜ୍ୟର ନେତୃତ୍ୱ । ତାଙ୍କୁ ଦାୟିତ୍ୱ ଦେଲେ ଭଲ ହେବ । ତାଙ୍କ ପରିବାରର ରାଜେନ୍ଦ୍ର ନାରାୟଣ ସିଂହଦେଓ ବି ଦିନେ ରାଜ୍ୟ ରାଜନୀତିରେ ନିଜର ପତିଆରା ରଖି ମୁଖ୍ୟମନ୍ତ୍ରୀ ହୋଇଛନ୍ତି । ସେମିତି ଆଗାମୀ ଦିନରେ ଆମେ କଳିକେଶ ସିଂଦେଓଙ୍କୁ ଲିଡର କରି ଠିଆ କରିବା ଯେମିତି ରାଜ୍ୟ ତାଙ୍କୁ ଗ୍ରହଣ କରିବ । କଳିକେଶଙ୍କ ପାଖେ ଯୋଗ୍ୟତା ଅଛି ଦକ୍ଷତା ଅଛି। କଳିକେଶ କିନ୍ତୁ କହିଥିଲେ, ଉତ୍ତରାଧିକାରୀ କଥା ଭବିଷ୍ୟତ କହିବ । ହେଲେ କ୍ୟାପେଟନଙ୍କ ବୟାନକୁ ବିରୋଧ କରିଛନ୍ତି ବିଜେଡିର

◆◆ପୃଷ୍ଠା ୭

## ଶାନ୍ତିପୂର୍ଣ୍ଣ ଭାବେ ଶେଷ ହେଲା ନବନିର୍ମାଣ କୃଷକ ସଂଗଠନର ୮ଘଣ୍ଟିଆ ଓଡ଼ିଶା ବନ୍ଦ



ଭୁବନେଶ୍ୱର, ୨୮/୧ (ନି.ପ୍ର): ଧାନକିଣା ଅବ୍ୟବସ୍ଥା, ଯାନବାହନ ପ୍ରଦୂଷଣ ପ୍ରମାଣପତ୍ର ଆଳରେ ମାତ୍ରାଧିକ ତଣ୍ଡ ଆଦାୟ, ଟାଟା କମ୍ପାନୀର , ଧାନକିଣା ଅବ୍ୟବସ୍ଥା, ଯାନବାହନ ପ୍ରଦୂଷଣ ସାର୍ଟିଫିକେଟ୍ ଆଳରେ ମାତ୍ରାଧିକ ତଣ୍ଡ ଆଦାୟ, ଟାଟା କମ୍ପାନିର ମନମାନି ବିରୋଧରେ ଆଜି ଓଡ଼ିଶା ବନ୍ଦ ଡାକରା ଦେଇଛି ନବନିର୍ମାଣ କୃଷକ ସଂଗଠନ । ଆଜି ସକାଳ ୬ଟାରୁ ଦିନ ୨ଟା ପର୍ଯ୍ୟନ୍ତ ୮ ଘଣ୍ଟିଆ ରାଜ୍ୟବ୍ୟାପୀ ଆନ୍ଦୋଳନ ଜାରି ରହିଛି । ଏହି ବନ୍ଦ ଡାକରାକୁ ରାଜ୍ୟ କଂଗ୍ରେସ, ବାମ ଦଳ ଓ ବିଭିନ୍ନ ସାମାଜିକ ସଂଗଠନ ସମର୍ଥନ ଜଣାଇଛନ୍ତି । ବିଜେଡି ଏହାକୁ ସ୍ୱାଗତ କରିଥିଲେ ହେଁ ବିଧିବଦ୍ଧ ସମର୍ଥନ ଦେଇନାହିଁ । ଓଡିଶା ବନ୍ଦର ପ୍ରଭାବ ରାଜ୍ୟର କିଛି ଜିଲ୍ଲାରେ ଦେଖିବାକୁ ମିଳିଛି । ଯାଜପୁର ଜିଲ୍ଲାରେ ଓଡ଼ିଶା ବନ୍ଦର ଆଂଶିକ ପ୍ରଭାବ ପଡ଼ିଛି। ଟ୍ରେନ, ବସ, ଟ୍ରକ ଚଳାଚଳକୁ ବାଦ ଦେଲେ ବାକି ସବୁ ସ୍ୱାଭାବିକ ରହିଛି । ଯାଜପୁର ଟାଉନ ଓ ବ୍ୟାସନଗର ସହରରେ ଦୋକାନବଜାର ଖୋଲା ରହିଥିବା ବେଳେ ଦୁଇଚକିଆ, ଚାରିଚକିଆ ଓ ଅଟୋରିକ୍ସା ଚଳାଚଳ ଜାରି ରହିଛି। ସହରରେ କୌଣସି ସ୍ଥାନରେ ଆନ୍ଦୋଳନ କିମ୍ବା ପିକେଟିଂ ଚାଲିଥିବା ଦେଖିବାକୁ ମିଳିନାହିଁ । ସେହିପରି ଯାଜପୁର ଟାଉନରେ ମଧ୍ୟ ଦୋକାନବଜାର, ଯାନବାହନ ଚଳାଚଳ ଜାରି ରହିଛି । ଜିଲ୍ଲା ଅଦାଲତ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟର ଫାଟକ ଖୋଲା ରହିଥିବା ବେଳେ ଆନ୍ଦୋଳନକାରୀ ସେଠାରେ ପହଁଚି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଜଗତସିଂହପୁର ଜିଲ୍ଲାରେ ସହର ସମେତ ବିଭିନ୍ନ ଅଞ୍ଚଳରେ ନବ ନର୍ମାଣ କୃଷକ ସଂଗଠନର ବନ୍ଦ ପାଳନ କରାଯାଇଛି ।

◆◆ପୃଷ୍ଠା ୭

## ଚଣ୍ଡିଗଡରେ ୫ଟି ସ୍କୁଲକୁ ବୋମାରେ ଉଡାଇବାକୁ ଧମକ

ନୂଆଦିଲ୍ଲୀ,୨୮/୧ : ବୁଧବାର ସକାଳେ ଚଣ୍ଡିଗଡ଼ରେ ପାଞ୍ଚଟି ସ୍କୁଲକୁ ବୋମାରେ ଉଡ଼ାଇଦେବାକୁ ଧମକ ମିଳିଛି। ଗଣତନ୍ତ୍ର ଦିବସର ଛୁଟି ପରେ ଆଜି ସକାଳେ ହିଁ ସ୍କୁଲଗୁଡ଼ିକ ଖୋଲାଯାଇଥିଲା। ଏହି ଧମକ ସ୍କୁଲମାନଙ୍କର ଔପଚାରିକ ଇ-ମେଲ୍ ଆଇଡିକୁ ପଠାଯାଇଥିଲା। ଧମକ ମିଳିବା ମାତ୍ରେ ସ୍କୁଲଗୁଡ଼ିକରେ ଛୁଟି ଘୋଷଣା କରାଯାଇ ଛାତ୍ରଛାତ୍ରୀମାନଙ୍କୁ ଘରକୁ ପଠାଯାଇଥିଲା। ସୂଚନା ପାଇବା ସହିତ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା ଏବଂ ବମ୍ ନିରୋଧକ ଦଳ ଓ ଡଗ୍ ସ୍କ୍ୱାଡ୍‌ର ସହଯୋଗରେ ତଲାସି ଅଭିଯାନ ଚାଲାଇଥିଲା। ଯେଉଁ ସ୍କୁଲଗୁଡ଼ିକୁ ଧମକ ଦିଆଯାଇଥିଲା, ସେଗୁଡ଼ିକ ହେଲା— ସେକ୍ଟର-୨୫ ସ୍ଥିତ ଚିତ୍କାରା ଇଣ୍ଟରନ୍ୟାସନାଲ୍ ସ୍କୁଲ୍, ସେକ୍ଟର-୧୬ର ମଡେଲ୍ ସ୍କୁଲ୍, ସେକ୍ଟର-୪୫ର ସେଣ୍ଟ୍ ଷ୍ଟିଫେନ୍ ସ୍କୁଲ୍, ସେକ୍ଟର-୩୫ର ମଡେଲ୍ ସ୍କୁଲ୍ ଏବଂ ସେକ୍ଟର-୧୯ର ମଡେଲ୍ ସ୍କୁଲ୍। ତଲାସି ସମୟରେ ପୁଲିସ କୌଣସି ସନ୍ଦେହଜନକ ବସ୍ତୁ ମିଳିନଥିବା ଜଣାଇଛି। ସୁରକ୍ଷା ଦୃଷ୍ଟିକୋଣରୁ ସ୍କୁଲଗୁଡ଼ିକର ଆଖପାଖରେ ପୁଲିସ ମୁତୟନ କରାଯାଇଛି। ଚଣ୍ଡିଗଡ଼ ପୁଲିସର ମୁଖପାତ୍ର କହିଛନ୍ତି ଯେ, ଏହି ମାମଲାର ତଦନ୍ତ ସାଇବର ପୁଲିସ କରୁଛି ଏବଂ ଶୀଘ୍ର ଏ ସମ୍ପର୍କରେ ଖୁଲାସା କରାଯିବ।

## କାନାଡାରେ ଗୁଳିକାଣ୍ଡ ଘଟଣା : ଦୁଇ ଭାରତୀୟ ନାଗରିକ ଗିରଫ

ନୂଆଦିଲ୍ଲୀ,୨୮/୧ : ଦାଦାବଟି ଆଦାୟ ସହିତ ଜଡିତ ଗୁଳିକାଣ୍ଡ ଘଟଣାରେ କାନାଡା ପୁଲିସ ଦୁଇ ଜଣ ଭାରତୀୟ ନାଗରିକଙ୍କୁ ଗିରଫ କରିଛି । ସୋମବାର କାନାଡା ପୁଲିସ ବ୍ରିଟିଶ କଲମ୍ବିଆର ସରେ ଟାଉନରେ ଗୁଳିକାଣ୍ଡରେ ବ୍ୟବହୃତ ହୋଇଥିବା ଗାଡ଼ି ଠାବ କରିଥିଲା । ପୁଲିସ ଗାଡ଼ିର ଡ୍ରାଇଭର ଓ ଯାତ୍ରୀଙ୍କୁ ହେପାଜତକୁ ନେବା ସହିତ ଗୁଳିଭର୍ତ୍ତି ବନ୍ଧୁକ ଜବତ କରିଥିଲା । ଏହି ମାମଲାରେ କାନାଡା ପୁଲିସ ହର୍ଷଦୀପ ସିଂହ (୨୦) ଓ ହଂସପ୍ରୀତ ସିଂହ (୨୧) ଙ୍କୁ ଗିରଫ କରିଛି । ସରେ ଟାଉନରେ ସଙ୍ଗଠିତ ଚାନ୍ଦା ଆଦାୟ, ଧମକ ଓ ଗୁଳିକାଣ୍ଡ ପରି ଘଟଣା ବୃଦ୍ଧି ପାଉଥିବାବେଳେ ଅପରାଧୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସରେ ମେୟର ସରକାରଙ୍କୁ ନିବେଦନ କରିଛନ୍ତି ।

## ଠିକାଦାର ଡାଟାବେସ ମ୍ୟାନେଜମେଣ୍ଟ ସିଷ୍ଟମ ୩.୦ର ଶୁଭାରମ୍ଭ

ଭୁବନେଶ୍ୱର, ୨୮/୧ (ନି.ପ୍ର): ରାଜ୍ୟରେ ପୂର୍ତ୍ତ ବିଭାଗରେ କାମ କରୁଥିବା ଠିକାଦାର ମାନଙ୍କ ପାଇଁ ନୂଆ ବ୍ୟବସ୍ଥା। ଠିକାଦାର ପରିଚାଳନା ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ, ସରଳ ଓ କାର୍ଯ୍ୟକ୍ଷମ କରିବାକୁ ଠିକାଦାର ଡାଟାବେସ ମ୍ୟାନେଜମେଣ୍ଟ ସିଷ୍ଟମ ୩.୦ର ଶୁଭାରମ୍ଭ ହୋଇଛି। ପୂର୍ତ୍ତ ବିଭାଗ ବ୍ୟତୀତ ଜଳସମ୍ପଦ, ଗୃହ ଓ ନଗର ଉନ୍ନୟନ, ଗ୍ରାମ୍ୟ ଉନ୍ନୟନ ଏବଂ ପଞ୍ଚାୟତିରାଜ ବିଭାଗ ଏହି ବ୍ୟବସ୍ଥା ଆପଣାଇବେ। ୨୦୧୮ ମସିହାରେ ମାନୁଆଲ ପରିଚାଳନା ବ୍ୟବସ୍ଥା ଦୂର କରି ଇ-ଗଭରନାନ୍ସର ଅଂଶ ବିଶେଷ ଭାବେ ସିଡିଏମଏସ ଆପ୍ଲିକେସନ ଆରମ୍ଭ ହୋଇଥିଲା। ଭବିଷ୍ୟତକୁ ଦୃଷ୍ଟିରେ ରଖି ଏବଂ। କିଛି ଅପଡେଟ ସହ ନୂଆ ବ୍ୟବସ୍ଥାରେ ଠିକାଦାରଙ୍କ ବାବଦରେ ସୂଚନା, ଲାଇସେନ୍ସ, କାର୍ଯ୍ୟଦକ୍ଷତା ସଂରକ୍ଷିତ ରହିବ। ସିଡିଏମଏସ ୩.୦ ଏଆଇଏମଏଲ ଏବଂ ଡାଟା ଆନାଲିଟିକ୍ସ ଭଳି ପ୍ରଯୁକ୍ତି ଯୋଡି ହେବ। ଗୋଟିଏ ପ୍ୟାନ-ଗୋଟିଏ ଲାଇସେନ୍ସ ପ୍ରଣାଳୀ ଦ୍ୱାରା ଦୁର୍ନୀତି ହ୍ରାସ ଓ କାମର ଗୁଣବତ୍ତା ଉପରେ ନଜର ରଖାଯିବ।

## ମୁଖ୍ୟମନ୍ତ୍ରୀଙ୍କୁ ଷଷ୍ଠ ରାଜ୍ୟ ବେତନ କମିସନଙ୍କ ରିପୋର୍ଟ ପ୍ରଦାନ



ଭୁବନେଶ୍ୱର, ୨୮/୧ (ନି.ପ୍ର): ଷଷ୍ଠ ରାଜ୍ୟ ଅର୍ଥ କମିସନର ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚୂଡ଼ାନ୍ତ ରିପୋର୍ଟ ପ୍ରଦାନ କରିଛନ୍ତି। କିଛି ଦିନ ପୂର୍ବରୁ ଏହି ରିପୋର୍ଟ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କୁ ପ୍ରଦାନ କରାଯାଇଥିଲା। ଆଜି ମୁଖ୍ୟମନ୍ତ୍ରୀ 'ସମୀକ୍ଷା' ପୋର୍ଟାଲର ମଧ୍ୟ ଉନ୍ମୋଚନ କରିଛନ୍ତି ଯାହା ରାଜ୍ୟ ଅର୍ଥ କମିସନ ଓ କେନ୍ଦ୍ର ଅର୍ଥ କମିସନ ଅନୁଦାନ ଅଧୀନରେ ରାସ୍ତା, ପାନୀୟ ଜଳ ଯୋଗାଣ, ପରିମଳ, ରାସ୍ତା ଆଲୋକୀକରଣ, ପାର୍କ ଏବଂ ସାଧାରଣ ଉପଯୋଗିତା ଇତ୍ୟାଦି ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନର ଅଗ୍ରଗତି ବିଷୟରେ ପ୍ରକୃତ ସୂଚନା ପ୍ରଦାନ କରିବ। ନାଗରିକ, ନିର୍ବାଚିତ ପ୍ରତିନିଧି କିମ୍ବା ଯେକୌଣସି ବ୍ୟକ୍ତି https://samikshya.odisha.gov.in ଲିଙ୍କ୍ ମାଧ୍ୟମରେ ପୋର୍ଟାଲରେ ପ୍ରବେଶ କରି ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନର ଅଗ୍ରଗତି ତଦାରଖ କରିପାରିବେ। ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଓଡ଼ିଶାର ଆର୍ଥିକ ମାନଦଣ୍ଡ, ପଞ୍ଚାୟତ ସ୍ତରର ଢାଞ୍ଚା ପରିବର୍ତ୍ତନ, ଜନସାଧାରଣଙ୍କ ଜୀବନଧାରଣାର ମାନ ବୃଦ୍ଧି, ପ୍ରତ୍ୟେକ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳର ସ୍ଥିତି ସୁଧାରିବାକୁ ତତ୍‌ସହିତ ସମୃଦ୍ଧ ଓଡ଼ିଶାର ଭିତ୍ତି ସୁଦୃଢ଼ କରିବାକୁ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ।

## ପ୍ରଥମ ଥର ପାଇଁ ରବିବାର ଦିନ ଆସିବ ବଜେଟ୍: ଆଜି ସଂସଦରେ ଅର୍ଥନୈତିକ ସର୍ବେକ୍ଷଣ ରିପୋର୍ଟ ଉପସ୍ଥାପିତ ହେବ




ନୂଆଦିଲ୍ଲୀ, ୨୮/୧ : ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆସନ୍ତାକାଲି (ଗୁରୁବାର) ପୂର୍ବାହ୍ନ ୧୧ଟାରେ ସଂସଦରେ ଅର୍ଥନୈତିକ ସର୍ବେକ୍ଷଣ ରିପୋର୍ଟ ୨୦୨୫-୨୬କୁ ଉପସ୍ଥାପନ କରିବେ। ଏହା ହେଉଛି କେନ୍ଦ୍ର ସରକାରଙ୍କ ଆର୍ଥିକ ପ୍ରଦର୍ଶନ ଓ ଦେଶର ଅର୍ଥନୈତିକ ସ୍ଥିତିର ଏକ ରିପୋର୍ଟ ଯେଉଁଥିରେ ଅଭିବୃଦ୍ଧି ହାର, ମୁଣ୍ଡପିଛା ଆୟ ଓ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରର ଅଭିବୃଦ୍ଧି ତଥ୍ୟ ପ୍ରଦାନ କରାଯିବ। କେନ୍ଦ୍ର ସରକାରଙ୍କ ଅର୍ଥ ମନ୍ତ୍ରଣାଳୟର ଅର୍ଥନୈତିକ ବ୍ୟାପାର ବିଭାଗ ଏହି ରିପୋର୍ଟ ତିଆରି କରୁଛି। ସର୍ବେକ୍ଷଣ ରିପୋର୍ଟ ସଂସଦର ଉଭୟ ସଦନରେ ଉପସ୍ଥାପିତ ହେବା ପରେ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଭି ଅନନ୍ତ ନାଗେଶ୍ୱରନ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରିବେ। ପ୍ରତିବର୍ଷ ବଜେଟ୍ ଉପସ୍ଥାପନ ହେବା ପୂର୍ବରୁ ଅର୍ଥନୈତିକ ସର୍ବେକ୍ଷଣ ରିପୋର୍ଟ ଉପସ୍ଥାପନ କରାଯାଇଥାଏ। ଚଳିତ ବର୍ଷ ପ୍ରଥମ ଥର ପାଇଁ ରବିବାର ଦିନ ବଜେଟ୍ ଉପସ୍ଥାପନ ହେବ। ଫେବ୍ରୁଆରି ୧ ରବିବାର ଦିନ ପଡୁଥିବାରୁ ସେହିଦିନ ଅର୍ଥମନ୍ତ୍ରୀ ଶ୍ରୀମତୀ ସୀତାରମଣ ୨୦୨୬-୨୭ ଆର୍ଥିକ ବର୍ଷର ବଜେଟ୍ ଉପସ୍ଥାପନ କରିବେ।

# ୫ ବର୍ଷ ମଧ୍ୟରେ ରାଜ୍ୟରେ କେହି ଭୂମିହୀନ ରହିବେ ନାହିଁ : ରାଜସ୍ୱ ମନ୍ତ୍ରୀ

ପୁରୀ, ୨୮/୧ (ନି.ପ୍ର): ନିଜର ଘରଟିଏ ସମସ୍ତଙ୍କ ସ୍ୱପ୍ନ ଥାଏ। ଆଉ ଘର ପାଇଁ ଭୂମି ଜରୁରୀ। ଭୂମିହୀନ ମାନଙ୍କୁ ଚିହ୍ନଟ କରି ଆଗାମୀ ୫ ବର୍ଷ ମଧ୍ୟରେ ସମସ୍ତଙ୍କୁ ଜମି ପଟ୍ଟା ଦେବାର ବ୍ୟବସ୍ଥା ସରକାର କରିଛନ୍ତି। ସେହିପରି ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ସମସ୍ତ ଶିକ୍ଷାନୁଷ୍ଠାନ ନାମରେ ଜମି ପଟ୍ଟା ଦିଆଯିବ। ଆବଶ୍ୟକ ସ୍ଥଳେ ପିଲା ମାନଙ୍କ ଖେଳ ପଡିଆ ପାଇଁ ଅଧିକ ଜମି ଯୋଗାଇ ଦିଆଯିବ ବୋଲି ସୂଚନା ଦେଇଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ସୋମବାର ସାଧାରଣତନ୍ତ୍ର ଦିବସ ଅବସରରେ ସଂସ୍କୃତି ଭବନ ଠାରେ ବସୁନ୍ଧରା ଯୋଜନାରେ ପୁରୀ ଜିଲ୍ଲାର ୧୪ ଜଣ ଭୂମିହୀନଙ୍କୁ ଓ ୨୦ ଗୋଟି ଶିକ୍ଷାନୁଷ୍ଠାନକୁ ମନ୍ତ୍ରୀ ଶ୍ରୀ ପୂଜାରୀ ପଟ୍ଟା ବଂଟନ କରିଥିଲେ। ଶତାଧିକ ବର୍ଷ ପୁରୁଣା ପୁରୀ ଜିଲ୍ଲା ସ୍କୁଲ, ବିଶ୍ୱମ୍ଭର ବିଦ୍ୟାପୀଠ ନାମରେ ଏ ପର୍ଯ୍ୟନ୍ତ ଜମି ପଟ୍ଟା ହୋଇ ନ ଥିବା ସମ୍ପର୍କରେ ମନ୍ତ୍ରୀ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। ତେବେ ସେହି ବିଦ୍ୟାଳୟ ସହ ଅନ୍ୟ ଶିକ୍ଷାନୁଷ୍ଠାନ ମାନଙ୍କୁ ଜମି ପଟ୍ଟା ପ୍ରଦାନ କରିଥିବାରୁ ସମ୍ପୃକ୍ତ ଶିକ୍ଷାନୁଷ୍ଠାନର କର୍ମକର୍ତ୍ତା ମାନେ ମନ୍ତ୍ରୀ ଓ ସରକାରଙ୍କୁ କୃତଜ୍ଞତା ଜଣାଇଥିଲେ।

ଶ୍ରୀ ପୂଜାରୀ ନିଜ ବକ୍ତବ୍ୟରେ ଭୂମି ଈଶ୍ୱର ଦତ୍ତ। ଭୂମି ମଧ୍ୟ ଏକ ଜରୁରୀ ଆବଶ୍ୟକତା। ସେଥିପାଇଁ ଭୂମି ପାଇଁ ଭାଇ ଭାଇ, ରାଜ୍ୟ ରାଜ୍ୟ, ଦେଶ ଦେଶ ମଧ୍ୟରେ କଳହ, ଯୁଦ୍ଧ ହେଉଛି। ଭୂମି ପାଇଁ ମହାଭାରତ ସଂଗଠିତ ହୋଇଥିଲା। ପୁରୀର ଜମି ସମସ୍ୟା ଜଟିଳ। ଏହାକୁ ସହମତି ଭିତିରେ ସମାଧାନ କରାଯିବ। ସଭିଙ୍କ ସହଯୋଗ ମିଶିଲେ ପୁରୀ ଜିଲ୍ଲା ଜମି ପଟ୍ଟା ବଂଟନରେ ଏକ ନମ୍ବର ଜିଲ୍ଲା ହୋଇପାରିବ ବୋଲି ମନ୍ତ୍ରୀ କହିବା ସହ ବିକଶିତ ଓଡିଶା ଓ ବିକଶିତ ଭାରତର ସ୍ୱପ୍ନକୁ ଏହାଦ୍ୱାରା ଆମେ ସଫଳ କରିବା ବୋଲି ଆହ୍ୱାନ ଦେଇଥିଲେ। ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି ଭୂମିହୀନଙ୍କୁ ଓ ଶିକ୍ଷାନୁଷ୍ଠାନ ଗୁଡିକୁ ନିଜ ନାମରେ ଜମି ପଟ୍ଟା ପ୍ରଦାନ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିବା ସହ ସମସ୍ତଙ୍କ ସହଯୋଗ ଏହାକୁ ତ୍ୱରାନ୍ୱିତ କରିବ ବୋଲି ଆଶା କରିଥିଲେ।

ପ୍ରାରମ୍ଭରେ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ସମସ୍ତଙ୍କୁ ସ୍ୱାଗତ ସହ ଜିଲ୍ଲାରେ ବସୁନ୍ଧରା ଯୋଜନାର ସ୍ଥିତି ସମ୍ପର୍କରେ ସୂଚନା ଦେଇଥିଲେ। ମନ୍ତ୍ରୀ ଶ୍ରୀ ପୂଜାରୀ ହିତାଧିକାରୀ ମାନଙ୍କୁ ପଟ୍ଟା ବଂଟନ କରିଥିଲେ। ଶେଷରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡଃ. ଶରତ ଚନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସଭା କାର୍ଯ୍ୟ ପରିଚାଳନା କରିଥିଲେ।

ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ତହସିଲଦାର ପୁରୀ ଅଭିଷେକ ଦାଶ, ସତ୍ୟବାଦୀ ସନ୍ତୋଷ କୁମାର ପାଣିଗ୍ରାହୀ, ବ୍ରହ୍ମଗିରି ଶଶୀଭୂଷଣ ମିଶ୍ର, କଣାସ ତହସିଲଦାର ହିମାଂଶୁ ଗିରି, ଅତିରିକ୍ତ ତହସିଲଦାର ଓ ଅନ୍ୟାନ୍ୟ ଅଧିକାରୀ, କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଲିମିଟେଡ - ପାରାଦୀପ ରିଫାଇନରୀରେ ଲେବଲ-୩ ଅଫସାଇଟ୍ ଏମର୍ଜେନ୍ସି ମକ୍ ଡ୍ରିଲ୍ ଆୟୋଜିତ



ପାରାଦୀପ, ୨୮/୧ (ନି.ପ୍ର): ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଲିମିଟେଡ - ପାରାଦୀପ ରିଫାଇନରୀ, ଦ୍ୱାରା ଲେବଲ-୩ ଅଫସାଇଟ୍ ଏମର୍ଜେନ୍ସି ମକ୍ ଡ୍ରିଲ୍ ଆୟୋଜନ କରାଗଲା । ଏହାର ଉଦ୍ଦେଶ୍ୟ ଥିଲା ରିଫାଇନରୀର ବାହ୍ୟ ଅଞ୍ଚଳକୁ ପ୍ରଭାବିତ କରୁଥିବା ଘଟଣା ପାଇଁ ରିଫାଇନରୀର ଜରୁରୀକାଳୀନ ପ୍ରତିକ୍ରିୟା ଓ ପ୍ରସ୍ତୁତିର ପ୍ରଭାବ ଯାଞ୍ଚ କରିବା ଏବଂ ଷ୍ଟେକ୍ ହୋଲ୍ଡର୍ ଏବଂ ମ୍ୟୁଚ୍ୟୁଆଲ ଏଡ୍ ଇଣ୍ଡଷ୍ଟ୍ରିଜ୍ ସହିତ ସହଯୋଗରେ ଯେକୌଣସି ବିପର୍ଯ୍ୟୟ ପରିସ୍ଥିତିର ମୁକାବିଲା କରିବା ପାଇଁ ପ୍ରସ୍ତୁତ ହେବା। ପାରାଦୀପ ରିଫାଇନରୀର ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ବିପର୍ଯ୍ୟୟ ପରିଚାଳନା ଯୋଜନା (ଇଜଡଗଚ) ଅନୁଯାୟୀ ଏହି ଡ୍ରିଲ୍ କରାଯାଇଥିଲା। ପାରାଦୀପ ରିଫାଇନରୀର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ରିଫାଇନରୀ ପ୍ରମୁଖ ଶ୍ରୀ କୌଶିକ ବସୁ, ଆଇଓସିଏଲ୍ ପାରାଦୀପ ରିଫାଇନରୀ ମ୍ୟାନେଜମେଣ୍ଟଙ୍କ ଉପସ୍ଥିତିରେ ଡିବ୍ରିଫିଂ ସେସନ୍ ରେ ଅଧ୍ୟକ୍ଷତା କରିଥିଲେ। ଡେପୁଟି କଲେକ୍ଟର୍, ପାରାଦୀପ ସୈଦା ନୟଲା ଏବଂ ପି.ସି. ବେହେରା, ଆଞ୍ଚଳିକ ଅଧିକାରୀ, ଏହି ମକ୍ ଡ୍ରିଲ୍ ନିରୀକ୍ଷଣ କରିଥିଲେ । ପାରାଦ୍ୱୀପ ଫସଫେଟ, ଇଫୋକ, ପାରାଦ୍ୱୀପ ବନ୍ଦର, ରାଜ୍ୟ ପୋଲିସ୍ ସେବା, ଆଇଓସିଏଲ୍ ପାରାଦୀପ ରିଫାଇନରୀ ଅଗ୍ନିଶମ ସେବା ଟିମ୍ ସହିତ ବିଭିନ୍ନ ଶିଳ୍ପ ସଂସ୍ଥା ଏହି ମକ୍ ଡ୍ରିଲ୍ ରେ ଅଂଶଗ୍ରହଣ କରିଥିଲେ। ରିଫାଇନରୀର ଉତ୍ତର ପାର୍ଶ୍ୱରେ ଥିବା ଏକ ଷ୍ଟୋରେଜ୍ ଟ୍ୟାଙ୍କରୁ ଇଥିଲିନ୍ ଲିକ୍ ହେବା ପରିସ୍ଥିତି ଅନୁମାନ କରାଯାଇଥିଲା। ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ବିପର୍ଯ୍ୟୟ ପରିଚାଳନା ଯୋଜନାର ପ୍ରୋଟୋକଲ୍ ଅନୁସାରେ ପ୍ରତିକ୍ରିୟା ଏବଂ ନିୟନ୍ତ୍ରଣ ପଦକ୍ଷେପ ବ୍ୟବସ୍ଥିତ ଓ କାର୍ଯ୍ୟକାରୀ କରାଯାଇଥିଲା ।

# ଧର୍ମଶାଳା ବ୍ଲକ ଜାରକା ମଣ୍ଡଳ ପକ୍ଷରୁ ବିଶ୍ୱ ହିନ୍ଦୁ ସମ୍ମିଳନୀ ଓ ବିଶ୍ୱଶାନ୍ତି ମହାଯଜ୍ଞ

ଧର୍ମଶାଳା, ୨୮/୧ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ମହୋତ୍ସବ ପଡିଆରେ ଜାରକା ମଣ୍ଡଳ ପକ୍ଷରୁ ସ୍ଥାନୀୟ ୭ଗୋଟି ପଂଚାୟତକୁ ନେଇ ବିଶ୍ୱ ହିନ୍ଦୁ ସମ୍ମିଳନୀ ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ମଣ୍ଡଳ ସଭାପତି ଜୟ ପ୍ରକାଶ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏହି ସମ୍ମିଳନୀରେ ସାଧୁ ସନ୍ଥ ବୃନ୍ଦାବନ ଦାସ, ଅରୂପାନନ୍ଦ ଦାସ ମହାରାଜ, ଶ୍ରୀ ପତିତ ପାବନ ସାରସ୍ୱତୀ ମହାରାଜ ଓ ଅଭୟାନନ୍ଦ ସାରଥୀ ମହାରାଜ ପ୍ରମୁଖ ଯୋଗଦେଇ ଯେଉଁଭଳି ଭାବେ ମୁସଲିମମାନେ ବାଙ୍ଗଲାଦେଶରେ ହିନ୍ଦୁମାନଙ୍କ ପ୍ରତି ଅରାଜକତା ଚଳାଇଛନ୍ତି ସେମାନଙ୍କୁ ଦୃଢ ହସ୍ତରେ ଦମନ କରିବାକୁ ଗଣମାଧ୍ୟମର ଭୂମିକା ନିର୍ବାହ କରିବା ସହ ହିନ୍ଦୁ ସମାଜ ଏକ ହେବା ପାଇଁ ଆହ୍ୱାନ ଦେଇଥିଲେ । ଅନନ୍ତ କିଶୋର ରାଉତ, ଶିକ୍ଷାବିତ୍ ତଥା ସ୍ତମ୍ଭକାର ମନୋରଂଜନ ମହାନ୍ତି ଓ ସରସ୍ୱତୀ ଦାସଙ୍କୁ ସାଧୁସନ୍ଥମାନେ ସମ୍ବର୍ଦ୍ଧିତ କରିଥିଲେ । ଶେଷରେ ଭେନସ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ବିଶ୍ୱଶାନ୍ତି ମହାଯଜ୍ଞରେ ସ୍ଥାନୀୟ ଅଂଚଳର ଶତାଧିକ ମହିଳା ଉପସ୍ଥିତ ରହି ପୂଜାର୍ଚ୍ଚନା କରିଥିଲେ ।

# ଓଡିଶା ଜିମ୍ନାଷ୍ଟିକ୍ସ ଚାମ୍ପିଅନସିପ୍ ୨୦୨୬ : କୋରାପୁଟ ଉଜ୍ୱଳ ଭାବରେ ଚମକୁଛି

ଜୟପୁର, ୨୮/୧ (ନି.ପ୍ର): ୪୪ତମ ଓଡିଶା ରାଜ୍ୟ ଜିମ୍ନାଷ୍ଟିକ୍ସ ଚାମ୍ପିଅନସିପରେ ଯୁବ ଖେଳାଳିଙ୍କ ଉତ୍କୃଷ୍ଟ ପ୍ରଦର୍ଶନ ଦେଖିବାକୁ ମିଳିଥିଲା। କୋରାପୁଟର ଜୟପୁରର ପ୍ରତିଭାଶାଳୀ ଜିମ୍ନାଷ୍ଟିକ୍ସ ବିଭିନ୍ନ ବର୍ଗରେ ୩ ପଦକର ପ୍ରଭାବଶାଳୀ ବିଜୟ ହାସଲ କରିଥିଲେ। ଦକ୍ଷତା ଏବଂ ଦୃଢ଼ତାର ଏକ ରୋମାଞ୍ଚକର ପ୍ରଦର୍ଶନରେ, ପଏମ୍.କେ. ସାଜିଦ ହୁସେନପ ଫ୍ଲୋର୍ ଏକ୍ସରସାଇଜ୍ (୧୨ ବର୍ଷରୁ କମ୍ ବାଳକ) ରେ ଏକ ଭଲ ଭାବରେ ଯୋଗ୍ୟ କାଂସ୍ୟ ହାସଲ କରିଥିଲେ, ଯେତେବେଳେ ପରିତିକା ଧଳପ ସମାନ ବର୍ଗରେ (୧୦ ବର୍ଷରୁ କମ୍ ବାଳିକା) ରୌପ୍ୟ ଦାବି କରିଥିଲେ, ତାଙ୍କର ନିର୍ଦ୍ଦୋଷ ରୁଟିନ୍ ସହିତ ଦର୍ଶକଙ୍କୁ ଆଶ୍ଚର୍ଯ୍ୟ କରି ଦେଇଥିଲେ।

କିନ୍ତୁ ଶୋ'ର ଷ୍ଟାର ନିସନ୍ଦେହରେ ସାନ୍ ଭୀ ସୁଆର ଥିଲେ, ଯିଏ ବାଲାନ୍ସିଂ ବିମ୍ (୧୦ ବର୍ଷରୁ କମ୍ ବାଳିକା) ରେ ସ୍ୱର୍ଣ୍ଣ ପାଇଥିଲେ, ଏବଂ ଏକ ଉଦୀୟମାନ ତାରକା ଭାବରେ ନିଜର ସ୍ଥିତିକୁ ସୁଦୃଢ଼ କରିଥିଲେ।

ଏହି କାର୍ଯ୍ୟକ୍ରମରେ କୋରାପୁଟର ଏହି ଯୁବ ଜିମ୍ନାଷ୍ଟଙ୍କ ଅବିଶ୍ୱସନୀୟ ପ୍ରତିଭା ଏବଂ କଠିନ ପରିଶ୍ରମ ପ୍ରଦର୍ଶିତ ହୋଇଥିଲା ଏବଂ ସେମାନଙ୍କର ସଫଳତା ସେମାନଙ୍କର ଉତ୍ସର୍ଗତା ଏବଂ ଦୃଢ଼ତାର ପ୍ରମାଣ। ଆମେ ଏହି ପ୍ରତିଭାଶାଳୀ ଖେଳାଳି ଏବଂ ସେମାନଙ୍କ ପ୍ରଶିକ୍ଷକମାନଙ୍କୁ ସେମାନଙ୍କର ଉଲ୍ଲେଖନୀୟ ସଫଳତା ପାଇଁ ଅଭିନନ୍ଦନ ଜଣାଉଛୁ।

# ବିର୍ଲା ଗ୍ଲୋବାଲ୍ ୟୁନିଭର୍ସିଟିରେ ଚତୁର୍ଥ ବ୍ୟାଙ୍କର୍ସ କନକ୍ଲେଭ ପ୍ରସ୍ତୁତି : ଫିନ୍‌ଟେକ୍ ଆଧାରିତ ସ୍ଥିରତା ଉପରେ ଆଲୋଚନା

ସମ୍ବଲପୁର, ୨୮/୧ (ନି.ପ୍ର): ବିର୍ଲା ଗ୍ଲୋବାଲ୍ ୟୁନିଭର୍ସିଟିର ସ୍କୁଲ୍ ଅଫ୍ କମର୍ସ ଏବଂ ସ୍କୁଲ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି ପକ୍ଷରୁ ୨୦୨୬ ଶିକ୍ଷାବର୍ଷ ପାଇଁ ଦୁଇ ବର୍ଷିଆ ପୂର୍ଣ୍ଣକାଳୀନ ଏମବିଏ (ଫିନ୍‌ଟେକ୍) ପ୍ରୋଗ୍ରାମ ଆରମ୍ଭ କରାଯାଇଛି। ବିର୍ଲା ଗ୍ଲୋବାଲ୍ ୟୁନିଭର୍ସିଟି (ବିଜିୟୁ) ଏହାର ବିର୍ଲା ସ୍କୁଲ୍ ଅଫ୍ କମର୍ସ ମାଧ୍ୟମରେ ଆସନ୍ତା ୩୦ ଜାନୁଆରୀ ତାରିଖରେ "ଆଧୁନିକ ବ୍ୟାଙ୍କିଂରେ ଫିନ୍‌ଟେକ୍ ଆଧାରିତ ସ୍ଥିରତା: ରିସ୍କ ଓ ଦାୟିତ୍ୱର ସମନ୍ୱୟ" ଥିମ୍ ଉପରେ ୪ର୍ଥ ବ୍ୟାଙ୍କର୍ସ କନକ୍ଲେଭ ଆୟୋଜନ କରିବାକୁ ଯାଉଛି। ଏହି କନକ୍ଲେଭର ଉଦ୍ଦେଶ୍ୟ ବ୍ୟାଙ୍କିଂ ଏବଂ ଫିନ୍‌ଟେକ୍ ପରିବେଶ ସହିତ ସଂପୃକ୍ତ ବିଭିନ୍ନ କ୍ଷେତ୍ରରୁ ଶିଳ୍ପ ବିଶେଷଜ୍ଞମାନଙ୍କୁ ଏକତ୍ର କରି ଭାରତୀୟ ଅର୍ଥନୀତିକୁ ଅଧିକ ସ୍ଥିର, ସମାବେଶୀ ଓ ଉଚ୍ଚ ବିକାଶ ଦିଗରେ ନେବାରେ ଫିନ୍‌ଟେକ୍ ର ଭୂମିକା ଉପରେ ମୂଲ୍ୟବାନ ମତାମତ ବିନିମୟ କରିବା।

କନକ୍ଲେଭରେ ପ୍ରଯୁକ୍ତି ଆଧାରିତ ଆର୍ଥିକ ନବୀନତା କିପରି ବ୍ୟାଙ୍କିଂର ମୌଳିକ ଧାରଣାକୁ ପୁନଃଗଠନ କରୁଛି, ରିସ୍କ ପରିଚାଳନା ପ୍ରଣାଳୀକୁ ସୁଦୃଢ଼ କରୁଛି ଏବଂ ଆର୍ଥିକ ସେବାର ପହଂଚକୁ ବଢ଼ାଉଛି – ସେଥିପାଇଁ ଆଲୋଚନା କରାଯିବ। ଏହା ସହିତ ସାଇବର ସୁରକ୍ଷା, ଜଳବାୟୁ ଅର୍ଥଯୋଗାଣ ଏବଂ ନିୟମନ ଅନୁପାଳନ ସହିତ ସଂପୃକ୍ତ ଉଦୟମାନ ଚ୍ୟାଲେଞ୍ଜମାନଙ୍କୁ ମଧ୍ୟ ଆଲୋଚନା କରାଯିବ। ଏହି କାର୍ଯ୍ୟକ୍ରମରେ ପିକ୍ସେଲପେର ଚିଫ୍ ପ୍ରୋଡକ୍ଟ ଏବଂ ଟେକ୍ନୋଲୋଜି ଅଫିସର ଅରୁଣ ବିଜୟ କୁମାର, ଡ୍ରିମ୍ ମନିର ଉପାଧ୍ୟକ୍ଷ (ପ୍ରଡକ୍ଟ ଏବଂ ରେଭେନ୍ୟୁ) ନୈତିକ ଶାହ, ଆଇଡିଏଫସିର ପୂର୍ବତନ ଚିଫ୍ ରିସ୍କ ଅଫିସର ଏବଂ ଆଇଆସିଆଇ ବ୍ୟାଙ୍କର ପୂର୍ବତନ ବରିଷ୍ଠ ନେତା ପାରାଗ ଶାହ ଏବଂ ଏଚଡିଏଫସି ବ୍ୟାଙ୍କ ଓଡ଼ିଶାର ଉପାଧ୍ୟକ୍ଷ ଅନନ୍ତ ପଟ୍ଟନାୟକ ଉପସ୍ଥିତ ରହିବେ। ଏହି ଅବସରରେ ବିର୍ଲା ଗ୍ଲୋବାଲ୍ ୟୁନିଭର୍ସିଟିର କୁଳପତି ପ୍ରଫେସର କୁଳଭୂଷଣ ବଲୁନୀ କହିଛନ୍ତି, "ବିଜିୟୁ ର ବ୍ୟାଙ୍କର୍ସ କନକ୍ଲେଭ ଶିଳ୍ପ ଏବଂ ଶିକ୍ଷାଜଗତ ମଧ୍ୟରେ ସଂଲାପ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଂଚ। ଏହାଦ୍ୱାରା ଉଦୟମାନ ପ୍ରବୃତି, ଚ୍ୟାଲେଞ୍ଜ ଓ ସୁଯୋଗ ଉପରେ ମତବିନିମୟ ସମ୍ଭବ ହେବ। ଏପରି କାର୍ଯ୍ୟକ୍ରମଗୁଡ଼ିକ ଆର୍ଥିକ ପରିବେଶକୁ ସୁଦୃଢ଼ କରିବା ସହିତ ଭବିଷ୍ୟତ ପେଶାଜୀବୀ ମାନଙ୍କୁ ପ୍ରସ୍ତୁତ କରେ।" ଏହି ପ୍ରୟାସର ଗୁରୁତ୍ୱ ଉପରେ ଆଲୋକପାତ କରି ବିର୍ଲା ସ୍କୁଲ୍ ଅଫ୍ କମର୍ସର ଡିନ୍ ପ୍ରଫେସର ପ୍ରଦୀପ୍ତ କୁମାର ସାନ୍ୟାଲ କହିଛନ୍ତି, "ଫିନ୍‌ଟେକ୍ ବ୍ୟାଙ୍କିଂକୁ ତାହାର ମୂଳ ଭିତିରୁ ପୁନଃନିର୍ମାଣ କରୁଛି – ଏହାକୁ ଅଧିକ ସମାବେଶୀ, ଦକ୍ଷ ଏବଂ ସୁରକ୍ଷିତ କରୁଛି। ବ୍ୟାଙ୍କର୍ସ କନକ୍ଲେଭ ଶିଳ୍ପ ଓ ଶିକ୍ଷାଜଗତକୁ ଏକାଠି କରି ଭବିଷ୍ୟତ ବ୍ୟାଙ୍କିଂ ପାଇଁ ଦାୟିତ୍ୱଶୀଳ ପଥ ଗଢ଼ିବାରେ ସାହାଯ୍ୟ କରିବ।" ବ୍ୟାଙ୍କର୍ସ କନକ୍ଲେଭ ପରି ପଦକ୍ଷେପ ମାଧ୍ୟମରେ ବିର୍ଲା ଗ୍ଲୋବାଲ୍ ୟୁନିଭର୍ସିଟି ଶିକ୍ଷାଜଗତ ଓ ଶିଳ୍ପ ମଧ୍ୟରେ ଅର୍ଥପୂର୍ଣ୍ଣ ସହଯୋଗକୁ ପ୍ରୋତ୍ସାହିତ କରୁଛି। ଏହା ଉଦୟମାନ ଚ୍ୟାଲେଞ୍ଜ ଓ ସୁଯୋଗ ଉପରେ ସଚେତନ ଆଲୋଚନାକୁ ବଢ଼ାଇ ଭାରତର ବିକାଶଶୀଳ ଆର୍ଥିକ ପରିବେଶ ପାଇଁ ଜ୍ଞାନଭିତିକ ନେତୃତ୍ୱ, ଦାୟିତ୍ୱଶୀଳ ନବୀନତା ଏବଂ ଭବିଷ୍ୟତ-ସଜାଗ ପେଶାଜୀବୀ ତିଆରି କରିବା ପ୍ରତି ୟୁନିଭର୍ସିଟିର ପ୍ରତିବଦ୍ଧତାକୁ ସୁନିଶ୍ଚିତ କରେ।

# ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀଙ୍କ ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍ଘାଟିତ

ନୂଆପଡ଼ା, ୨୮/୧ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡିଆଳ ସ୍ଥିତ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀଙ୍କ ଆତ୍ମ ସୁରକ୍ଷା ତାଲିମ୍ ଶିବିର ଆଜି ଉଦ୍ଘାଟିତ ହୋଇଯାଇଛି। ଆଜିର ଉଦ୍ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଖଡିଆଳ ଥାନାଧିକାରୀ ସୁମନ୍ତ କୁମାର ନାଏକ ଯୋଗ ଦେଇ ମହିଳା ମାନେ ଆତ୍ମ ରକ୍ଷା ପାଇଁ ବିଭିନ୍ନ ରଣ କୌଶଳ ଜାଣିବା ସହ ସଚେତନ ହୋଇ ନିର୍ଭିକ ରହିବାକୁ ପରାମର୍ଶ ଦେଇଥିଲେ। ଆଜିର ଏହି ଉଦ୍ଘାଟନୀ ସଭାରେ ବିଦ୍ୟାଳୟର ଅଧ୍ୟକ୍ଷା ସସ୍ମିତା ପ୍ରଭା ସାମଲ ଅଧ୍ୟକ୍ଷତା କରିଥିବା ବେଳେ ଥାନା ଏଏସଆଇ ଯୋଗେଶ ସୁନା, କ୍ରୀଡା ଶିକ୍ଷକ ସୁଜିତ କୁମାର ପାତ୍ର, ଅଧ୍ୟାପକ କଳ୍ପଶ୍ରୀ ଆଚାର୍ଯ୍ୟ, ମାଷ୍ଟର ତାଲିମଦାତା ନିଳୀମା ରାଣୀ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଶିବିର ଆଜି ଠାରୁ ଆସନ୍ତା ଫେବୃଆରୀ ୪ ତାରିଖ ପର୍ଯ୍ୟନ୍ତ ୯ ଦିନ ବ୍ୟାପୀ ଅନୁଷ୍ଠିତ ହେବ। ୨୦୦ ରୁ ଊର୍ଦ୍ଧ୍ୱ ଛାତ୍ରୀଙ୍କୁ ତାଲିମ ପ୍ରଦାନ କରାଯିବ।

# କପିଳେଶ୍ୱର ମନ୍ଦିରରେ ହିନ୍ଦୁ ସମ୍ମିଳନୀ

ଜୟପୁର, ୨୮/୧ (ନି.ପ୍ର): କୋରାପୁଟ ଜିଲ୍ଲା କୋଲାବନଗର ବଜରଙ୍ଗ ଦଳ ଆନୁକୂଲ୍ୟରେ ସ୍ଥାନୀୟ କପିଳେଶ୍ୱର ମନ୍ଦିର ପରିସରରେ ହିନ୍ଦୁ ସମ୍ମିଳନୀ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ତଥା ମୁଖ୍ୟ ବକ୍ତା ଭାବେ କୋରାପୁଟ କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟ ର ପ୍ରଫେସର ଡକ୍ଟର ଭରତ ପଣ୍ଡା, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଙ୍ଘର ଜିଲ୍ଲା ସମ୍ପର୍କ ପ୍ରମୁଖ ଯୋଗ ଦେଇଥିବା ବେଳେ କୋରାପୁଟ ଖଣ୍ଡ ର ଖଣ୍ଡ କାର୍ଯ୍ୟ ବାହକ ରଞ୍ଜନ କୁମାର ବେହେରା, ସ୍ଥାନୀୟ କପିଳେଶ୍ୱର ମନ୍ଦିର ଉପସଭାପତି ତଥା ବରିଷ୍ଠ ନାଗରିକ ସିମାଚଂଳ ନାହାକ, ବଡକେରେଙ୍ଗା ପଂଚାୟତର ହିନ୍ଦୁ ଜାଗରଣ ସମିତି ସଭାପତି ବି ଭି ପ୍ରସାଦ ରାଓ ଓ ଦେବୀଘାଟ ପଂଚାୟତ ର ହିନ୍ଦୁ ଜାଗରଣ ସମିତି ସଭାପତି ପ୍ରଦୀପ ପ୍ରଧାନ ପ୍ରମୁଖ ମଂଚାସୀନ ହୋଇ ନିଜ ନିଜର ଅଭିଭାଷଣରେ ହିନ୍ଦୁ ଜାଗରଣର ସୂତ୍ର ପ୍ରଦାନ କରିଥିଲେ। ଶେଷରେ ପ୍ରଫେସର ପଣ୍ଡା ବହୁ ସମୟ ଧରି ହିନ୍ଦୁ ସନାତନୀ ମାନଙ୍କୁ ସୁଜାଗରଣ, ସ୍ୱଦେଶୀ, କୁଟୁମ୍ବ ପ୍ରବୋଧନ, ପର୍ଯ୍ୟାବରଣ ଓ ହିନ୍ଦୁ ସନାତନୀଙ୍କ କର୍ତବ୍ୟ ଏହିପରି ପଂଚ ପରିବର୍ତନ ସହିତ ହିନ୍ଦୁ ସନାତନ, ସଂସ୍କୃତି, ଧର୍ମ, ସାମାଜିକ ଏକତା ର ଚେତନା ପ୍ରଦାନ କରିଥିଲେ। ଏହି ସମ୍ମିଳନୀଟିରେ ଆଖପାଖ ଅଂଚଳର ହଜାରେରୁ ଅଧିକ ହିନ୍ଦୁ ସମାଜର ମହିଳା, ପୁରୁଷ ଏକତ୍ରିତ ହୋଇଥିଲେ କ୍ଷ ଉକ୍ତ ସମିଳନୀରେ ଅନ୍ନ ପ୍ରସାଦ ହୋଇଥିବା ବେଳେ ଅଜିତ କୁମାର ଦଳେଇ, ମଙ୍ଗଳୁ ଚରଣ ପଣ୍ଡା, ପ୍ରଦୀପ ଦଳେଇ, ଟିଂଟୁ ସ୍ୱାଇଁ, ନରେଶ ଖିଲ ଓ ଭକ୍ତ ରାମ ଖିଲ ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# କୃଷି ଓଡିଶା ୨୦୨୬ ବୁଲିଲେ କେନ୍ଦୁଝର ଚାଷୀ

କେନ୍ଦୁଝର, ୨୮/୧ (ନି.ପ୍ର): ଭୁବନେଶ୍ୱରରେ ଆୟୋଜିତ କୃଷି ଓଡ଼ିଶା-୨୦୨୬ ମେଳା ବୁଲି ଦେଖୁଲେ କେନ୍ଦୁଝର ବ୍ଲକର ୧୮ ଜଣ ଚାଷୀ। ଚଳିତ ମାସ ଜାନୁଆରୀ ୨୨ରୁ ୨୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ କୃଷି ଓଡ଼ିଶା ମେଳାକୁ ଆତ୍ମା ଯୋଜନାରେ କୃଷି ସୂଚନା ପରାମର୍ଶ କେନ୍ଦ୍ର କେନ୍ଦୁଝର ବ୍ଲକ ତରଫରୁ ୧୮ ଜଣ ଚାଷୀ ଅନ୍ତରାଜ୍ୟ ପରିଭ୍ରମଣରେ ଯାଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ କେନ୍ଦୁଝର ବ୍ଲକ କୃଷି ଅଧିକାରୀ ସୁଶାନ୍ତ ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ସହକାରୀ ବୈଷୟିକ ପରିଚାଳକ ଶିବଶଙ୍କର ମିଶ୍ରଙ୍କ ତତ୍ୱାବଧାନରେ ଚାଷୀଗଣ ଭୁବନେଶ୍ୱର ମେଳାକୁ ଯାତ୍ରା କରିଥିଲେ। ସେଠାରେ ଚାଷୀଗଣ ବ୍ୟାଗ୍ ଟୋପି ଆଦି ପ୍ରାପ୍ତ କରି ବିଭିନ୍ନ ଜିଲ୍ଲାରୁ ସଜ୍ଜିତ ହୋଇଥିବା ପ୍ରକଳ୍ପଗୁଡ଼ିକୁ ଆନନ୍ଦରେ ପରିଦର୍ଶନ କରି ଜ୍ଞାନ ଅର୍ଜନ କରିବାର ସୁଯୋଗ ପାଇଥିଲେ। ଏହାକୁ ଚାଷୀମାନେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ବର୍ଣ୍ଣନା କରିଥିଲେ।

# ଆଗ୍ରୀଆ ମହୋତ୍ସବ ଉଦ୍‌ଯାପିତ

ବେତନଟୀ, ୨୮/୧(ନି.ପ୍ର) : ବେତନଟୀ ବ୍ଲକ୍ ଆଗ୍ରିଆସ୍ଥିତ ବୀଣାପାଣୀ ଯୁବକ ସଂଘର ୨୩ ବର୍ଷ ପୂର୍ତ୍ତି ଉପଲକ୍ଷେ ଗତ ଶୁକ୍ରବାର ଠାରୁ ଆରମ୍ଭ ହୋଇଥିବା ଆଗ୍ରିଆ ମହୋତ୍ସବ ମଙ୍ଗଳବାର ରାତିରେ ଉଦ୍ ?ଯାପିତ ହୋଇଯାଇଛି । ଏହି ମହୋତ୍ସବରେ ସଂଗୀତ ଓ ନୃତ୍ୟ, ତର୍କ, ସାଧାରଣ ଜ୍ଞାନ, ଗଳ୍ପ ଲିଖନ ଭଳି ବହୁ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀଙ୍କ ସହ ବିଶିଷ୍ଟ ସମାଜସେବୀ,ଧର୍ମ ରକ୍ଷା ,ଖେଳ, ବୃକ୍ଷରୋପଣ, ସାମାଜିକ କାର୍ଯ୍ୟ, ଅଙ୍ଗନବାଡି ଦିଦି,ସଂଗୀତ ମାନଙ୍କୁ ଶେଷ ସନ୍ଧ୍ୟାରେ ପୁରସ୍କୃତ ଓ ସମ୍ବର୍ଦ୍ଧିତ କରାଯାଇଥିଲା । ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବରେ ଓଡ଼ିଶା ଚଳଚ୍ଚିତ୍ର ର ସୁପରଷ୍ଟାର ଓ ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ଯୋଗଦାନ କରି ସଙ୍ଗୀତ ରେ ଦର୍ଶକ ମାନଙ୍କୁ ଝୁମିଥିଲେ। ସମ୍ମାନୀତ ଅତିଥି ଭାବରେ ବଡ଼ସାହି ବିଧାୟକ ସନାତନ ବିଜୁଳି, ସରପଞ୍ଚ ମିନତି ସିଂ, କ୍ଲବର ସଭାପତି ଶିବନାରାୟଣ ଘୋଷ, ସମ୍ପାଦକ ଜୀବନ କୁମାର ପରିଡ଼ା ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷକ ଅନୁକୂଳ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ସେହିପରି ଶେଷ ରାତିରେ କଟକର ଏଟ୍ରାସ୍କନ୍ ଲାଇଭ୍ ମେଲୋଡି ଗ୍ରୁପ୍ ପକ୍ଷରୁ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିସହ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଯୁବକ ସଂଘର ପ୍ରମୋଦ ନାୟକ, ଜିତେନ୍ଦ୍ର ପରିଡ଼ା, ବ୍ରହ୍ମାନନ୍ଦ ପରିଡ଼ା, ରଞ୍ଜନ ପରିଡ଼ା, ଚନ୍ଦନ ଦାସ, ଚନ୍ଦନ ସେଠୀ, ରଞ୍ଜିତ ବାରିକ, ଶ୍ରୀଧର ଦେହୁରୀ, ତପସ୍ୱୀ ରାଉତ, ପ୍ରଦୀପ ଦାସ, ସୁମନ୍ତ ପରିଡ଼ା, ବିରୋକିଶୋର ବିଶ୍ୱାଳ, ବିକାଶ ଦାସ, ଦିଲ୍ଲୀପ ମହାନ୍ତି, ଅରୁପ ରଞ୍ଜୀନ ଲେଙ୍କା, ରାକେଶ ମହାନ୍ତ, କେଶବ ନାଥ, ସୁଶାନ୍ତ ପରିଡ଼ା, ହରିଶ ପ୍ରଧାନ, ଯଶୋବନ୍ତ ମହାନ୍ତି, ସୁଶାନ୍ତ ଭାଇ, ପ୍ରକାଶଜ୍ୟୋତି ପ୍ରଧାନ, ସଞ୍ଜୀବ କୁମାର ଜେନା, ଅଶୋକ ବେହେରା, ସୁଶାନ୍ତ ବାରିକ, ବିଶ୍ୱଜିତ ପରିଡ଼ା, ସୁଜିତ ଜେନା, ପିତବାସ ଦେହୁରୀ, ଇନ୍ଦ୍ରଜିତ ଓଝା, ବିକ୍ରମ ନାଥ, ସରୋଜ ଦେହୁରୀ, ତରଣୀ ପଣ୍ଡିତ, ହିମାଂଶୁ ପଣ୍ଡିତ, ନରୋତ୍ତମ ମହାନ୍ତ, ସୁଜିତ ଜେନା, ବିଜୟ ଜେନା, ଶୁଭମ୍ ନାୟକ, ନରେନ୍ଦ୍ର ପରିଡ଼ା, ମନୋରଞ୍ଜନ ରାଉତ, ପ୍ରଦୀପ ଜେନା, ଜିତେଶ ନାୟକ, ଧୀରଜ ସାହାଣୀ, ଅଜିତ ବେହେରା, ଭବାନୀଶଙ୍କର ପରିଡ଼ା, ସତ୍ୟପ୍ରିୟ ପ୍ରଧାନ, ରବୀନ୍ଦ୍ର ମହାନ୍ତି, ଯୁବ ସଂଗଠକ ଚନ୍ଦ୍ର ଶେଖର ବେରା ପ୍ରମୁଖ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ।

# ରେଳଧାରଣା କଡରୁ ଖଣ୍ଡବିଖଣ୍ଡିତ ଅବସ୍ଥାରେ ଯୁବକର ମୃତଦେହ ଉଦ୍ଧାର

ଧର୍ମଶାଳା, ୨୮/୧ (ନି.ପ୍ର): ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅଂଚଳରେ ଅଘଟଣ । ରେଳଧାରଣା ନିକଟରୁ ଖଣ୍ଡବିଖଣ୍ଡିତ ମୃତଦେହ ଉଦ୍ଧାର ହୋଇଛି । ମୃତ ଯୁବକ ଜଣକ ହେଲେ ସ୍ଥାନୀୟ ବାଲିଚନ୍ଦ୍ରପୁର ଅଂଚଳର ଗୌରାଙ୍ଗ ଦାସଙ୍କ ପୁଅ କାଳିଆ ବୋଲି ଜଣାପଡିଛି । ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲା ହରିଦାସପୁର-ପାରାଦୀପ ରେଳପଥ ବାଲିଚନ୍ଦ୍ରପୁର ନିକଟରେ । ଆଜି ରେଳଧାରଣା କଡରେ ଖଣ୍ଡବିଖଣ୍ଡିତ ଅବସ୍ଥାରେ ଏକ ମୃତଦେହ ପଡିଥିଲା । ସ୍ଥାନୀୟ ଲୋକେ ଏହାକୁ ଦେଖି ଜିଆରପି ପୁଲିସକୁ ଖବର ଦେଇଥିଲେ । ଜିଆରପି ପୁଲିସ ଘଟଣାସ୍ଥଳରେ ପଂହଚି ଶବ ଜବତ କରିବା ସହ ଘଟଣାର ତଦନ୍ତ ଚଳାଇ ଶବ ବ୍ୟବଚ୍ଛେଦ ପାଇଁ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦେଇଥିଲା । ସେପଟେ ଏହି ଖବର ପ୍ରଚାରିତ ହେବା ପରେ ଗୌରାଙ୍ଗଙ୍କ ପରିବାର ମୃତଦେହକୁ ଦେଖିବା ପରେ ମୃତଦେହ ଚିହ୍ନଟ ହୋଇଥିଲା । ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି ।

# ମାର୍ଶାଘାଇରେ ମିଳିତ ଜନ ଶୁଣାଣି ଶିବିର

କେନ୍ଦ୍ରାପଡ଼ା, ୨୮/୧ (ନି.ପ୍ର): ମାର୍ଶାଘାଇ ବ୍ଲକ ଠାରେ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଆଜିର ଶିବିରରେ ମୋଟ ୫୮ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା, ସେଥିମଧ୍ୟରୁ ୫୦ଟି ବ୍ୟକ୍ତିଗତ ଏବଂ ୮ଟି ସାମୁହିକ ଅଭିଯୋଗ ପଞ୍ଜିକୃତ ହୋଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୪ଜଣଙ୍କୁ ୨୮ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ୫ଟି ଅଭିଯୋଗର ତୁରନ୍ତ ସମାଧାନ ହୋଇଥିଲା। ପଞ୍ଜିକୃତ ଅଭିଯୋଗଗୁଡିକରେ ତୁରନ୍ତ ସମାଧାନ କରିବାକୁ ଜିଲ୍ଲାପାଳ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପରେ ଜିଲ୍ଲାପାଳ ପୂର୍ବରୁ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିରରେ ପଞ୍ଜିକୃତ ହୋଇଥିବା ଅଭିଯୋଗଗୁଡ଼ିକ ସମୀକ୍ଷା କରିଥିଲେ। ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ରଘୁରାମ ଆର୍ଆୟର, ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କୋଟାରିଆ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଜ୍ୟୋତିରଞ୍ଜନ ଗୌଡ଼ ସମେତ ମାର୍ଶାଘାଇ ବିଡ଼ିଓ ତହସିଲଦାର ଏବଂ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଭଦ୍ରକରେ କିଟ୍ କିସ୍ ପକ୍ଷରୁ ମିନି ମାରାଥନ

ଭଦ୍ରକ, ୨୮/୧ (ନି.ପ୍ର): କିଟ୍ ଓ କିସ୍ ପକ୍ଷରୁ ଚଳିତ ବର୍ଷ ଶିକ୍ଷା ସମସ୍ତଙ୍କ ପାଇଁ ସମ୍ପର୍କ ରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏକ ମିନି ମାରାଥନ ଭଦ୍ରକରେ ଅନୁଷ୍ଠିତ ହୋଇଛି। ଏହି ମିନି ମାରାଥନ ଭଦ୍ରକ ସହରସ୍ଥିତ ମହତାବ ଛକ ଠାରୁ ଆରମ୍ଭ ହୋଇ ଐତିହାସିକ ଗାନ୍ଧୀ ପଡିଆ ଠାରେ ଶେଷ ହୋଇଥିଲା। ଏହି ମାରାଥନ କାର୍ଯ୍ୟକ୍ରମକୁ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିବା ସହିତ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ତେବେ ଶିକ୍ଷା ଏକ ଜୀବିକା ନୁହେଁ ଶିକ୍ଷା ହେଉଛି ଏକ ସଂସ୍କାର ରୁପି ଜ୍ଞାନ। ତେଣୁ ଏହାକୁ ଆହରଣ ସମସ୍ତେ କରନ୍ତୁ ବୋଲି ଜିଲ୍ଲାପାଳ କହିଛନ୍ତି।ଏଥିରେ ଦୁଇ ଶହ ପଚାଶରୁ ଅଧିକ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ ମାନଙ୍କ ସହିତ କ୍ରୀଡ଼ାବିତ ମାନେ ଯୋଗ ଦେଇଥିଲେ। ପରେ ଐତିହାସିକ ଗାନ୍ଧୀ ପଡିଆ ଠାରେ ଏକ ଉଦଯାପନୀ ସଭା ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ବୈକୁଣ୍ଠ ବିଶ୍ୱାଳଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି ଉଦଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ଡେପୁଟି କଲେକ୍ଟର କାର୍ତିକ ନାଥ ମଣ୍ଡଳ, ମୁଖ୍ୟ ବକ୍ତା ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଏସପି ଅରୂପ ଅଭିଷେକ ବେହେରା, ପ୍ରଫେସର କମଳାକାନ୍ତ ସ୍ୱାଇଁ, ଅଧ୍ୟାପକ ଶୁଭେନ୍ଦୁ ବରାଳ, ଶିକ୍ଷାବିତ ପ୍ରଦୀପ ପଣ୍ଡା, ଯୁବ ସମାଜସେବୀ ସ୍ୱାଧୀନ ସୁନ୍ଦର ଦାସ ପ୍ରମୁଖ ଯୋଗଦେଇ ଶିକ୍ଷାର ବିକାଶ ପାଇଁ ନିରନ୍ତର ଭାବେ ଉଦ୍ୟମ ଜାରି ରଖିଥିବା କିଟ କିସ ର ପ୍ରତିଷ୍ଠାତା ଡଃ. ଅଚ୍ୟୁତ ସାମନ୍ତ ବାସ୍ତବରେ ଜଣେ ଆଦର୍ଶ ବ୍ୟକ୍ତିତ୍ୱ ବୋଲି କହିବା ସହିତ ଅର୍ଥ ଅଭାବରୁ ଯେପରି କୌଣସି ପିଲା ଶିକ୍ଷରୁ ବଂଚିତ ନ ହୁଅନ୍ତି ସେଥିପାଇଁ ସେ ଯେଉଁଭଳି ଉତ୍ସର୍ଗୀକୃତ ମନୋଭାବ ନେଇ ସାରା ଓଡିଶାରେ କାର୍ଯ୍ୟ କରୁଛନ୍ତି ତାହା ବାସ୍ତବିକ ବିଶ୍ୱ ରେ ବିରଳ ବୋଲି କହି ଡଃ. ସାମନ୍ତଙ୍କ ବହୁମୁଖୀ ସେବାମୂଳକ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଶେଷରେ ସବୁ ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ଅତିଥି ମାନେ ଜାତିର ପିତା ମହାତ୍ମା ଗାନ୍ଧୀ ଓ ଉତ୍କଳ କେଶରୀ ଡଃ. ହରେକୃଷ୍ଣ ମହତାବଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଉଦଯାପନୀ କାର୍ଯ୍ୟକ୍ରମକୁ ସାମ୍ବାଦିକ ନରେନ୍ଦ୍ର ସାମଲ ସଂଯୋଜନା କରିଥିଲା ବେଳେ ମିନି ମାରାଥନର ଆଭିମୁଖ୍ୟ ବିଷୟ କିଟ ର ଉପ ଉନ୍ନୟନ ଅଧିକାରୀ ସୂର୍ଯ୍ୟ ନାରାୟଣ ମହାନ୍ତି କହିଥିଲେ। ବିଭିନ୍ନ କାର୍ଯ୍ୟକ୍ରମକୁ କିଟ ର ଉପ ଉନ୍ନୟନ ଅଧିକାରୀ ଦୀପକ କୁମାର ବେହେରା, ସଞ୍ଜୀୟ ନାୟକ, ଗଣେଶ ପ୍ରସାଦ ମହାନ୍ତି, ଜୟନ୍ତ ବାରିକ, ଗଙ୍ଗାଧର ଦାସ ପ୍ରମୁଖ ପରିଚାଳନା କରିଥିଲେ।

## ଧାରାବାହିକ:

ଭାଗ-୩୦

# ସଂକ୍ଷିପ୍ତ ଭାଗବତ କଥାମୃତ

### ୧୦ମ ସ୍କନ୍ଧ, ଗୋପଲୀଳା



ଡ. ଶ୍ରୀହରି ପଣ୍ଡା



### ୬୩ ଅଧ୍ୟାୟ, (ବାଣା ପରାଜୟ)

ଶ୍ରୀ ଶୁକଦେବ କହିଲେ, ଅନିରୁଦ୍ଧ ନିଜ ଶୟନ କକ୍ଷରୁ ଅନ୍ତର୍ଦ୍ଧାନ ପରେ ଦ୍ୱାରକାବାସୀ ଚତୁର୍ଦ୍ଦିଗରେ ଖୋଜାଖୋଜି କରି ନିରାଶ ହୋଇପଡିଲା ବେଳେ ଦେବର୍ଷି ନାରଦ ଆସି ସେଠାରେ ପହଞ୍ଚି ପ୍ରଭୁ ଶ୍ରୀକୃଷ୍ଣ ଓ ବଳରାମଙ୍କୁ ଶୋଣିତପୁରରେ ଅନିରୁଦ୍ଧ ବାଣାସୁର ଦ୍ୱାରା ବନ୍ଦୀ ହୋଇଥିବାର ସମ୍ବାଦ ଦେଲେ । ଉଭୟେ ଏହି ସମ୍ବାଦ ଶୁଣି କ୍ରୋଧରେ ଦ୍ୱାଦଶ ଅକ୍ଷୌହିଣୀ ସୈନ୍ୟଙ୍କୁ ନେଇ ଶୋଣିତପୁର ଆକ୍ରମଣ କଲେ । ଏହା ଦେଖି ବାଣାସୁର ନିଜର ଇଷ୍ଟ ସଦାଶିବଙ୍କୁ ଅନିରୁଦ୍ଧର ଶୋଣିତପୁର ପ୍ରବେଶ କାରଣରୁ ବନ୍ଦୀକରିଥିବା କାରଣରୁ ରାମକୃଷ୍ଣ ଶୋଣିତ ପୁର ଆକ୍ରମଣ କରୁଥିବା କଥା ଜଣାଇବାରୁ ଭଗବାନ ଶଙ୍କର ବାଣାର ସହାୟତା ପାଇଁ ନିଜର ରୁଦ୍ରଗଣଙ୍କ ସହ ଆସି ରାମକୃଷ୍ଣଙ୍କର ପଥ ଅବରୋଧ କରିବାରୁ ଭୟଙ୍କର ଯୁଦ୍ଧ ହେଲା । ହରିହରଙ୍କ ମଧ୍ୟରେ ଯୁଦ୍ଧକୁ ସମସ୍ତ ଦେବଗଣ ଓ ନାରଦ ଉପଭୋଗ କଲେ । ଯୁଦ୍ଧରେ ଶଙ୍କର ପାଶୁପତ ଅସ୍ତ୍ର ପ୍ରୟୋଗ କରିବାରୁ ଶ୍ରୀକୃଷ୍ଣ ନିଜର ଚକ୍ର ଦ୍ୱାରା ପ୍ରତିହତ କରି ମୋହନାୟ ଅସ୍ତ୍ର ପ୍ରୟୋଗ ଦ୍ୱାରା ଭଗବାନ ଶଙ୍କରଙ୍କୁ ଅଚେତନ କରାଇ ଶୋଣିତପୁରରେ ପ୍ରବେଶ କଲେ । କୁମାର କାର୍ତ୍ତିକେୟ ଶ୍ରୀକୃଷ୍ଣ ପୁତ୍ର ପ୍ରଦ୍ୟୁମ୍ନଙ୍କ ଦ୍ୱାରା ପରାଜିତ ହେଲେ । ବାଣାସୁରର ସେନାପତି ବଳରାମଙ୍କ ଦ୍ୱାରା ପରାଜିତ ହେବାରୁ ବାଣାସୁରର ସୈନ୍ୟ ଛତ୍ରଭଙ୍ଗ ଦେଲେ । ସାତ୍ୟକୀଙ୍କ ସହ ଯୁଦ୍ଧ କରୁଥିବା ବାଣାସୁର ନିଜ ସୈନ୍ୟଙ୍କର ପଳାୟନ ଦେଖି ମହାକ୍ରୋଧରେ ଶ୍ରୀକୃଷ୍ଣଙ୍କ ସମ୍ମୁଖୀନ ହେଲା ଓ ଏକାଥରେ ପଚାଶ ଧନୁରୁ ଶର ବର୍ଷଣ କରିବାକୁ ଲାଗିଲା । ଭଗବାନ ଶ୍ରୀକୃଷ୍ଣ ତାର ସମସ୍ତ ଶରକୁ ଛେଦନ କରିବା ସହ ଏକକାଳୀନ ଅଶ୍ୱ, ସାରଥୀ ଓ ରଥକୁ ଛେଦନ କରିପକାଇବାରୁ ବାଣାସୁର ଭୂମିରେ ନିପତିତ ହେଲା । ଦେବଗଣ ଶଙ୍ଖ ବଜାଇବାରୁ ବାଣା ପ୍ରଚଣ୍ଡ କ୍ରୋଧ ପ୍ରକାଶ କରି ନିଜର ବିଭତ୍ସ ରୂପର ପ୍ରଦର୍ଶନ ପୂର୍ବକ ଭୂମିରେ ମସ୍ତକ ଲଗାଇ ଚାଲିଲା । ଭଗବାନ ଶ୍ରୀକୃଷ୍ଣ ଏହା ଦେଖି ଲଜ୍ଜିତ ହୋଇ କିଛି ସମୟ ଅସ୍ତ୍ର ବିରତି ନେଲେ । ଫଳରେ ବାଣା ସମୟ ପାଇଯାଇ ପାନଭୋଜନ ଦ୍ୱାରା ଶରୀରକୁ ପୁଷ୍ଟ କଲା । ଭଗବାନ ଶଙ୍କର ଏହି ସମୟରେ ଚେତାପାଇ ତ୍ରିଶିର ଓ ତ୍ରିପାଦ ବିଶିଷ୍ଟ ରୁଦ୍ରଜ୍ୱରକୁ ପ୍ରୟୋଗ କଲେ ଫଳରେ ଶ୍ରୀକୃଷ୍ଣ ନିଜ ଶରୀରରୁ ବିଷ୍ଣୁ ଜ୍ୱରକୁ ରୁଦ୍ରଜ୍ୱର ବିରୁଦ୍ଧରେ ପ୍ରୟୋଗ କଲେ । ଶିବଜ୍ୱର ଶକ୍ତିହୀନ ହୋଇ ବିଷ୍ଣୁଜ୍ୱରରେ ଶରଣ ପଶିବାରୁ ଶ୍ରୀକୃଷ୍ଣ ତାକୁ ଅଭୟ ଦେଇ ଯୁଦ୍ଧଭୂମିରୁ ଅପସରି ଯିବାକୁ ଆଜ୍ଞା ଦେଲେ ଏବଂ ଏହି ସମ୍ବାଦ ପଢିବା ବା ଶୁଣିବା ବ୍ୟକ୍ତିକୁ ଜରରୋଗରେ ପୀଡିତ ନହେବାର ବର ପ୍ରଦାନ କଲେ । ବାଣାସୁର ପ୍ରକୃତିସ୍ଥ ହୋଇ ନୂତନ ଉତ୍ସାହରେ ପୁଣି ଯୁଦ୍ଧ ଆରମ୍ଭ କଲା । ସେ ସହସ୍ର ହସ୍ତରେ ବାଣ ବର୍ଷଣ କରିବାରୁ ପ୍ରଭୁ ନିଜ ଚକ୍ର ସାହାଯ୍ୟରେ କେବଳ ବାମ ଓ ଦକ୍ଷିଣ ଭୁଜ ବ୍ୟତୀତ ଅନ୍ୟ ବାହୁଗୁଡିକୁ କାଟିପକାଇଲେ । ଏହାଦେଖି ଭଗବାନ ଶଙ୍କର ଯୋଡ ହସ୍ତରେ ପ୍ରାର୍ଥନା କରି କହିଲେ, ପ୍ରଭୁ ଏହି ବାଣାସୁର ମୋର ଭକ୍ତ, ସେ ମୋତେ କଠୋର ତପସ୍ୟା ଦ୍ୱାରା ପ୍ରସନ୍ନ କରି ଅଭୟ ପ୍ରାପ୍ତ ହୋଇଛି । ମୁଁ ଆପଣଙ୍କର ସେବକ, ଏଣୁ ଏ ସେବକର ମାନ ରକ୍ଷାକର । ବାଣାର ଅପରାଧ କ୍ଷମାକର । ମହାଦେବଙ୍କ ପ୍ରାର୍ଥନାରେ ଶ୍ରୀକୃଷ୍ଣ ସନ୍ତୁଷ୍ଟ ହୋଇ କହିଲେ, ହେ ଦେବ ! ହରିହର ଏକ ଓ ଅଭିନ୍ନ ; ଏଣୁ ମୁଁ ଅବଶ୍ୟ ତୁମକଥା ପାଳନ କରିବି । ତା'ଛଡା ଏ ମୋର ପରମ ଭକ୍ତ ପ୍ରହ୍ଲାଦଙ୍କ ବଂଶଧର କାରଣରୁ ଅବଧ । ପୂର୍ବରୁ ମୁଁ ବଚନ ଦେଇଛି ଯେ ପ୍ରହ୍ଲାଦ ବଂଶରେ କାହାକୁ ବଧ କରିବି ନାହିଁ, କେବଳ ଏହାର ଗର୍ବ ଭାଙ୍ଗୁଥିଲି । ଏଣୁ ତାର ଚାରିବାହୁ ରଖି ଅନ୍ୟବାହୁ କାଟିଦେଉଛି । ଏହି ପବିତ୍ର ଆଖ୍ୟାନର ବକ୍ତା ଓ ଶ୍ରୋତା ଉଭୟଙ୍କୁ ଅଶେଷ ପୁଣ୍ୟ ପ୍ରାପ୍ତି ହେବ । ଏହାପରେ ବାଣାସୁର ନିଜର କନ୍ୟା ଓ ଜାମାତା ଉଷା ଓ ଅନିରୁଦ୍ଧଙ୍କୁ ସସମ୍ମାନେ ରାମକୃଷ୍ଣଙ୍କୁ ଅର୍ପଣ କରି ନିଜ ଦୋଷ ପାଇଁ କ୍ଷମାପ୍ରାର୍ଥୀ ହେଲା । ରାମକୃଷ୍ଣ ଭଗବାନ ଶଙ୍କରଙ୍କୁ ପ୍ରଣତି ଜଣାଇ ବରକନ୍ୟାକୁ ସାଥିରେ ଧରି ପ୍ରତ୍ୟାବର୍ତ୍ତନ କଲେ ।

### ୬୪ ଅଧ୍ୟାୟ, ( ନୃଗରାଜ ଉପାଖ୍ୟାନ)

ଶ୍ରୀ ଶୁକଦେବ କହିଲେ, ହେ ରାଜା ପରୀକ୍ଷିତ, ଏକଦିନେ ପ୍ରଦ୍ୟୁମ୍ନ, ଶାମ୍ବ ଆଦି ଦ୍ୱାରକାରେ ଯଦୁ କୁମରମାନେ ବନ ମଧ୍ୟରେ ପଶି ନାନାପ୍ରକାର କ୍ରୀଡା କରି ତୃଷାର୍ତ୍ତ ହୋଇପଡିବାରୁ ଜଳର ଅନ୍ୱେଷଣରେ ଏକ ପରିତ୍ୟକ୍ତ କୂପ ନିକଟକୁ ଯାଇ ଦେଖନ୍ତି ତ ତାହା ଭିତରେ ତୃଣ ଗହଳରେ ପର୍ବତ ଏକ ଅଦ୍ଭୂତ ଜୀବ କୃକଳାସ ପଡିଛି । ତାକୁ ଉଦ୍ଧାର କରିବାକୁ ତା ଲାଙ୍ଗୁଳରେ ରଜ୍ଜୁ ବାନ୍ଧି ପ୍ରୟାଶ କଲେ ମଧ୍ୟ ସଫଳତା ପାଇଲେ ନାହିଁ । କୁମାରମାନେ ଏହି କୃକଳାସକୁ ଉଦ୍ଧାର କରିବାକୁ ଅସମର୍ଥ ହୋଇ ଲଜ୍ଜିତ ଓ ଆଶ୍ଚର୍ଯ୍ୟ ହୋଇ ଚିନ୍ତାକଲେ ଆମେ ଶ୍ରୀକୃଷ୍ଣଙ୍କ ବଂଶଜ ହୋଇ ମଧ୍ୟ ଉଠାଇପାରିଲୁ ନାହିଁ । ଏହି କଥା ଲୋକେ ଶୁଣିଲେ ହସିବେ, ସ୍ୱୟଂ ପିତୃବ୍ୟ ମଧ୍ୟ କ'ଣ ଭାବିବେ ? ବଳରାମ ଜାଣିଲେ କ୍ଷୁର୍ଣ୍ଣ ହେବେ । ଅନ୍ତଃପୁର ବଧୂମାନେ ଆମ ଶକ୍ତିକୁ ଧିକ୍କାର କରିବେ । ଏହିପରି ଭାବି ଭାବି ସେମାନେ ଅବଶେଷରେ ଶ୍ରୀକୃଷ୍ଣଙ୍କ ନିକଟରେ ପହଞ୍ଚି ସମସ୍ତ ଘଟଣା ବର୍ଣ୍ଣାନ କଲେ । ଶ୍ରୀକୃଷ୍ଣ ସେହି ଅଦ୍ଭୂତ ଜୀବଟିକୁ ଦେଖିବାକୁ ଯାଇ ଦେଖିଲେ ତାହା ସେହି କୂପରେ ଅର୍ଦ୍ଧ ବଦନ ଏବଂ ଉର୍ଦ୍ଧ୍ୱଲାଞ୍ଜ ହୋଇ ରହିଛି। ସେ ନିଜର ବାମହାତ ବଢାଇ ସେହି କୃକଳାସଟିକୁ ଅବଲୀଳାକ୍ରମେ ଉଦ୍ଧାର କରି ଭୂମିରେ ଥୋଇଦେବାରୁ କୃଷ୍ଣ କର ସ୍ପର୍ଶରେ ସେ ନିଜର କାୟା ପରିବର୍ତ୍ତନ ପୂର୍ବକ ଦିବ୍ୟ, ଜ୍ୟୋତିର୍ମୟ ତନୁ ଧାରଣ କଲା । ସର୍ବଜ୍ଞାତା ଭଗବାନ ସବୁ ଜାଣୀ ସ୍ମିତହାସ ପ୍ରକାଶ କରି ପଚାରିଲେ, ହେ ମାହାତ୍ମା ତୁମେ କିଏ ? ତୁମର ଜ୍ୟୋତି ଏହି ବନଭୂମିର ଶୋଭାବର୍ଦ୍ଧନ କରୁଛି, ତୁମେ ନିଶ୍ଚିତ କେହି ଦେବତୁଲ୍ୟ, ପୁଣ୍ୟଦେହୀ । ଯଦି ତୁମର ଆପତ୍ତି ନଥାଏ ଏ କୂପ ମଧ୍ୟକୁ କିପରି ଆସିଲ ତାହା ନିଃସଙ୍କୋଚରେ କୁହ । ସେହି ସୂର୍ଯ୍ୟତୁଲ୍ୟ ଜ୍ୟୋତିର୍ମୟ ମୁକୁଟ ଧାରୀ ପୁରୁଷ ଶ୍ରୀକୃଷ୍ଣଙ୍କ ଚରଣରେ ମଥା ଲଗାଇ କହିଲା, ହେ ପ୍ରଭୁ ଅନ୍ତର୍ଯ୍ୟାମୀ ଆପଣଙ୍କୁ କଣ ବା ଅଜଣା ? ତଥାପି ଏ ଦାସକୁ ଯଦି ପ୍ରଶ୍ନ କଲେ ତାହାଲେ ମୁଁ କହୁଛି । ମୁଁ ଇକ୍ଷ୍ୱାକୁ ବଂଶ ଜାତ ନୃଗରାଜ । ଦାନନିଷ୍ଠାରେ ମୋର ଶ୍ରଦ୍ଧା ଥିବାରୁ ମହାଦାନୀ ରୂପେ ମୁଁ ଖ୍ୟାତିଲାଭ କରିଥିଲି । ବହୁ ଗୋଦାନ ଦେଇଛି । ମୁଁ ଭୂମିର ଧୂଳିକଣା, ଆକାଶର ନକ୍ଷତ୍ରସମୂହ, ସାଗରର ଲହରୀ ଓ ବର୍ଷାର ବାରିଧାରା ଯେପରି ଅଗଣନୀୟ ସେହିପରି ଅଗଣନୀୟ ମୋର ଦାନ, ଅକଳନୀୟ ମୋର ଗୋଦାନ । ମୁଁ ବାଛି ବାଛି ଅଳ୍ପବୟସ୍କା, ଦୁଗ୍ଧବତୀ ସବତ୍ସା ଧେନୁ ଉପଯୁକ୍ତ ମୂଲ୍ୟ ଦେଇ କ୍ରୟ କରି ତାର ଶୃଙ୍ଗକୁ ସୁବର୍ଣ୍ଣରେ ମଣ୍ଡିତ କରି ଏବଂ ଖୁରାକୁ ରୌପ୍ୟ ଦ୍ୱାରା ଛାଉଣୀ କରି ଉତ୍ତମ, କୁଳଶୀଳ, ବେଦାଧ୍ୟାୟୀ, ବ୍ରହ୍ମଜ୍ଞାନୀ, ଶ୍ରୋତ୍ରିୟ ବ୍ରାହ୍ମଣଙ୍କୁ ଦାନ କରିଛି । ଦୋହନ ନିମିତ୍ତ କାଂସ୍ୟପାତ୍ର, ବସ୍ତ୍ର, ଅଳଙ୍କାର, ଗୋଚାରଣ ନିମିତ୍ତ ଭୂମି, ଗଜ, ତୁରଙ୍ଗ, ଦାସୀକନ୍ୟା, ଧାନ୍ୟାଦି ଶସ୍ୟ, ଉତ୍ତମ ଭୋଜନ, ସୁଖଶଯ୍ୟା ଆଦି ବ୍ରାହ୍ମଣ ଦେବତାଙ୍କୁ ଷଡାର୍ଘ୍ୟରେ ପୂଜାକରିସାରି ଦାନ ପ୍ରଦାନ କରିଛି । କିନ୍ତୁ ହେ ପ୍ରଭୁ, ମୋର ଦୁର୍ଭାଗ୍ୟକୁ ଦିନେ ଅଜ୍ଞାତରେ କିଞ୍ଚିତ ପାପ ଆଚରଣ କରିପକାଇଲି । ଏକଦା ଜଣେ ବ୍ରାହ୍ମଣଙ୍କ ଗାଭୀ ପଥଭ୍ରଷ୍ଟ ହୋଇ ମୋର ଗୋ-ଗୋଷ୍ଠରେ ପ୍ରବେଶ କଲା ଏବଂ ମୁଁ ଜାଣିନପାରି ସେହି ଗାଭୀକୁ ଅନ୍ୟଗାଭୀଙ୍କ ସହ ଦାନ କରିଦେଲି । ଯେଉଁ ବ୍ରାହ୍ମଣ ସେ ଗାଭୀକୁ ଦାନ ଗ୍ରହଣ କଲେ ସେ ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ ସମୟରେ ସେ ଗାଭୀର ପୂର୍ବ ମାଲିକ ତାଙ୍କ ଗାଭୀ ବୋଲି ପ୍ରମାଣ ସହ ଯୁକ୍ତି କଲେ । ଉଭୟେ କଳହ କରି ମୋ ନିକଟକୁ ଆସିବାରୁ ମୁଁ ସେହି ଗାଭୀର ବଦଳରେ ଲକ୍ଷେଗାଭୀ ଦେବାକୁ କହିଲେ ମଧ୍ୟା ସେଥିରେ କେହି ରାଜି ହେଲେନାହିଁ । ମୁଁ ସେ ଗାଭୀକୁ ପୂର୍ବ ମାଲିକକୁ ଫେରାଇଦେଲି । ଦାନଗ୍ରହଣକାରୀ ବ୍ରାହ୍ମଣ ପ୍ରତିଦିନ ଆସି ସେହି ନିର୍ଦ୍ଦିଷ୍ଟ ଗାଭୀକୁ ଦାବୀ କଲେ । ଯେତେ ବୁଝାଇଲେ ବି ସେ ନ ବୁଝି ଅଭିଶାପର ଭୟ ପ୍ରଦର୍ଶନ କଲେ । କିଛିକାଳ ଅନ୍ତେ ମୋର ମୃତ୍ୟୁ ହେବାରୁ ଯମଦୂତମାନେ ମୋତେ ଧରିନେଲେ । ମୋର ପାପପୁଣ୍ୟ ହିସାବରେ କିଞ୍ଚିତ ପାପକୁ ଛାଡିଦେଲେ ପୁଣ୍ୟ ଥିବାରୁ ଯମଦେବ କେଉଁ ଫଳ ପ୍ରଥମେ ଭୋଗ କରିବାକୁ ପଚାରନ୍ତେ ମୁଁ ପାପର ଫଳ ଭୋଗ କରିବାକୁ କହିଲି । ଯମରାଜ ମୋର ବ୍ରହ୍ମସ୍ୱ ହରଣ ପାପରେ ଦୋଷୀ ସ୍ୱରୂପ କୃକଳାସ ହେବାକୁ ଆଦେଶ ଦିଅନ୍ତେ ମୁଁ ପ୍ରାର୍ଥନା କରିବାରୁ କହିଲେ ମାୟା ମନୁଷ୍ୟ ରୂପୀ ଭଗବାନ ଶ୍ରୀକୃଷ୍ଣଙ୍କ କରସ୍ପର୍ଶରେ ତୋର ମୁକ୍ତ ହେବ । ଫଳରେ ମୁଁ ଦୀର୍ଘକାଳରୁ ଆପଣଙ୍କ ସ୍ପର୍ଶର ଅପେକ୍ଷାରେ ଧ୍ୟାନରେ ଥିଲି । ଆଜି ଆପଣଙ୍କ କରସ୍ପର୍ଶରେ ମୋର ଶରୀରର ସମସ୍ତ ପାପ ନଷ୍ଟ ହୋଇଯିବା କାରଣରୁ ଏହି ଦିବ୍ୟ ତନୁ ଧାରଣ କଲି । ହେ ଦୟାମୟ, ଆପଣଙ୍କର କେଉଁ ଭାବରେ ମୁଁ କୃତଜ୍ଞତା ପ୍ରକାଶ କରିବି । ହେ ଦୟାମୟ ଏଥର ମୋତେ ଆଜ୍ଞା ଦିଅନ୍ତୁ ଆପଣଙ୍କ ଗୁଣଗାନ କରି ପୁଣ୍ୟପଥରେ ଅଗ୍ରସର ହୁଏ । ନୃଗରାଜ ବହୁ ସ୍ତୁତି କରି ଭଗବାନଙ୍କ ଶ୍ରୀଚରଣରେ ଭକ୍ତି ନୈବେଦ୍ୟ ଅର୍ପଣ କରି ଦିବ୍ୟ ରଥ ଆରୋହଣ ପୂର୍ବକ ପୁଣ୍ୟପଥରେ ଅଗ୍ରସର ହେଲେ । ଭଗବାନ ଶ୍ରୀକୃଷ୍ଣ ନିଜ ପୁତ୍ରମାନଙ୍କୁ କହିଲେ, ହେ ପୁତ୍ରଗଣ, ବ୍ରହ୍ମସ୍ୱ ହରଣ କିପରି ଗୁରୁତର ଅପରାଧ, ତାହା ସ୍ୱଚକ୍ଷୁରେ ଦେଖିଲ । ଅଜ୍ଞାତରେ କରିଥିବା ମହା ପୁଣ୍ୟବନ୍ତ ରାଜା କିପରି ମହାପାତକ ଅର୍ଜନ କରି କି ପରିଣତି ଭୋଗିଲେ ତାହା ତୁମର ହୃଦୟଙ୍ଗମ ହେଲା ତ ? ଏଣୁ ଏହାକୁ ସତର୍କତାର ସହ ମନେ ରଖିବ । କାରଣ ହଳାହଳ ବିଷକୁ ମନ୍ତ୍ରୌଷଧି ଦ୍ୱାରା ଆୟତ୍ତ କରାଯାଇପାରେ ହେଲେ ବ୍ରହ୍ମସ୍ୱ ହରଣର କୌଣସି ପ୍ରତିକାର ନାହିଁ । ବ୍ରାହ୍ମଣ ହେଉଛନ୍ତି ନରରୂପୀ ନାରାୟଣ । ସେଥିପାଇଁ ବ୍ରାହ୍ମଣ ମୋର ପ୍ରିୟ, ଶ୍ରଦ୍ଧା ଓ ସମ୍ମାନର ଅଧିକାରୀ ।

( କ୍ରମଶଃ )

+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

## ସମ୍ପର୍କର ଗାଁ

# ଗ୍ରାମୀଣ ଜୀବନ, ସୁନ୍ଦର ଜୀବନ



ଶ୍ୱେତା ରାଉତ୍

ଆଜିର ଚକାଚକ୍ୟ ଭରା ସହରୀ ଜୀବନରେ ମଣିଷ ଯେତେ ଆଗକୁ ଯାଉଛି, ସେତେ ଅଧିକ ନିଜ ମୂଳକୁ ଭୁଲିଯାଉଛି। ଉଚ୍ଚ ଅଟ୍ଟାଳିକା, ଯାନବାହନର ଶବ୍ଦ, ଅନବରତ ଦୌଡ଼ ମଧ୍ୟରେ ଆମେ "ବଞ୍ଚୁଛୁ"ବୋଲି ଭାବୁଛୁ, କିନ୍ତୁ ପ୍ରକୃତରେ ଜୀବନକୁ ଅନୁଭବ କରିପାରୁନାହୁଁ। ସେତେବେଳେ ମନେପଡେ ଗାଁ, ଗ୍ରାମୀଣ ଜୀବନ ନିରବ ଭାବେ ଆମକୁ ଡାକେ "ଆସ, ଜୀବନ କ'ଣ ତାହା ଶିଖ।" ଗାଁ ମାନେ କେବଳ ମାଟିର ଘର, କାଦୁଅ ରାସ୍ତା, ଖେତ-ଖଳିଆନ ନୁହେଁ; ଗାଁ ହେଉଛି ଏକ ଜୀବନ ଦର୍ଶନ। ଏଠାରେ ପ୍ରକୃତି ଓ ମଣିଷ ଏକାଠି ବଞ୍ଚନ୍ତି। ସକାଳର ଉଷା ଆଲୋକ ସହିତ ଯେପରି ଚାଷୀର ଦିନ ଆରମ୍ଭ ହୁଏ, ସେହି ଆଲୋକରେ ତାଙ୍କ ମନ ମଧ୍ୟ ପବିତ୍ର ହୋଇଯାଏ। ମାଟିକୁ ସ୍ପର୍ଶ କରି କାମ କରୁଥିବା ମଣିଷ ନିଜକୁ କେବେ ଏକାକୀ ଭାବେ ଅନୁଭବ କରେନାହିଁ।

ଗ୍ରାମୀଣ ଜୀବନର ସବୁଠାରୁ ବଡ଼ ସୌନ୍ଦର୍ଯ୍ୟ ହେଉଛି ସମ୍ପର୍କ। ଏଠାରେ ଲୋକେ ଦ୍ୱାର ବନ୍ଦ କରି ରୁହନ୍ତିନି, ମନ ଖୋଲି ରହନ୍ତି। ପଡ଼ୋଶୀ ମାନେ କେବଳ ନାମର ପଡ଼ୋଶୀ ନୁହେଁ, ସୁଖ-ଦୁଃଖର ସହଯାତ୍ରୀ। କାହାରି ଘରେ ଆନନ୍ଦ ହେଲେ ସମସ୍ତେ ଆସନ୍ତି, କାହାରି ଘରେ ଦୁଃଖ ହେଲେ ସମସ୍ତେ ଠିଆ ହୋଇଯାଆନ୍ତି। ଏହି ଆପଣାପଣିଆ ସହରୀ ଜୀବନରେ ଦେଖିବାକୁ ମିଳେନାହିଁ। ଗାଁରେ ସମୟ ଘଡ଼ି ଦ୍ୱାରା ନୁହେଁ, ପ୍ରକୃତି ଦ୍ୱାରା ଚାଲିଥାଏ। ସୂର୍ଯ୍ୟ ଉଠିଲେ କାମ, ସୂର୍ଯ୍ୟ ବୁଡିଲେ ବିଶ୍ରାମ। ଏହି ସରଳତା ମଣିଷର ମନକୁ ଅଶାନ୍ତିରୁ ମୁକ୍ତ କରେ।

ଗଛ ଛାୟାରେ ବସି ଦିପଦ କଥା ହେବା, ନଈ ବନ୍ଧରେ ବସି ଥଣ୍ଡା ପବନରେ ମନକୁ ଶାନ୍ତ କରିବା, ଗାଁ ମନ୍ଦିରରେ ଘଣ୍ଟି ବାଜିଲେ ଘରେ ଘରେ ଶଙ୍ଖ, ଘଣ୍ଟା, ଦୀପ, ଆଳତି, ତୁଳସୀ ଚଉରାର ଅଲୌକିକ ବାତାବରଣ କେବଳ ଗାଁରେ ଦେଖିବାକୁ ମିଳେ। ଗାଁରେ ଭକ୍ତି ଦେଖାଦେଖିର ନୁହେଁ, ହୃଦୟରୁ ଆସିଥାଏ। ଏଠାରେ ଈଶ୍ୱର ଦୈନନ୍ଦିନ ଜୀବନର ଏକ ଅଂଶ।

ଗ୍ରାମୀଣ ଜୀବନ ମଣିଷକୁ ଧୈର୍ଯ୍ୟ ଶିଖାଏ, ବୀଜ ବପନ କଲେ ସେ ତୁରନ୍ତ ଫଳ ଦିଏନାହିଁ; ସମୟ ନେଇ ଗଛ ହୁଏ, ପରେ ଫଳ ଦିଏ। ଏହି ଅପେକ୍ଷା ମଣିଷକୁ ସହନଶୀଳ କରେ। ଆଜିର ଯୁଗରେ ଯେଉଁଠାରେ ସବୁକିଛି "ତୁରନ୍ତ" ଚାହିଁବା ଅଭ୍ୟାସ ହୋଇଯାଇଛି, ସେଠାରେ ଗାଁ ଆମକୁ ଶିଖାଏ ଭଲ ଜିନିଷ ସମୟ ନେଇ ଆସେ। ଗାଁରେ ଆଡ଼ମ୍ବର କମ୍ ସନ୍ତୋଷ ବେଶି। ଅଳ୍ପରେ ଖୁସି ହେବାର କଳା ଗାଁ ଶିଖାଏ। ଏହି ସନ୍ତୋଷ ହିଁ ସତ୍ୟ ସମ୍ପଦ।

ସହରରେ ଯେଉଁଠାରେ ସବୁକିଛି ଥିଲେ ମଧ୍ୟ ମନ ଖାଲି ଲାଗେ, ଗ୍ରାମରେ ଅଳ୍ପ ଥିଲେ ମଧ୍ୟ ମନ ପୂର୍ଣ୍ଣ ଥାଏ। ବାର ମାସ ତେର ପର୍ବ, ଝୋଟି, ମୁରୁଜ, ଚିତା, ମାଣବସା, ଅଷ୍ଟପ୍ରହରୀ ନାମ ସଙ୍କୀର୍ତ୍ତନ,ଦାଣ୍ଡ ପହଁରା, ଜହ୍ନି ଓଷା,ଖୁଦୁରୁକୁଣୀ ପୂଜାଠୁ ଆରମ୍ଭ କରି ତୁଣ ଦିଆନିଆ ସବୁ ଭିତରେ ଭରିଥାଏ ସମ୍ପର୍କର ସ୍ୱାଦ। ଏ ସ୍ୱାଦ କେବଳ ଗାଁରେ ଥାଏ। ସହରର ପ୍ରଦୂଷିତ ପରିବେଶ ଭିତରେ ଶ୍ୱାସରୁଦ୍ଧ ହେବାବେଳେ ଗାଁ ଡାକେ,ଗାଁର ଶୀତଳ ପବନକୁ ମନ ଝୁରେ। ବାସ୍ତବରେ ଗାଁ ସହ ଏ ସମ୍ପର୍କ କେହି କଣ ଭୁଲିପାରେ !

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

# ନିଷ୍କ୍ରିୟ ନୁହେଁ ସକ୍ରିୟ ହୋଇ ବସନ୍ତୁ



ଦୀର୍ଘ ସମୟ ବସିରହିବା ମନୁଷ୍ୟ ଶରୀର ଓ ମସ୍ତିଷ୍କ ଲାଗି ଭଲ ନୁହେଁ ବୋଲି ବିଶେଷଜ୍ଞ କହନ୍ତି। କିନ୍ତୁ, ଗୋଟାଏ ବସିବା କୌଶଳ ରହିଛି ଯାହା ମନୁଷ୍ୟ ମସ୍ତିଷ୍କକୁ ସଙ୍କୁଚିତ କରେ ନାହିଁ। ଅର୍ଥାତ୍ ସେମିତି ବସିଲେ ମସ୍ତିଷ୍କର କାର୍ଯ୍ୟକଳାପ ଉପରେ କୁପ୍ରଭାବ ପଡ଼େନାହିଁ। ସମ୍ପ୍ରତି ଉପବେଶନ ବା ବସିବା ଶୈଳୀ ଉପରେ ୮୫ଟି ଗବେଷଣା କରାଯାଇଥିଲା। ସେ ଗବେଷଣାଲବ୍ଧ ଫଳାଫଳ ସବୁକୁ ବିଶଦ୍ ଭାବେ ସମୀକ୍ଷା କରିବାରୁ ସକ୍ରିୟ ଉପବେଶନ ଏବଂ ନିଷ୍କ୍ରିୟ ଉପବେଶନ ମଧ୍ୟରେ ବ୍ୟାପକ ଫରକ ଥିବା କଥା ଜଣାପଡ଼ିଛି। ବସିବସି ତାସ୍ ଖେଳିବା ଓ ପୁସ୍ତକ ପଢ଼ିବା 'ସକ୍ରିୟ' ଏବଂ ଟେଲିଭିଜନ୍ ଦେଖିବା ନିଷ୍କ୍ରିୟ ଉପବେଶନର ଉଦାହରଣ ବୋଲି ଗବେଷକମାନେ କହୁଛନ୍ତି।

ତାସ୍ ଖେଳ ଓ ପୁସ୍ତକ ଅଧ୍ୟୟନ ଲାଗି ଦୀର୍ଘ ସମୟ ବସିବାକୁ ପଡ଼େ ସତ, କିନ୍ତୁ ଏହାଦ୍ୱାରା ମସ୍ତିଷ୍କ ସୁସ୍ଥ ରହେ। ଏହାର କାରଣ ସକ୍ରିୟ ଉପବେଶନ ସମ୍ଭବତଃ ମସ୍ତିଷ୍କକୁ ବ୍ୟସ୍ତ ରଖିଥାଏ। କିନ୍ତୁ, ନିଷ୍କ୍ରିୟ ଉପବେଶନ ଯୋଗୁଁ ମନୁଷ୍ୟ ଶରୀର ଓ ମନ ଆଳସ୍ୟବଶ ହୋଇଯାଏ। ଅଷ୍ଟ୍ରେଲିଆସ୍ଥିତ କୁଇନ୍ସଲାଣ୍ଡ୍ ବିଶ୍ୱବିଦ୍ୟାଳୟର ଜନସ୍ୱାସ୍ଥ୍ୟ ଗବେଷକ ପଲ୍ ଗାର୍ଡିନର କହନ୍ତି, ''ସାରାଦିନ ବା ଗୋଟିଏ ଦିନର ସମୁଦାୟ ବସିରହିବା ଅବଧି ମସ୍ତିଷ୍କ ସହିତ ସମ୍ପୃକ୍ତ ବୋଲି ଉକ୍ତ ଗବେଷଣାରେ ଦର୍ଶାଯାଇଛି; କିନ୍ତୁ ବସିବା ଅର୍ଥ ଖାଲି ବସିବା ବୋଲି ସାଧାରଣରେ ବିଚାର କରାଯାଏ। ବସିବା ବେଳେ ମନୁଷ୍ୟ କି ପ୍ରକାର କାର୍ଯ୍ୟ କରୁଥାଏ ତାହା ବିଚାର କରାଯାଏ ନାହିଁ।

ଅଧିକାଂଶ ଲୋକ ପ୍ରତିଦିନ ବସିବସି ଅନେକ ସମୟ ବିତାନ୍ତି। କିନ୍ତୁ, ସେ ବସିବା ଉପରେ ଅନେକ କିଛି ନିର୍ଭର କରେ। ଉପରୋକ୍ତ ଗବେଷଣାରୁ ଜଣାପଡ଼ିଛି ଯେ ବାର୍ଦ୍ଧକ୍ୟାଭିମୁଖୀ ହେବା ବେଳେ ଟେଲିଭିଜନ୍ ନ ଦେଖି ପୁସ୍ତକ ପଢ଼ିଲା ଭଳି ବସିବା କାର୍ଯ୍ୟ ଦ୍ୱାରା ମସ୍ତିଷ୍କ ଅପେକ୍ଷାକୃତ ସୁସ୍ଥ ରହେ।'' ଏକଥା ସତ୍ୟ ଯେ ଚିନ୍ତନ, ଶିକ୍ଷଣ ଓ ସ୍ମରଣ ନିମନ୍ତେ ଶାରୀରିକ କସରତ ଅତି ଗୁରୁତ୍ୱପୂର୍ଣ୍ଣ। ତା' ସହିତ ମସ୍ତିଷ୍କ କସରତ ବି ସେତିକି ଗୁରୁତ୍ୱପୂର୍ଣ୍ଣ। ଅବଶ୍ୟ ସେଥିପାଇଁ ମନୁଷ୍ୟକୁ ଧାଁଦଉଡ଼ କରିବାକୁ ପଡ଼େନାହିଁ। ବ୍ୟାପକ ଗବେଷଣା ଦ୍ୱାରା ଗାର୍ଡିନର ଓ ତାଙ୍କ ସହକର୍ମୀମାନେ ଜାଣିପାରିଛନ୍ତି ଯେ ମସ୍ତିଷ୍କ ତେଜୀୟାନ୍ ରଖିବାରେ ପଠନ, ତାସ୍‌ଖେଳ, କମ୍ପ୍ୟୁଟର କାର୍ଯ୍ୟ ଆଦି ସକ୍ରିୟ ଉପବେଶନ କାର୍ଯ୍ୟକଳାପ ବେଶ୍ ସକାରାତ୍ମକ ସହାୟତା ଦେଉଛି।

ଫଳତଃ, କାର୍ଯ୍ୟ ସମ୍ପାଦନ, ବିଭିନ୍ନ ଘଟଣା ପ୍ରବାହକାଳୀନ ସ୍ମୃତି ଏବଂ କାର୍ଯ୍ୟ ସମ୍ପାଦନକାଳୀନ ସ୍ମୃତି ଭଳି ମସ୍ତିଷ୍କ ଦକ୍ଷତା ବୃଦ୍ଧି ପାଉଛି। ସେହିପରି, କ୍ଷଣ କ୍ଷଣକେ ସ୍ମୃତିକ୍ଷୟ ବା ଭୁଲାପଣର ଶିକାର ହୋଇଯିବା ଭଳି ନକାରାତ୍ମକ ମସ୍ତିଷ୍କକ୍ରିୟା ସହିତ ନିଷ୍କ୍ରିୟ ଉପବେଶନ ସମ୍ପୃକ୍ତ ରହୁଛି। ସକ୍ରିୟ ଓ ନିଷ୍କ୍ରିୟ ଉପବେଶଜନିତ ଫଳାଫଳରେ ଥିବା ତାରତମ୍ୟ ଟେଲିଭିଜନ୍ ଦେଖିବା ଓ କମ୍ପ୍ୟୁଟର ଚଳାଇବା କାର୍ଯ୍ୟରୁ ସ୍ପଷ୍ଟ ବାରି ହୋଇଯାଏ। ତେଣୁ, ଟେଲିଭିଜନ୍ ଦେଖୁଥିବା ବ୍ୟକ୍ତି ମଝିରେ ମଝିରେ ଉଠିଯାଇ ଟିକେ ବୁଲାବୁଲି କରି ମସ୍ତିଷ୍କ ସକ୍ରିୟ ରଖିବା ଉଚିତ ବୋଲି ଗବେଷକମାନେ ମତ ଦେଇଛନ୍ତି।

# ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସଅଳ ରାତ୍ରିଭୋଜନ

ବିଳମ୍ବିତ ରାତ୍ରିଭୋଜନ ଏକ ସୁସ୍ଥ ଜୀବନଶୈଳୀର ପରିପନ୍ଥୀ। କିନ୍ତୁ ଆଜିର ବ୍ୟସ୍ତବହୁଳ ସମାଜରେ ଅଧିକାଂଶ ଲୋକ ନିଜନିଜ କାର୍ଯ୍ୟରୁ ଘରକୁ ବିଳମ୍ବରେ ଫେରିବା ସହ କ୍ଲବ୍, ମନୋରଞ୍ଜନ ଆଦି ପାଇଁ ସମୟ ଦେବା ପରେ ରାତିରେ ଖୁବ୍ ବିଳମ୍ବରେ ଭୋଜନ ଗ୍ରହଣ କରିବା ଏକ ନିୟମିତ ଅଭ୍ୟାସ ହେଲାଣି। ତେବେ ଏହା ଦ୍ୱାରା ସୁସ୍ଥ ଥିବା ମଣିଷଟି କ୍ରମଶଃ ଅସୁସ୍ଥ ହୋଇପଡ଼େ ଓ ଅସୁସ୍ଥ ଲୋକଟିର ସ୍ୱାସ୍ଥ୍ୟ ଜଟିଳତା ଆହୁରି ବଢ଼ିଯାଏ। ସୁସ୍ଥ ରହିବା ପାଇଁ କେବଳ ଯେ ଉପଯୁକ୍ତ ଖାଦ୍ୟ ଆବଶ୍ୟକ ନୁହେଁ, ଠିକ୍ ସମୟରେ ଖାଇବା ସର୍ବାଧିକ ଆବଶ୍ୟକ। ଆନ୍ତର୍ଜାତିକ ସ୍ତରର ପ୍ରଖ୍ୟାତ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ଦେଇଛନ୍ତି ଯେ, ଆପଣ ରାତ୍ରିଭୋଜନରେ କ'ଣ ଖାଉଛନ୍ତି ତାହା ନିଶ୍ଚିତ ଭାବେ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ କେତେବେଳେ ଖାଉଛନ୍ତି ତାହା ମଧ୍ୟ ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ। ଡାକ୍ତରମାନେ ପରାମର୍ଶ ଦିଅନ୍ତି ଯେ, ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଶୋଇବାର ଯଥେଷ୍ଟ ପୂର୍ବରୁ ରାତ୍ରିଭୋଜନ ଭଲ। ଏହା ଖାଦ୍ୟକୁ ଭଲ ଭାବରେ ହଜମ କରିବାକୁ ଶରୀରକୁ ସମର୍ଥ କରିଥାଏ, ଯାହା ନିଦ୍ରାରେ ମଧ୍ୟ ଉନ୍ନତି ଆଣିଥାଏ। ଏପରିକି ସନ୍ଧ୍ୟା ପୂର୍ବରୁ ରାତ୍ର ଭୋଜନ ପାଇଁ ଅନେକ ପରାମର୍ଶ ଦେଇଥାନ୍ତି। କାରଣ ରାତ୍ରିଭୋଜନ ଅପେକ୍ଷାକୃତ ଭାବେ ହାଲୁକା ହେବା ଆବଶ୍ୟକ। ଅନେକ ସମୟରେ ଦେଖାଯାଏ ଯେ ଆମେ ରାତିରେ ୮ ଘଣ୍ଟା ଶୋଇବା ପରେ ମଧ୍ୟ ସକାଳୁ ଉଠିବାବେଳକୁ କ୍ଳାନ୍ତି ଅନୁଭବ କରୁ। ତେବେ ବିଳମ୍ବରେ ରାତ୍ରିଭୋଜନ ଏହାର କାରଣ ବୋଲି ବିଶେଷଜ୍ଞମାନେ କହିଥାନ୍ତି। ଅନ୍ୟପକ୍ଷରେ ସନ୍ଧ୍ୟା ସମୟରେ ବା ସଅଳ ରାତ୍ରିଭୋଜନ ମଣିଷ ଶରୀରରେ ଏକ ସ୍ୱାଭାବିକ ଓଜନ ବଜାୟ ରଖିବାରେ ମଧ୍ୟ ସହାୟକ ହୋଇପାରେ। ବିଶେଷକରି ମଧୁମେହ ଓ ଉଚ୍ଚ ରକ୍ତଚାପ ଭଳି ସ୍ୱାସ୍ଥ୍ୟ ସମସ୍ୟା ଦ୍ୱାରା ଆକ୍ରାନ୍ତ ଲୋକଙ୍କ ପାଇଁ ସଅଳ ରାତ୍ରିଭୋଜନର ଅନେକ ଉପାଦେୟତା ରହିଛି। ସଅଳ ରାତ୍ରିଭୋଜନ ଆମ ଶରୀରକୁ ସୁସ୍ଥ ରଖିବା ସହ ମାନସିକ ଏକାଗ୍ରତା ଆଣିବାରେ ସହାୟକ ହୋଇଥାଏ ବୋଲି ଏକ ସ୍ୱାସ୍ଥ୍ୟ ସର୍ବେକ୍ଷଣରୁ ଜଣାପଡ଼ିଛି।



ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୨୯ ଜାନୁଆରୀ ୨୦୨୬, ଗୁରୁବାର

# ଭାରତର ଅଭିବୃଦ୍ଧି କାହାଣୀ ଓ ମଜୁରୀ ବୃଦ୍ଧିର ସଙ୍କଟ

ଭାରତ ମୋଟ ଘରୋଇ ଉତ୍ପାଦ ବା ଜିଡିପି ଅଭିବୃଦ୍ଧି ହାର ଦୃଷ୍ଟିରୁ ଭାରତ ବିଶ୍ୱର ପ୍ରମୁଖ ଅର୍ଥନୀତିଗୁଡ଼ିକ ମଧ୍ୟରେ ଅନ୍ୟତମ ସ୍ଥାନ ଅଧିକାର କରିଛି । ତେବେ ଏହି ଆକର୍ଷଣୀୟ ସଂଖ୍ୟା ଏବଂ ପରିସଂଖ୍ୟାନର ଚମକ ପଛରେ ଏକ ଗମ୍ଭୀର ତଥା ଚିନ୍ତାଜନକ ବାସ୍ତବତା ଲୁଚି ରହିଛି, ଯାହା ନିକଟରେ ପ୍ରକାଶିତ ବିଭିନ୍ନ ସରକାରୀ ଓ ବେସରକାରୀ ତଥ୍ୟରୁ ସ୍ପଷ୍ଟ ହୋଇଛି । ଭାରତୀୟ ଅର୍ଥନୀତିର ମୂଳଦୁଆ ମୁଖ୍ୟତଃ ଘରୋଇ ଉପଭୋଗ ଉପରେ ପର୍ଯ୍ୟବସିତ, ଯେଉଁଠାରେ ଆମର ଜିଡିପିର ପ୍ରାୟ ୬୦ ପ୍ରତିଶତ ଅଂଶ ଘରୋଇ ଉପଭୋଗ ବ୍ୟୟ ବା 'ପ୍ରାଇଭେଟ୍ ଫାଇନାଲ୍ କଞ୍ଜପସନ୍ ଏକ୍ସପେଣ୍ଡିଚର'(PFCE)ରୁ ଆସିଥାଏ । ସରଳ ଭାଷାରେ କହିଲେ, ଦେଶର ସାଧାରଣ ନାଗରିକ ଯେତେବେଳେ ବଜାରରୁ ସାମଗ୍ରୀ କିଣନ୍ତି ବା ସେବା ପାଇଁ ଅର୍ଥ ଖର୍ଚ୍ଚ କରନ୍ତି, ତାହା ଦେଶର ଅର୍ଥନୈତିକ ଚକକୁ ଗତିଶୀଳ ରଖେ । କିନ୍ତୁ ସାମ୍ପ୍ରତିକ ତଥ୍ୟ ସୂଚାଉଛି ଯେ ଭାରତର ଏହି 'ଉପଭୋଗ କାହାଣୀ' ବର୍ତ୍ତମାନ ଏକ ବଡ଼ ଆହ୍ୱାନର ସମ୍ମୁଖୀନ ହୋଇଛି, ଯାହାର ମୂଳ କାରଣ ହେଉଛି ଦରମା ବା ମଜୁରୀ ବୃଦ୍ଧିରେ ସ୍ଥାଣୁତା । ଯେତେବେଳେ ଲୋକଙ୍କ ହାତରେ ଖର୍ଚ୍ଚ କରିବାକୁ ପର୍ଯ୍ୟାପ୍ତ ଅର୍ଥ ନଥାଏ କିମ୍ବା ସେମାନଙ୍କର ଆୟ ମୁଦ୍ରାସ୍ଫୀତି ତୁଳନାରେ ବୃଦ୍ଧି ପାଏନାହିଁ, ସେତେବେଳେ ଅର୍ଥନୀତିର ଗତି ମନ୍ଥର ହେବା ସ୍ୱାଭାବିକ ଏବଂ ଏହା ଦୀର୍ଘମିଆଦି ଅଭିବୃଦ୍ଧି ପାଇଁ ଏକ ବିପଦ ସଙ୍କେତ ।

ଏହି ସମସ୍ୟାର ଗଭୀରତାକୁ ବୁଝିବା ପାଇଁ ଆମକୁ କର୍ପୋରେଟ୍ ଜଗତର ଲାଭ ଏବଂ ସାଧାରଣ ଲୋକଙ୍କ କ୍ରୟ ଶକ୍ତି ମଧ୍ୟରେ ଥିବା ବିରାଟ ପାର୍ଥକ୍ୟକୁ ଦେଖିବାକୁ ପଡ଼ିବ । ଗତ କିଛି ବର୍ଷ ମଧ୍ୟରେ, ବିଶେଷକରି ମହାମାରୀ ପରବର୍ତ୍ତୀ ସମୟରେ, ଭାରତୀୟ କମ୍ପାନୀଗୁଡ଼ିକର ଲାଭାଂଶ ଯଥେଷ୍ଟ ବୃଦ୍ଧି ପାଇଛି କିନ୍ତୁ ଏହି ଲାଭର ଏକ ବଡ଼ ଅଂଶ ସାମଗ୍ରୀ ବିକ୍ରିର ପରିମାଣ ବୃଦ୍ଧି (Volume Growth) ଯୋଗୁଁ ନୁହେଁ, ବରଂ ଉତ୍ପାଦର ମୂଲ୍ୟ ବୃଦ୍ଧି ଏବଂ ଖର୍ଚ୍ଚ କାଟ୍ ଯୋଗୁଁ ସମ୍ଭବ ହୋଇଛି । ଅର୍ଥାତ୍, କମ୍ପାନୀଗୁଡ଼ିକ ଅଧିକ ଜିନିଷ ବିକ୍ରି କରୁନାହାନ୍ତି, ବରଂ ଜିନିଷର ଦାମ୍ ବଢାଇ ଏବଂ କର୍ମଚାରୀଙ୍କ ଦରମା ବାବଦ ଖର୍ଚ୍ଚକୁ ନିୟନ୍ତ୍ରଣରେ ରଖି ନିଜର ବାଲାନ୍ସ ସିଟକୁ ସୁଦୃଢ଼ କରୁଛନ୍ତି । ଏହା ଏକ ବିପଜ୍ଜନକ ପ୍ରବୃତ୍ତି କାରଣ ଯଦି କର୍ମଚାରୀ ବା ଶ୍ରମିକମାନଙ୍କର ଆୟ ନ ବଢେ, ତେବେ ସେମାନେ ବଜାରରେ ଗ୍ରାହକ ଭାବରେ ନିଜର ଭୂମିକା ନିଭାଇ ପାରିବେ ନାହିଁ । ଏକ ସୁସ୍ଥ ଅର୍ଥନୀତି ପାଇଁ ଉତ୍ପାଦନ ଏବଂ ଉପଭୋଗ ମଧ୍ୟରେ ସନ୍ତୁଳନ ରହିବା ଏକାନ୍ତ ଆବଶ୍ୟକ କିନ୍ତୁ ବର୍ତ୍ତମାନ ଉତ୍ପାଦନକାରୀଙ୍କ ଲାଭ ବଢୁଥିବା ବେଳେ ଉପଭୋକ୍ତାଙ୍କ ହାତ ଖାଲି ରହୁଛି । ଯେତେବେଳେ ଦେଶର ଏକ ବୃହତ ଜନସଂଖ୍ୟା ଆର୍ଥିକ ଅନଟନ ମଧ୍ୟଦେଇ ଗତି କରନ୍ତି, ସେତେବେଳେ କେବଳ ମୁଷ୍ଟିମେୟ ଧନୀ ବର୍ଗଙ୍କ ଉପଭୋଗ ଉପରେ ନିର୍ଭର କରି ଦୀର୍ଘମିଆଦି ଅଭିବୃଦ୍ଧି ହାସଲ କରାଯାଇପାରିବ ନାହିଁ ।

ଏହି ପରିପ୍ରେକ୍ଷୀରେ 'କେ-ଆକୃତିର ଅଭିବୃଦ୍ଧି' (K-shaped recovery)ର ଚିତ୍ର ଅତ୍ୟନ୍ତ ସ୍ପଷ୍ଟ ହୋଇଛି ଯେଉଁଠାରେ ଧନୀ ଆହୁରି ଧନୀ ହେଉଛନ୍ତି ଏବଂ ଗରିବ ଆହୁରି ସଂଘର୍ଷ କରୁଛନ୍ତି । ବଜାରର ତଥ୍ୟ ଅନୁଧ୍ୟାନ କଲେ ଜଣାପଡେ ଯେ ଦାମୀ କାର୍, ବିଳାସପୂର୍ଣ୍ଣ ଘର, ଏସୟୁଭି ଏବଂ ପ୍ରିମିୟମ୍ ସାମଗ୍ରୀର ବିକ୍ରି ଦ୍ରୁତ ଗତିରେ ବଢୁଛି, କିନ୍ତୁ ସାଧାରଣ ଲୋକ ବ୍ୟବହାର କରୁଥିବା ଦୁଇ ଚକିଆ ଯାନ, ଶସ୍ତା କାର, ଏପରିକି ସାବୁନ, ବିସ୍କୁଟ, ତେଲ ଏବଂ ପୋଷାକ ଭଳି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ବିକ୍ରିରେ ମନ୍ଥରତା ଦେଖାଦେଇଛି । ଏହି ବିଷମତା ସୂଚାଉଛି ଯେ ଅର୍ଥନୈତିକ ଅଭିବୃଦ୍ଧିର ଲାଭ ସମାଜର ସବୁ ବର୍ଗଙ୍କ ପାଖରେ ସମାନ ଭାବରେ ପହଞ୍ଚୁନାହିଁ । ବିଶେଷକରି ଗ୍ରାମାଞ୍ଚଳରେ ଏହି ସଙ୍କଟ ଅଧିକ ତୀବ୍ର ରୂପ ଧାରଣ କରିଛି । ଭାରତର ଗ୍ରାମୀଣ ଅର୍ଥନୀତି, ଯାହା ଦେଶର ଏକ ବଡ଼ ଜନସଂଖ୍ୟାକୁ ଧାରଣ କରେ, ସେଠାରେ 'ପ୍ରକୃତ ମଜୁରୀ' (Real Wage) ବୃଦ୍ଧି ହାର ଚିନ୍ତାଜନକ ସ୍ତରରେ ରହିଛି । 'ପ୍ରକୃତ ମଜୁରୀ'ର ଅର୍ଥ ହେଉଛି ମୁଦ୍ରାସ୍ଫୀତିକୁ ବାଦ୍ ଦେବା ପରେ ଜଣେ ବ୍ୟକ୍ତିର ପ୍ରକୃତ କ୍ରୟ ଶକ୍ତି । ଗତ କିଛି ବର୍ଷ ଧରି ଉଚ୍ଚ ଖାଦ୍ୟ ମୁଦ୍ରାସ୍ଫୀତି ଗ୍ରାମୀଣ ପରିବାରଗୁଡ଼ିକର ବଜେଟକୁ ସମ୍ପୂର୍ଣ୍ଣ ବିଗାଡି ଦେଇଛି । ଯଦି ଜଣେ ଶ୍ରମିକର ଦରମା ୫ ପ୍ରତିଶତ ବଢେ କିନ୍ତୁ ବଜାର ଦର ୬ କିମ୍ବା ୭ ପ୍ରତିଶତ ବଢିଯାଏ, ତେବେ ବାସ୍ତବରେ ତାର ଆୟ କମିଯାଏ ଏବଂ ସେ ପୂର୍ବ ଅପେକ୍ଷା କମ୍ ସାମଗ୍ରୀ କିଣିବାକୁ ବାଧ୍ୟ ହୁଏ । ବର୍ତ୍ତମାନ ଭାରତର ଗ୍ରାମାଞ୍ଚଳରେ ଠିକ୍ ଏହି ପରିସ୍ଥିତି ସୃଷ୍ଟି ହୋଇଛି, ଯାହା ଫଳରେ ଏଫଏମସିଜି (FMCG) କ୍ଷେତ୍ରରେ ବିକ୍ରି ପରିମାଣ ଆଶାନୁରୂପ ବଢୁନାହିଁ ।

ଏହି ସମସ୍ୟାର ଅନ୍ୟ ଏକ ଦିଗ ହେଉଛି ନିଯୁକ୍ତିର ଗୁଣବତ୍ତା ଏବଂ ଶ୍ରମିକଙ୍କ ଅଧିକାର । ଭାରତରେ ବେକାରୀ ସମସ୍ୟା ଏକ ଚର୍ଚ୍ଚିତ ବିଷୟ ହୋଇଥିବା ବେଳେ, 'ଅଳ୍ପ-ନିଯୁକ୍ତି' ବା କମ୍ ଦରମାରେ କାମ କରିବା ଏକ ବଡ଼ ସମସ୍ୟା ଭାବରେ ଉଭା ହୋଇଛି । ସଂଗଠିତ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସୀମିତ ରହିଛି ଏବଂ ଅଧିକାଂଶ ଶ୍ରମିକ ଅସଂଗଠିତ କ୍ଷେତ୍ର ଉପରେ ନିର୍ଭରଶୀଳ ଯେଉଁଠାରେ ନିଯୁକ୍ତିର କୌଣସି ଗ୍ୟାରେଣ୍ଟି ନଥାଏ । ଅସଂଗଠିତ କ୍ଷେତ୍ରରେ ମଜୁରୀ ବୃଦ୍ଧିର ହାର ଅତ୍ୟନ୍ତ ନଗଣ୍ୟ । ଯେତେବେଳେ କର୍ପୋରେଟ୍ ସେକ୍ଟର ଉନ୍ନତ ଜ୍ଞାନକୌଶଳ ଏବଂ ଅଟୋମେସନ୍ ଆଡକୁ ଗତି କରୁଛି, ସେତେବେଳେ ଶ୍ରମ-ନିବିଡ଼ (Labor-intensive) ଶିଳ୍ପଗୁଡ଼ିକରେ ନିଯୁକ୍ତି ସଙ୍କୁଚିତ ହେଉଛି । ଏହାର ସିଧାସଳଖ ପ୍ରଭାବ ଲୋକଙ୍କ ଆୟ ଉପରେ ପଡୁଛି । ନ୍ୟାସନାଲ୍ ଆକାଉଣ୍ଟସ୍ ଷ୍ଟାଟିଷ୍ଟିକ୍ସର ତଥ୍ୟ ଅନୁଯାୟୀ, ଦେଶର ମୋଟ ଘରୋଇ ଉତ୍ପାଦରେ ଶ୍ରମିକମାନଙ୍କ ଅଂଶ (Labor share of GDP) କ୍ରମାଗତ ଭାବରେ ହ୍ରାସ ପାଉଥିବା ବେଳେ ପୁଞ୍ଜିପତି ବା କମ୍ପାନୀ ମାଲିକମାନଙ୍କ ଅଂଶ ବୃଦ୍ଧି ପାଉଛି । ଏହା ସ୍ପଷ୍ଟ କରେ ଯେ ଅର୍ଥନୈତିକ ଅଭିବୃଦ୍ଧିର ଫଳ ଶ୍ରମିକ ଶ୍ରେଣୀ ପାଖରେ ପହଞ୍ଚୁନାହିଁ । ଯଦି ଲୋକଙ୍କ ପାଖରେ ପଇସା ନରହିବ, ତେବେ ସେମାନେ ଖର୍ଚ୍ଚ କରିବେ କିପରି ? ଏବଂ ଯଦି ଖର୍ଚ୍ଚ ନହୁଏ, ତେବେ କମ୍ପାନୀଗୁଡ଼ିକ ନୂତନ କାରଖାନା ବସାଇବା ବା ପୁଞ୍ଜିନିବେଶ (Capex) କରିବା ପାଇଁ ଉତ୍ସାହିତ ହେବେ ନାହିଁ । କମ୍ ଉପଭୋଗ କମ୍ ନିବେଶକୁ ଜନ୍ମ ଦିଏ ଏବଂ କମ୍ ନିବେଶ ପୁଣିଥରେ କମ୍ ନିଯୁକ୍ତି ଓ କମ୍ ଆୟର କାରଣ ସାଜେ ।

ଏହି ଜଟିଳ ପରିସ୍ଥିତିରୁ ମୁକୁଳିବା ପାଇଁ କେବଳ ଜିଡିପି ଅଭିବୃଦ୍ଧିର ସଂଖ୍ୟା ଉପରେ ଧ୍ୟାନ ଦେଲେ ଚଳିବ ନାହିଁ ବରଂ ମୂଳ ସମସ୍ୟାର ସମାଧାନ କରିବାକୁ ପଡିବ । ସରକାର ଏବଂ ନୀତି ନିର୍ଦ୍ଧାରକମାନଙ୍କୁ ଏହା ବୁଝିବାକୁ ହେବ ଯେ ଉପଭୋଗ ବୃଦ୍ଧି ପାଇଁ ମଜୁରୀ ବୃଦ୍ଧି ଅପରିହାର୍ଯ୍ୟ । ଏଥିପାଇଁ ପ୍ରଥମତଃ, ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣରେ ରଖିବାକୁ ପଡିବ, ବିଶେଷକରି ଖାଦ୍ୟ ସାମଗ୍ରୀର ଦରଦାମକୁ, କାରଣ ଏହା ଗରିବ ପରିବାରର ସଞ୍ଚୟକୁ ଶେଷ କରିଦେଉଛି । ଦ୍ୱିତୀୟତଃ, ନିଯୁକ୍ତି ସୃଷ୍ଟି କରୁଥିବା କ୍ଷେତ୍ରଗୁଡ଼ିକ ଯଥା - ଟେକ୍ସଟାଇଲ୍, ଚର୍ମ ଶିଳ୍ପ, ନିର୍ମାଣ କାର୍ଯ୍ୟ ଏବଂ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (MSME) ଗୁଡ଼ିକୁ ପ୍ରୋତ୍ସାହନ ଦେବା ଆବଶ୍ୟକ । ଏହି କ୍ଷେତ୍ରଗୁଡ଼ିକରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେଲେ ତୃଣମୂଳ ସ୍ତରରେ ଲୋକଙ୍କ ଆୟ ବୃଦ୍ଧି ପାଇବ । ତୃତୀୟତଃ, ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ମନରେଗା ଭଳି ଯୋଜନାରେ ବଜେଟ୍ ବୃଦ୍ଧି ଏବଂ କୃଷି କ୍ଷେତ୍ରରେ ସଂସ୍କାର ଆଣିବା ଜରୁରୀ । କୃଷି ଉପରେ ନିର୍ଭରଶୀଳ ଜନସଂଖ୍ୟାର ଆୟ ବଢିଲେ ହିଁ ଗ୍ରାମୀଣ ଉପଭୋଗ ବଢିବ ଏବଂ ଦେଶର ଅର୍ଥନୀତି ସନ୍ତୁଳିତ ହେବ।

ଏହା ବ୍ୟତୀତ, କର୍ପୋରେଟ୍ ଜଗତ ମଧ୍ୟ ଏହା ବୁଝିବା ଦରକାର ଯେ କର୍ମଚାରୀଙ୍କ ଦରମା କାଟି ଲାଭ କରିବା ଏକ ସ୍ୱଳ୍ପମିଆଦି ରଣନୀତି ଯାହା ଭବିଷ୍ୟତରେ ସେମାନଙ୍କ ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇପାରେ । ଦୀର୍ଘମିଆଦି ବ୍ୟବସାୟିକ ସ୍ଥାୟିତ୍ୱ ପାଇଁ ଏକ ସମୃଦ୍ଧ ମଧ୍ୟବିତ୍ତ ଏବଂ ନିମ୍ନ-ମଧ୍ୟବିତ୍ତ ଶ୍ରେଣୀର ଆବଶ୍ୟକତା ରହିଛି ଯେଉଁମାନେ ସେମାନଙ୍କର ଉତ୍ପାଦ କିଣିପାରିବେ । ଯଦି କମ୍ପାନୀଗୁଡ଼ିକ ସେମାନଙ୍କର ଲାଭର କିଛି ଅଂଶ କର୍ମଚାରୀଙ୍କ ଦରମା ବୃଦ୍ଧିରେ ବିନିଯୋଗ କରନ୍ତି, ତେବେ ଏହା ପରୋକ୍ଷରେ ବଜାରରେ ଚାହିଦା ସୃଷ୍ଟି କରିବାରେ ସାହାଯ୍ୟ କରିବ । ସାମ୍ପ୍ରତିକ ତଥ୍ୟ ଅନୁସାରେ, ଘରୋଇ କ୍ଷେତ୍ରରେ ପୁଞ୍ଜିନିବେଶର ଅଭାବ ଦେଖାଦେଇଛି ଏବଂ ଏହାର ମୁଖ୍ୟ କାରଣ ହେଲା ବଜାରରେ ଚାହିଦାର ଅଭାବ

ପରିଶେଷରେ, ଭାରତର 'କଞ୍ଜପସନ୍ ଷ୍ଟୋରୀ' ବା ଉପଭୋଗର କାହାଣୀ ସେତେବେଳେ ସଫଳ ହେବ ଯେତେବେଳେ ଦେଶର ଶେଷ ସୀମାରେ ଥିବା ବ୍ୟକ୍ତିର ମଧ୍ୟ କ୍ରୟ ଶକ୍ତି ବୃଦ୍ଧି ପାଇବ । ଅର୍ଥନୈତିକ ଅଭିବୃଦ୍ଧିର ସଂଜ୍ଞା କେବଳ ସେୟାର ବଜାରର ସୂଚକାଙ୍କ କିମ୍ବା କମ୍ପାନୀମାନଙ୍କର ତ୍ରୈମାସିକ ଲାଭାଂଶ ମଧ୍ୟରେ ସୀମିତ ରହିବା ଉଚିତ୍ ନୁହେଁ । ଏହା ସାଧାରଣ ଲୋକଙ୍କ ଜୀବନଧାରଣର ମାନ ଏବଂ ସେମାନଙ୍କର ଆର୍ଥିକ ସ୍ୱଚ୍ଛଳତା ଉପରେ ପ୍ରତିଫଳିତ ହେବା ଆବଶ୍ୟକ । ମଜୁରୀ ବୃଦ୍ଧି ବିନା ଉପଭୋଗ ବୃଦ୍ଧି ଅସମ୍ଭବ ଏବଂ ଉପଭୋଗ ବିନା ଅର୍ଥନୈତିକ ଅଭିବୃଦ୍ଧି ଅସ୍ଥାୟୀ । ତେଣୁ, ଆଗାମୀ ଦିନରେ ସରକାରୀ ନୀତି ଏବଂ ବ୍ୟବସାୟିକ ରଣନୀତିର ମୁଖ୍ୟ ଲକ୍ଷ୍ୟ କେବଳ ଜିଡିପି ବଢାଇବା ନୁହେଁ, ବରଂ ନିଯୁକ୍ତି ଏବଂ ମଜୁରୀ ବୃଦ୍ଧି ମାଧ୍ୟମରେ ଲୋକଙ୍କ ହାତକୁ ଅର୍ଥ ହସ୍ତାନ୍ତର କରିବା ହେବା ଉଚିତ୍ । ଯଦି ଆମେ ଏହି ମୌଳିକ ସମସ୍ୟାର ସମାଧାନ କରିବାରେ ବିଫଳ ହେବା, ତେବେ ଭାରତର ଅର୍ଥନୈତିକ ସ୍ୱପ୍ନ କେବଳ କାଗଜ କଲମରେ ସୀମିତ ରହିଯିବାର ଆଶଙ୍କା ରହିଛି । ସମୟ ଆସିଛି ଯେ ଆମେ ଅଭିବୃଦ୍ଧିର ଗୁଣାତ୍ମକ ଦିଗ ଉପରେ ଗୁରୁତ୍ୱ ଦେବା ଏବଂ ଏକ ଅନ୍ତର୍ଭୁକ୍ତୀକରଣ (Inclusive) ଅର୍ଥନୀତି ଗଠନ ଦିଗରେ ଅଗ୍ରସର ହେବା, ଯେଉଁଠାରେ ଉପଭୋଗର ଆଧାର ଋଣ ନୁହେଁ, ବରଂ ଦୃଢ଼ ଆୟ ହେବ ।

# ମନେ ରହିବେ ଅଭିଜିତ୍ ଦାଦା



ନାଟ୍ୟ ସାରଥି ଅଭୟ କୁମାର ଦାସ



'ସକାଳର ପହିଲି ଗାଡ଼ିରେ, ଚାଲିଯିବି ତତେ ମୁଁ ଛାଡ଼ିରେ'।

ଆଜିର ସମୟରେ ଭଜନ ଠାରୁ ଆଲବମ, ସମ୍ବଲପୁରୀ ଗୀତ ଠାରୁ ସଂଗୀତ ନିର୍ଦ୍ଦେଶନା ସବୁଠାରେ ନିଜ ସ୍ୱତନ୍ତ୍ରତାର ଛାପ ଛାଡ଼ି ଯାଇଥିବା ଅଭିଜିତ ମଜୁମଦାର ଆଉ ଯେ ନାହାନ୍ତି ଏହା ମୋ ପରି ଅଗଣତି ଓଡ଼ିଆଙ୍କ ପାଇଁ ବିଲକୁଲ ଅବିଶ୍ୱସନୀୟ। କହିବାକୁଗଲେ ସ୍ୱରକୁ ସ୍ୱରରେ ଖଞ୍ଜିବା, ତାଳ ସହ ଲୟକୁ ଯୋଡ଼ିବାରେ ସେ ଥିଲେ ସିଦ୍ଧହସ୍ତ। ସ୍ୱରରେ ଥିଲା ତାଙ୍କ ସମ୍ମୋହନୀ ମନ୍ତ୍ର। ସହରରୁ ଗାଁ, ଶିଶୁରୁ ବୃଦ୍ଧ ସମସ୍ତେ ଥିଲେ ତାଙ୍କ ସଙ୍ଗୀତର ସମର୍ପିତ ପ୍ରେମିକ। ଉତ୍ସବର ଅନ୍ୟ ନାମ ଥିଲେ ଅଭିଜିତ୍। ମେଲୋଡ଼ିର ମୁକୁଟବିହୀନ ସମ୍ରାଟ ଥିଲେ ଅଭିଜିତ। ପୂଜା ପେଣ୍ଡାଲ ତାଙ୍କ ବିନା ଶୂନ୍ୟ। ସଙ୍ଗୀତର ସୁର ତାଙ୍କ ବିନା ଅସମ୍ପୂର୍ଣ୍ଣ। ଓଡ଼ିଆ ସଙ୍ଗୀତ ଜଗତ ପୂର୍ବରୁ ଅନେକ କାଳଜୟୀ ପ୍ରତିଭାଙ୍କୁ ହରାଇଥିବାବେଳେ ଆଜି ପୁଣି ସମୟର କୋପ ସହିଚ୍ଛି ଆମ ସଙ୍ଗୀତ ଜଗତ। ସଙ୍ଗୀତ ଦୁନିଆକୁ ବିରାଟ ଶୂନ୍ୟତାରେ ହଜାଇ ଦେଇ ଚାଲିଯାଇଛନ୍ତି ଅଫେରା ରାଇଜକୁ।

ସଂଗୀତର ଏହି ଅଭୁତ ପୂର୍ବ ଅବିଶ୍ୱସନୀୟ ପ୍ରତିଭା ଅଭିଜିତ୍ ମଜୁମଦାର ୨୦୦୦ ମସିହାରେ 'କାଶିଆ କପିଳା' ସିନେମାରୁ ଚଳଚ୍ଚିତ୍ର ଜଗତରେ ପାଦ ଥାପିଥିଲେ। ଗୀତିକାର ଅରୁଣ ମନ୍ତ୍ରୀଙ୍କ ସହିତ ପ୍ରଥମ ସିନେମାରେ କାମ କରିବା ପରେ ଆଉ ପଛକୁ ଚାହିଁ ନାହାନ୍ତି। ଉଭୟ ପ୍ରାୟ ୨୦ରୁ ଅଧିକ ଚଳଚ୍ଚିତ୍ରରେ ଏକାଠି କାମ କରିଛନ୍ତି। ଅଭିଜିତ ମଜୁମଦାର ରାତାରାତି ପ୍ରସିଦ୍ଧି ପାଇ ନଥିଲେ। ଏଥିପାଇଁ ତାଙ୍କୁ ଦୁଇ ଦଶନ୍ଧି ସଂଘର୍ଷ କରିବାକୁ ପଡ଼ିଥିଲା। ୧୯୯୧ ମସିହାରୁ ସଂଗୀତ ଜଗତରେ ପାଦ ଦେବା ପରେ ସଂଗୀତ ସାଧନା ପାଇଁ ସମ୍ବଲପୁର ଛାଡ଼ି କଟକ ଆସିଥିଲେ। ୧୯୯୭ ମସିହାରୁ ରୌପ୍ୟନଗରୀରେ ସାଧନା ଜାରି ରଖିଥିଲେ।

ଓଡ଼ିଆ କଥାଚିତ୍ର ସମେତ ଓଡ଼ିଆ ଆଧୁନିକ ଆଲବମ, ଭଜନ, ସମ୍ବଲପୁରୀ ଆଲବମ୍, ଓଡ଼ିଆ ଧାରାବାହିକ ଆଦିର ଗୀତ ମଧ୍ୟ ନିର୍ମାଣ କରିଯାଇଛନ୍ତି ଅଭିଜିତ। କଥାଚିତ୍ର ଓ ଆଲବମ ବ୍ୟତୀତ ଅଭିଜିତ ଦୂରଦର୍ଶନରେ କାର୍ଯ୍ୟ କରିଛନ୍ତି। ବିଭିନ୍ନ ଟିଭି ସୋ କାର୍ଯ୍ୟକ୍ରମରେ କେବେ ଉପସ୍ଥାପକ ତ କେବେ ବିଚାରକ ଭାର ନିଭାଇଛନ୍ତି। ବହୁ ଯୁବ କଣ୍ଠଶିଳ୍ପୀଙ୍କୁ ତିଆରି କରିଛନ୍ତି। ପ୍ରଥମ ବ୍ରେକ ଦେଇଛନ୍ତି। ଆଗକୁ ଯିବାର ବାଟ ଛାଡ଼ିଛନ୍ତି। ଅନ୍ତାକ୍ଷରୀ, ମେଲାଡି ନାଇଟ୍ସ ଉଇଥ ଅଭିଜିତ ମଜୁମଦାର, ଲକଡାଉନ ଅନ୍ତାକ୍ଷରୀ, ବ୍ୟାଣ୍ଡ ମାଜା ବାରାତ ଉଇଥ ମଜୁମଦାର ଭଳି ଏକାଧିକ ସଂଗୀତ ଭିତ୍ତିକ କାର୍ଯ୍ୟକ୍ରମର ଉପସ୍ଥାପନାରେ ସବୁବେଳେ ଦର୍ଶକଙ୍କୁ ବାନ୍ଧି ରଖିବାରେ ସଫଳ ହୋଇପାରିଛନ୍ତି। ହଜାର ବର୍ଷର ସହର କଟକ, ଏଠି ଅନେକ ସାରସ୍ୱତ ସାଧକ ନିଜ ସାଧନାକୁ ଆଗେଇ ନେଇଛନ୍ତି। କଟକ ଝାଞ୍ଜିରୀମଙ୍ଗଳାରେ ଦାଦାଙ୍କ ଅନେକ ସ୍ମୃତି ରହିଛି। ତାଙ୍କର କିଛି ଶୁଭେଚ୍ଛୁ ଯାହା ତାଙ୍କୁ ମନେପକାଇ ସ୍ମୃତି ଚାରଣ କରନ୍ତି ଲୁହଭିଜା କଣ୍ଠରେ, ଏଠାରେ ସଂଗୀତ ସାଧନା ସମୟରେ କାଳିଆ ଓ ରମେଶ ଭାଇ ମାଗଣାରେ ଦାଦାଙ୍କ ପୁରା ଟିମକୁ ଖାଇବାକୁ ଦେଉଥିଲେ। ଲୁଣିଆସାହିରେ ଥିବା ଏକ ଘରେ ପ୍ରାୟ ୧୭ ଜଣ ସାଙ୍ଗ ଗୋଟିଏ ଘରେ ରହି ସଂଗୀତ ସାଧନା କରୁଥିଲେ। ଝାଞ୍ଜିରୀମଙ୍ଗଳାସ୍ଥିତ ଲୁଣିଆସାହିରେ ୧୨ରୁ ଅଧିକ ସମୟ ରହି ଚଳଚ୍ଚିତ୍ର, ଯାତ୍ରା, ଆଲବମ୍ ପାଇଁ ଗୀତ ଲେଖୁଥିଲେ। ସଙ୍ଗୀତ ଜଗତରେ ପାଦ ଦେବା ପୂର୍ବରୁ ଅଭିଜିତ ଅଧ୍ୟାପନା କରୁଥିଲେ। କିନ୍ତୁ ସଙ୍ଗୀତ ପ୍ରତି ଥିବା ରୁଚି ତାଙ୍କୁ ଏହି ବୃତ୍ତିରେ ବାନ୍ଧି ରଖିପାରି ନଥିଲା। ସଙ୍ଗୀତ କ୍ଷେତ୍ରରେ ଅଧିକ କାମ କରିବା ପାଇଁ ସେ ଚାକିରିରୁ ଇସ୍ତଫା ଦେଇ କଟକ ଚାଲିଆସିଲେ। ସଙ୍ଗୀତ ଜଗତକୁ ଆସିବା ପୂର୍ବରୁ ସେ ଅଭିନୟ କରୁଥିଲେ।

ସଙ୍ଗୀତକାର ଅଭିଜିତ ମଜୁମଦାରଙ୍କୁ ହରାଇ ଝୁରୁଛି ଜନ୍ମମାଟି ସମ୍ବଲପୁର। ଏଠାରେ ତାଙ୍କ ସ୍କୁଲ, କଲେଜ ଜୀବନ ସହିତ ସଙ୍ଗୀତ ଜୀବନର ମୂଳଦୁଆ ବି ପଡ଼ିଥିଲା। ତତ୍କାଳୀନ ଜିଏମ୍ କଲେଜ ମଞ୍ଚ ତାଙ୍କ କଳାପ୍ରତିଭାକୁ ଅଙ୍କୁରିତ ହେବାର ସୁଯୋଗ ନେଇଥିଲେ। ସମ୍ବଲପୁର ବୁଢ଼ାରଜା ହାଇସ୍କୁଲରେ ସେ କିଛି ଦିନ ଶିକ୍ଷକତା କରିବା ପରେ ପରମାଣପୁର ମହିଳା ମହାବିଦ୍ୟାଳୟରେ ଅଧ୍ୟାପନା କରିଥିଲେ। ଧମୁଧଡ଼କା ମେଲୋଡ଼ି ଗୀତ ହେଉ ବା ଆଇଟମ ନମ୍ବର ହେଉ, ରୋମାଣ୍ଟିକ ଗୀତ ହେଉ କି ଭଜନ ହେଉ, ସବୁ ପ୍ରକାରର ଗୀତ ସ୍ୱରରେ ଶ୍ରୋତାଙ୍କୁ ବାନ୍ଧି ରଖିବାର କଳାକୌଶଳ ଜାଣୁଥିବା ପ୍ରଚଣ୍ଡ ପ୍ରତିଭାଦୀପ୍ତ ସଂଗୀତ ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ ଥିଲେ ଅଭିଜିତ ମଜୁମଦାର। 'ଦାଦା' ନାମରେ ଲୋକପ୍ରିୟ ଅଭିଜିତଙ୍କ ପ୍ରତିଭା କେବଳ ସଂଗୀତ ନିର୍ଦ୍ଦେଶନା କିମ୍ବା କଣ୍ଠଦାନରେ ସୀମିତ ନଥିଲା। କବିତା, କାହାଣୀ ଲେଖିବା ସହିତ ଅଭିନୟରେ ବି ସେ ରୁଚି ରଖୁଥିଲେ। ତାଙ୍କ ମୁହଁ ଥିଲା ସବୁବେଳେ ହସ ହସ। ତେବେ କେତେବେଳେ ଗୀତର ସ୍ୱରରେ ଶ୍ରୋତାଙ୍କ ଆଖି ପତା ଲୁହରେ ଭିଜାଇଛନ୍ତି ତ ଆଉ କେବେ ଗୀତରେ ଗୀତରେ ଖୁବ ହସାଇଛନ୍ତି ସେ। ଗଣେଶ ପୂଜା ହେଉ କି ଦଶହରା, ତାଙ୍କ ଗୀତ ନବାଜିଲେ ସବୁ ଫିକା ଲାଗୁଥିଲା। ଏମିତିକି ନିର୍ବାଚନୀ ଗୀତ ପାଇଁ ବି ଖୋଜା ପଡ଼ନ୍ତି ଦାଦା। ପିଲାଠୁ ବୟସ୍କ ସମସ୍ତଙ୍କ ମୁହଁରେ ଓଡ଼ିଆ ସଂଗୀତ ଦୁନିଆର ମେଲୋଡ଼ି କିଙ୍ଗ ଭାବେ ପରିଚିତ ଥଲେ ସେ। ଯାହାଙ୍କ ଗୀତ ବାଜିଲେ ଆପେ ଆପେ ଝୁମିଯାନ୍ତି ଶ୍ରୋତା। କଣ୍ଠର ଯାଦୁର ବାନ୍ଧି ରଖିବାର କଳା ତାଙ୍କୁ ଜଣାଥିଲା। ସେଥିପାଇଁ ଚାରି ଦଶନ୍ଧି ଧରି ଓଡ଼ିଆ ସଙ୍ଗୀତର ତାଳରେ ତାଳରେ ଝୁମାଇବାରେ ନିପୁଣ ବୋଲି ବାରମ୍ବାର ପ୍ରମାଣିତ କରି ଆସିଥିଲେ ସେ।

ଅଭିଜିତ ପଚାଶରୁ ଅଧିକ ସିନେମାରେ ସଙ୍ଗୀତ ନିର୍ଦ୍ଦେଶନା ଦେଇ ନିଜର ସ୍ୱତନ୍ତ୍ର ଛାପ ଛାଡ଼ିଛନ୍ତି। ଅଧିକାଂଶ ସିନେମାର ଗୀତ ଶ୍ରୋତାଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି । ସେ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ସିନେମା ମଧ୍ୟରେ ଅଛି, କାଶିଆ କପିଳା, ରଖିବ ଯଦି ସେ ମରିବ କିଏ, ମୋ ସୁନା ପୁଅ, ମୁନ୍ନା ଏ ଲଭ ଷ୍ଟୋରି, ତୋ ବିନା ଭଲ ଲାଗେନା, ଶୁଭ ବିବାହ, ଶ୍ୱଶୁର ଘର ଜିନ୍ଦାବାଦ, ଓମ୍ ନଃ ଶିବାୟ, ତୁ ଥା ମୁଁ ଯାଉଛି ରୁଷି, ବାଲୁଙ୍ଗା ଟୋକା, କିଛି ଖଟା କିଛି ମିଠା, ଆଇନ କାନୁନ, ମାଟ୍ରିକ ଫେଲ, ରଙ୍ଗିଲା ଟୋକା, ଲଭ ମାଷ୍ଟର, ଜଗୁ ଅଟୋବାଲା, ଲଭ ହେଲା ଏମିତି, ଚଉକା ଛକା, ଟାର୍ଗେଟ, ସଲାମ ସିନେମା, ରୁଦ୍ର ଅଶୋକ ସମ୍ରାଟ, ହରି ଓମ୍ ହରି, ଡାହା ବାଲୁଙ୍ଗା, ଟଙ୍କା ତତେ ସଲାମ, କେହି ଜଣେ ଭଲ ଲାଗେରେ, ପୁଣି ଦେଖା ହେବ ଆର ଜନମରେ, ସ୍ମାଇଲ ପ୍ଲିଜ, ଆମେ ତ ଟୋକା ଷଣ୍ଡମାର୍କା, ସମଥିଙ୍ଗ ସମଥିଙ୍ଗ-୨, ଗଞ୍ଜା ଲଢ଼େଇ, ଯିଏ ଯାହା କହୁ ମୋର ଢ଼ୋ, ଭଉଁରି, ଇସ୍କ ତୁ ହି ତୁ, ନୂଆ ନୂଆ ପ୍ରେମରେ, କିଏ ଦେବ ଟକ୍କର, ଆଶିକି, ସମୟ ବଡ଼ ବଳବାନ ଇତ୍ୟାଦି।

ବଲିଉଡର ଲୋକପ୍ରିୟ କଣ୍ଠଶିଳ୍ପୀ ବାବୁଲ ସୁପ୍ରିୟଙ୍କ କଣ୍ଠରେ ଏକଦା ବେଶ ଲୋକପ୍ରିୟ ହୋଇଥିଲା ଏକ ସଫଟ ରୋମାଣ୍ଟିକ ଗୀତ 'ସକାଳର ପହିଲି ଗାଡ଼ିରେ, ଚାଲିଯିବି ତତେ ମୁଁ ଛାଡ଼ିରେ'। ସେ ଗୀତର ସ୍ୱର ସଂଯୋଜନା କରିଥିବା ଅଭିଜିତ ମଜୁମଦାର ଆଜି ସକାଳୁ ସକାଳୁସତରେ ଏ ଦୁନିଆକୁ ଛାଡ଼ି ଚାଲିଯାଇଛନ୍ତି। ଅଭିଜିତଙ୍କ ଦେହାନ୍ତ ଓଡ଼ିଆ ସଂଗୀତ ଜଗତରେ ଏକ ଅପୂରଣୀୟ ଶୂନ୍ୟ ସ୍ଥାନ ସୃଷ୍ଟି କରିଛି। ଭଲ କଳାକାର ସବୁବେଳେ ଜନ୍ମ ହୁଅନ୍ତି ନାହିଁ। ସଂଗୀତ ଜଗତରେ ସେ ଯେଉଁ ନୂଆ ଅଧ୍ୟାୟ ସୃଷ୍ଟି କରିଥିଲେ ବୋଧ ହୁଏ ଆଉ କେହି ଏମିତି କରିପାରିବେ ନାହିଁ। ତାଙ୍କ ପାର୍ଥିବ ଶରୀର ସିନା ରହିବ ନାହିଁ ତାଙ୍କ ସଂଗୀତ ଆମ ସମସ୍ତଙ୍କ ହୃଦୟରେ ସବୁବେଳ ପାଇଁ ଛାତି ଭିତରେ ହିଁ ରହିଥିବ ନିଶ୍ଚୟ।

+ଗୋତରା, ମାହାଙ୍ଗା, କଟକ,
ମୋ: ୯୪୩୭୧୪୨୭୧୭

# ମହାପୁରୁଷ ଅଚ୍ୟୁତାନନ୍ଦ ଦାସ ଓ ତାଙ୍କ ଗ୍ରନ୍ଥାବଳୀ



ଡ. ଅମୂଲ୍ୟ କୁମାର ପଣ୍ଡା

ପଞ୍ଚଦଶ ଶତାବ୍ଦୀର ମଧ୍ୟ ଭାଗରୁ ଷୋଡଶ ଶତାବ୍ଦୀର ସତୁରୀ ଦଶକ ପର୍ଯ୍ୟନ୍ତ ପଞ୍ଚସଖା ସନ୍ଥ ମାନେ ଅର୍ଥାତ୍ ଅଚ୍ୟୁତାନନ୍ଦ ଦାସ, ବଳରାମ ଦାସ, ଜଗନ୍ନାଥ ଦାସ, ଅନନ୍ତ ଦାସ ଓ ଯଶୋବନ୍ତ ଦାସ ଓଡ଼ିଶାରେ ପ୍ରାଚୀନ ସନାତନ ଧର୍ମର ଗୁଢ଼ ଆଧ୍ୟାତ୍ମିକ ତତ୍ତ୍ୱକୁ ଅତ୍ୟନ୍ତ ସହଜ, ସରଳ ତଥା ପ୍ରାଞ୍ଜଳ ଭାଷାରେ ବିଭିନ୍ନ ପୋଥି, ମାଳିକା, ଟୀକା, ଗୀତା ଓ ସହିଂତା ରଚନା ମାଧ୍ୟମରେ ସାଧାରଣ ଜନଜୀବନକୁ ପ୍ରଭାବିତ କରିଥିଲେ । ଏହି ପଞ୍ଚସଖା ସନ୍ଥ ମାନଙ୍କ ମଧ୍ୟରେ ଶ୍ରୀ ଅଚ୍ୟୁତାନନ୍ଦ ଦାସ ଥିଲେ ଅନ୍ୟତମ । ସେ ୧୫୧୦ ମସିହା ମାଘ ଶୁକ୍ଳ ଏକାଦଶୀ ତିଥିରେ କଟକ ଜିଲ୍ଲା ତିଳକଣା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । କେହି କେହି ତାଙ୍କୁ ଅବତାରୀ ପୁରୁଷ ବୋଲି ବର୍ଣ୍ଣନା କରିଥିବା ବେଳେ ତାଙ୍କର ଜନ୍ମ ବୃତ୍ତାନ୍ତକୁ ନେଇ ଭିନ୍ନ ଭିନ୍ନ ମତ ରହିଛି । କେହି ତାଙ୍କୁ ଗୋପାଳ ବଂଶଜ ବୋଲି ଗ୍ରହଣ କରନ୍ତି ତ, କେହି କ୍ଷତ୍ରିୟ କୁଳ ର ବୋଲି କହନ୍ତି । ଐତିହାସିକ, ଓଡ଼ିଆ ସାହିତ୍ୟ ଗବେଷକ ସ୍ୱର୍ଗତ ଡଃ ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ଭିନ୍ନ ମତ ରହିଛି। କିନ୍ତୁ, ଚୈତନ୍ୟ ଭାଗବତ ରେ କୁହାଯାଇଛି : "ସୁଦାମା ଅଚ୍ୟୁତ ହୋଇଣ, ଜନ୍ମିଲେ ମହାନ୍ତି କୁଳେଣ।" ଅର୍ଥାତ୍, ଅଚ୍ୟୁତାନନ୍ଦ କରଣ କୁଳରେ ଜନ୍ମ ନେଇଥିଲେ । ତେବେ ଯାହା ହେଉନା କାହିଁକି, ପତିତ ଓ ଅବହେଳିତ ବର୍ଗ ର ଲୋକଙ୍କ ସାମାଜିକ ଉତ୍ଥାନ ପାଇଁ ସେ ଉଦ୍ୟମ କରିଥିବା ତାଙ୍କ ରଚନା ମାନଙ୍କରୁ ସ୍ପଷ୍ଟ ଜଣା ପଡ଼େ । ତନ୍ମଧ୍ୟରୁ ତାଙ୍କ ରଚିତ "ଗୋପାଳଙ୍କ ଓଗାଳ" ଓ "କୈବର୍ତ୍ତ ଗୀତା" ଅନ୍ୟତମ ଉଦାହରଣ ବୋଲି କୁହାଯାଇପାରେ । ମହାପୁରୁଷ ଅଚ୍ୟୁତାନନ୍ଦ ଦାସ ଷୋଡ଼ଶ ଶତାବ୍ଦୀର ପ୍ରମୁଖ ଓଡ଼ିଆ ସନ୍ଥ, କବି, ଦାର୍ଶନିକ ଏବଂ ତତ୍କାଳୀନ ପଞ୍ଚସଖାଙ୍କ ମଧ୍ୟରୁ ଅନ୍ୟତମ । ସେ ଆନୁମାନିକ ୧୬ଶ ଶତାବ୍ଦୀ ପ୍ରାରମ୍ଭରେ ଓଡ଼ିଆ ଭାଷାରେ ଯୋଗ, ପୁରାଣ ଓ ଆଗତ ଭବିଷ୍ୟ ଉପରେ ଆଧାରିତ ୩୬ଟି ସଂହିତା, ୭୮ଟି ଗୀତା, ୧୦୦ଟି ମାଳିକା, ଅନେକ ଭଜନ, ଚଉପଦୀ ଏବଂ ଜଣାଣ ଏହିପରି ପାଖାପାଖି ୧୬୦,୦୦୦ ପଦ୍ୟାବଳୀ ସେ ରଚନା କରିଯାଇଛନ୍ତି। ଯୋଗ, ଜ୍ୟୋତିଷ, ଦର୍ଶନ, ବାସ୍ତୁ, ମନ୍ତ୍ର, ଯନ୍ତ୍ର, ତନ୍ତ୍ର, ଆୟୁର୍ବେଦ ତଥା ଏହିପରି ଅନେକ ବିଷୟ ଏବଂ ବିଦ୍ୟାରେ ତାଙ୍କର ପାରଦର୍ଶିତା ଥିବାରୁ ତାଙ୍କୁ ଓଡ଼ିଶାର ପୁରପଲ୍ଲୀରେ 'ମହାପୁରୁଷ' ଭାବେ ଲୋକେ ଅଭିହିତ କରନ୍ତି ।

ଅଚ୍ୟୁତାନନ୍ଦ ଦାସ ଓଡ଼ିଶାର କଟକ ଜିଲ୍ଲାସ୍ଥିତ ନେମାଳ ପାଖରେ ଥିବା ତିଳକଣା ଗାଁରେ ମାତା ପଦ୍ମାବତୀ ଓ ପିତା ଦୀନବନ୍ଧୁ ଖୁଣ୍ଟିଆଙ୍କ ଔରସରୁ କରଣ ପରିବାରରେ ଜନ୍ମଲାଭ କରିଥିଲେ କ୍ଷ ତାଙ୍କ ପୂର୍ବ ପୁରୁଷଙ୍କ ସଂଜ୍ଞା ମହାନ୍ତି ଥିଲା କିନ୍ତୁ ତାଙ୍କ ପିତା ଦୀନବନ୍ଧୁ ମହାନ୍ତି ଗଜପତି ପ୍ରତାରୁଦ୍ର ଦେବଙ୍କ ଶାସନରେ ଖୁଣ୍ଟିଆ ପାହ୍ୟାରେ କାର୍ଯ୍ୟରତ ଥିବାରୁ ତାଙ୍କ ପିତାଙ୍କୁ ଖୁଣ୍ଟିଆ ସଂଜ୍ଞା ମିଳିଥିଲା। ଅଚ୍ୟୁତାନନ୍ଦ ଦାସ ତାଙ୍କ ବଂଶ ବିଷୟରେ ବର୍ଣ୍ଣନା କରିବାବେଳେ ଉଲ୍ଲେଖ କରିଛନ୍ତି ଯେ ତାଙ୍କ ପିତା ପୁରୀର ଜଗନ୍ନାଥ ମନ୍ଦିରରେ ନିୟୋଜିତ କରଣ ସେବାୟତ ହୋଇଥିବାବେଳେ ତାଙ୍କ ଜେଜେବାପା ଗୋପୀନାଥ ମହାନ୍ତି ଗଜପତି ରାଜାମାନଙ୍କର ମୁଖ୍ୟ ଉପଦେଶକାର 'ଛାମୁ କରଣ' ଭାବରେ କାର୍ଯ୍ୟରତ ଥିଲେ। ଅଚ୍ୟୁତାନନ୍ଦ ତାଙ୍କ ସମୟର ଏକ ସମ୍ଭ୍ରାନ୍ତ କରଣ ପରିବାରରେ ଜନ୍ମଗ୍ରହଣ କରିଥିବା ସତ୍ତ୍ୱେ ସେ କେଉଟ ଏବଂ ଗୌଡ଼ ପରି ସମ୍ପ୍ରଦାୟ ସହ ଜଡିତ ଥିଲେ ଏବଂ ଓଡ଼ିଆ ସମାଜରେ ସେମାନଙ୍କର ସାମାଜିକ ସ୍ଥିତିକୁ ସୁଧାରିବା ପାଇଁ ସେମାନଙ୍କ ସମ୍ପ୍ରଦାୟ ପାଇଁ ଅନେକ ଗ୍ରନ୍ଥ ଲେଖିଥିଲେ। ଉପରୋକ୍ତ ସମ୍ପ୍ରଦାୟଗୁଡ଼ିକ ଅଚ୍ୟୁତାନନ୍ଦ ଦାସଙ୍କୁ ସେମାନଙ୍କ ପୃଷ୍ଠପୋଷକ ଭାବେ ବିବେଚନା କରନ୍ତି। ସେ ନିଜ ରଚନା ଶୂନ୍ୟସଂହିତାରେ ସେ ପୂର୍ବ ଜନ୍ମରେ ସୁଦାମା ହୋଇଥିବାର ଉଲ୍ଲେଖ କରିଛନ୍ତି। (କ୍ରମଶଃ)

# ବରାହ ଦ୍ୱାଦଶୀ



ଅଲେଖ ଚନ୍ଦ୍ର ସାମଲ

ମାଘ ଶୁକ୍ଳପକ୍ଷ ଦ୍ୱାଦଶୀ ଭଗବାନ ବିଷ୍ଣୁଙ୍କ ପୂଜା ପାଇଁ ଅତି ଶୁଭ ଅବସର। ଏହି ଦ୍ୱାଦଶୀକୁ ଗୋବିନ୍ଦ ଦ୍ୱାଦଶୀ, ଭୀଷ୍ମ ଦ୍ୱାଦଶୀ ଏବଂ ବରାହ ଦ୍ୱାଦଶୀ ବୋଲି କୁହାଯାଇଥାଏ। ସେହିପରି ମାଘ ମାସ ଶୁକ୍ଳପକ୍ଷ ଏକାଦଶୀକୁ ଭୈମୀ ଏକାଦଶୀ ବା ଜୟା ଏକାଦଶୀ କୁହାଯାଇଥାଏ। ଶ୍ରଦ୍ଧାପୂର୍ବକ ଏହି ଏକାଦଶୀ ବ୍ରତ କଲେ ବ୍ରହ୍ମହତ୍ୟା ଭଳି ପାପରୁ ମୁକ୍ତି ମିଳିଥାଏ ବୋଲି ଶାସ୍ତ୍ରରେ ଉଲ୍ଲେଖ ରହିଛି। ଏହି ଏକାଦଶୀ ବ୍ରତ ଦ୍ୱାରା ପିଶାଚ ଯୋନୀରୁ ମଧ୍ୟ ମୁକ୍ତି ମିଳିଥାଏ। ଏହି ଦ୍ୱାଦଶୀ ଦିନ ବ୍ରତ ଧାରଣ କରି ଭଗବାନ ବିଷ୍ଣୁଙ୍କ ପୂଜା କରିବା ଦ୍ୱାରା ନିଃସନ୍ତାନଙ୍କୁ ସନ୍ତାନ ପ୍ରାପ୍ତି ହୋଇଥାଏ। ଲକ୍ଷ୍ମୀ କୃପା ପ୍ରାପ୍ତି ହୁଏ। ଧନଧାନ୍ୟ ଏବଂ ସୁଖ ମିଳିଥାଏ। ସମସ୍ତ ମନୋସ୍କାମନା ପୂରଣ ହେବା ସହ ପାପର ବୋଝ କମ୍ ହୋଇଥାଏ। ମାଘ ଶୁକ୍ଳ ଦ୍ୱାଦଶୀର ଅନେକ ପୌରାଣିକ ମହତ୍ତ୍ୱ ରହିଛି। ସତ୍ୟ ଯୁଗରେ ରାକ୍ଷସ ହିରଣାକ୍ଷ ପୃଥିବୀକୁ ନେଇ ସମୁଦ୍ର ଗର୍ଭରେ ବୁଡ଼ାଇ ଦେଇଥିଲା। ଭଗବାନ ବିଷ୍ଣୁ ବରାହ ରୂପ ଧାରଣ କରି ଏହି ପବିତ୍ର ଦିନରେ ହିଁ ପୃଥିବୀକୁ ଉଦ୍ଧାର କରିଥିଲେ।

ମହାଭାରତ କାଳରେ ଶରଶଯ୍ୟାରେ ଶୋଇ ରହିଥିବା ପିତାମହ ଭୀଷ୍ମ ମାଘ ଅଷ୍ଟମୀ ତିଥିରେ ଇଚ୍ଛାମୃତ୍ୟୁ ଅନୁଯାୟୀ ପ୍ରାଣ ତ୍ୟାଗ କରିଥିଲେ। ତେବେ ଦ୍ୱାଦଶୀ ଦିନ ହିଁ ତାଙ୍କର ତର୍ପଣ ଆଦି କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ସେଥିପାଇଁ ଏହାକୁ ଭୀଷ୍ମ ଦ୍ୱାଦଶୀ ମଧ୍ୟ କୁହାଯାଏ। ଏହି ପବିତ୍ର ତିଥିରେ ଭଗବାନ ଲକ୍ଷ୍ମୀନାରାୟଣଙ୍କ ପୂଜା କରିବା ଉଚିତ। ଓଁ ନମଃ ନାରାୟଣାୟ ନମଃ ମନ୍ତ୍ରରେ ଜପ କରିବା ଆବଶ୍ୟକ। ଏହି ଦିନ ସ୍ନାନଦାନ କରିବା ଦ୍ୱାରା ଅଖଣ୍ଡ ପୂଣ୍ୟ ପ୍ରାପ୍ତ ହୋଇଥାଏ ବୋଲି ଶାସ୍ତ୍ରରେ ଉଲ୍ଲେଖ ରହିଛି। ଓଡ଼ିଆ ଆଧ୍ୟାତ୍ମିକ ଜନଜୀବନ ଓ ଧର୍ମ ବିଶ୍ୱାସର ବରାହ ଦ୍ୱାଦଶୀ ଏକ ପୁଣ୍ୟତମ ଦିବସ। ଏହି ଦିନ ଗ୍ରାମାଞ୍ଚଳରେ ଥିବା ବିଭିନ୍ନ ଜଗନ୍ନାଥ ମନ୍ଦିର ଓ ବିଷ୍ଣୁଙ୍କ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ହୋଇଥାଏ। ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହୋଇଥାଏ। ଏହି ଦିନରେ ଶ୍ରୀଜୀଉଙ୍କ ଦୁର୍ଲ୍ଲଭ ବରାହ ବେଶ ଦର୍ଶନ କରିବାପାଇଁ ଦୂରଦୂରାନ୍ତରୁ ଭକ୍ତମାନେ ଶ୍ରୀକ୍ଷେତ୍ରକୁ ଆଗମନ କରିଥାନ୍ତି।



+ପୂର୍ବତନ ଡିଏଫ୍‌ଓ , ପଲାଇ,
ବାଲିଚନ୍ଦ୍ରପୁର, ଯାଜପୁର

କବିତା କୋଣାର୍କ

## ମାୟା ମିରିଗ

### ସଦାଶିବ ବିଶ୍ୱାଳ



ସୁନାହରିଣୀ ପ୍ରତି ମୋହ ଯୋଗୁ
ଶ୍ରୀରାମଙ୍କ ବ୍ୟଗ୍ରତା
ସୀତାହରଣର ମାୟାଜାଲ
ଲକ୍ଷ୍ମଣଙ୍କୁ ତିରସ୍କାର ବାଧ୍ୟବାଧକତା

ରାକ୍ଷସ ମାରୀଚ ମାୟାର ଅନୁବନ୍ଧିତ
ମାୟା ପୁଣି ମାରୀଚର ମୁଖ୍ୟ ମନ୍ତ୍ର
ମାରୀଚର ବିନାଶ କାରଣ

ଏ କଳିଯୁଗରେ ମଣିଷ ମାୟା କବଳିତ

ରକ୍ତ ସମ୍ପର୍କ, ଭାବ ସମ୍ପର୍କ
ସକାରାତ୍ମକ ମାୟା
ଇର୍ଷା ହରଣ ଅପହରଣ ବିଛାଏ
ସବୁ ନକାରାତ୍ମକ ଛାୟା

ଅନନ୍ୟ ସମ୍ପର୍କ କାଳ କାଳରୁ
ସୁନା ଓ କଳିର

ଯେପରିକି ସୁବର୍ଣ୍ଣ ମୃଗ, ସୀତା ହରଣ
ମୂଳ ଉପାଦାନ ରାବଣ ମୃତ୍ୟୁର

ଆଶା ତ ବୈତରଣୀ ଚଳ ଚଞ୍ଚଳ
ଏ ଲାଳସା ଠିକ ମାୟା ମୃଗ ପରି
କ୍ଷୀପ୍ର ଗତିରେ ଆଗେ ଦୌଡୁଥାଏ
ମନରେ କାମନା ଭରି

ମାୟା ସ୍ୱର୍ଣ୍ଣ ମିରିଗ, ମାରୀଚ
ହୁଅ ମନା ନାହିଁ କାହାକୁ
କାମ, ମୋହ ଉତ୍ପନ୍ନ ହୋଇବ
ନିଶ୍ଚୟ ଅଳ୍ପାୟୁ କରିବ କଳିକୁ ।

+କଷ୍ଟ ଏଣ୍ଡ ମ୍ୟାନେଜମେଣ୍ଟ
ଆକାଉଟାଣ୍ଟ
ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ
ଅଙ୍ଗରୁଆ, ଜିଲ୍ଲା - କେଉଁଝର

## ସ୍ୱପ୍ନ ଦେଖିବାର ନ ଥିଲା

### ଅସୀମା ପ୍ରଧାନ

ସ୍ୱପ୍ନ ଦେଖିବାର ନ ଥିଲା
ସ୍ୱପ୍ନ ପୂରଣ ପଥରେ
ପାଦ ଆଗକୁ ନ ବଢ଼ାଇ
ହତିଆର ପ୍ରସ୍ତୁତ ନ କରି
ଚଞ୍ଚଳ ଚିତ୍ତକୁ କାବୁ ନ କରି
ସ୍ୱପ୍ନ ଦେଖିବାର ନ ଥିଲ।
ଆତ୍ମ ପ୍ରଶଂସାର ପାହାଡ଼ ଉପରେ ବସି
ହାରି ବାର ଭୟକୁ ହାତରେ ପୋଛି
ମାନ ଅପମାନକୁ ପଛରେ ନେସି
ସ୍ୱପ୍ନ ଦେଖିବାର ନ ଥିଲା।
ଈର୍ଷାକୁ ପଛରେ ଫିଙ୍ଗିଦେଇ
ଭଲେଇ ହେବାର ନାଟକ କରି
ବସୁଧୈବ କୁଟୁମ୍ବକମ୍ ମାଳା କରି
ସ୍ୱପ୍ନ ଦେଖିବାର ନ ଥିଲା।
ଆଳରେ ଆଯୋଗ୍ୟତାକୁ ଲୁଚାଇ
ସୁଖ ଦୁଃଖ ସବୁ ବାଣ୍ଟି ଦେଇ
ସାମାଜିକ ପ୍ରାଣୀ ବାହାବା ନେଇ
ସ୍ୱପ୍ନ ଦେଖିବାର ନ ଥିଲା।
ସମୟକୁ ନିଜର ଖେଳନା ଭାବି
ଭାଗ୍ୟକୁ ବାନ୍ଧିବାର ବୃଥା ପ୍ରୟାସ କରି
କିଛି ଚମତ୍କାରକୁ ଅପେକ୍ଷା କରି
ସ୍ୱପ୍ନ ଦେଖିବାର ନ ଥିଲା।
ଦିବାସ୍ୱପ୍ନକୁ ପାଥେୟ କରି
ମିଛ ମରୀଚିକା ପଛରେ ଧାଇଁ
ମିଛ ବାହାବାରେ ସ୍ୱପ୍ନ ବଡ଼ କରି
ସ୍ୱପ୍ନ ଦେଖିବାର ନ ଥିଲା।

+ବୀରମହାରାଜପୁର,
ସୁବର୍ଣ୍ଣପୁର






# ଓଡ଼ିଶାକୁ ପଦ୍ମ ସମ୍ମାନ : ସ୍ୱୀକୃତିରେ ଅନାଲୋଚିତ ନାୟକ



ଡ଼ଃ.ଅରୁନ୍ଧତୀ ଦେବୀ

ଭାରତର ଗଣତନ୍ତ୍ର ଦିବସ ଅବସରରେ କେନ୍ଦ୍ର ସରକାରଙ୍କ ଠାରୁ ସବୁଠାରୁ ସମ୍ମାନଜନକ ସମ୍ମାନ ପଦ୍ମ ପୁରସ୍କାର ପ୍ରଦାନ କରାଯାଇଥାଏ। କହିବାକୁଗଲେ ଅନାଲୋଚିତ ଅସାଧାରଣ ପ୍ରତିଭା ମାନଙ୍କୁ ଏହା ଜାତୀୟ ସ୍ୱୀକୃତି କହିଲେ ଅତ୍ୟୁକ୍ତି ହେବନାହିଁ। ଓଡ଼ିଶାରୁ ସାହିତ୍ୟ ଓ ଶିକ୍ଷା କ୍ଷେତ୍ରରେ ଚରଣ ହେମ୍ବ୍ରମ ଓ ମହେନ୍ଦ୍ର କୁମାର ମିଶ୍ର ଓ କଳା କ୍ଷେତ୍ରରେ ଶରତ କୁମାର ପାତ୍ର ଓ ସୀମାଞ୍ଚଳ ପାତ୍ର ପଦ୍ମଶ୍ରୀ ପୁରସ୍କାର ପାଇଁ ମନୋନୀତ ହେବା ଗର୍ବ ଓ ଗୌରବର ବିଷୟ। କେବଳ ସେତିକି ନୁହେଁ ଏହି ଉପଲବ୍ଧି ଓଡ଼ିଶାର କଳା ଓ ସଂସ୍କୃତିକୁ ଜାତୀୟ ସ୍ତରରେ ନୂଆ ପରିଚୟ ଦେଇପାରିଛି। ଓଡ଼ିଶାର ଗରିମା ଓ ପ୍ରତିଭାକୁ ନିରନ୍ତର ବିଶ୍ୱଦରବାରରେ ପରିଚିତ ହୋଇପାରୁଛନ୍ତି ଯାହାକି ଆଗାମୀ ପିଢ଼ି ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ।

ନାଟ୍ୟଗୁରୁ ସୀମାଞ୍ଚଳ : ଓଡ଼ିଶାର ନାଟକ କ୍ଷେତ୍ରରେ ବେଶ ପରିଚିତ ନାଟ୍ୟଗୁରୁ ତଥା ବର୍ଷିଆନ ଅଭିନେତା ସୀମାଞ୍ଚଳ ପାତ୍ର ପଦ୍ମଶ୍ରୀ ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି। ଏଥିପୂର୍ବରୁ କେନ୍ଦ୍ର ସଂଗୀତ ନାଟକ ଏକାଡ଼େମୀ ପୁରସ୍କାର ପାଇଥିବା ଶ୍ରୀ ପାତ୍ର ଗଞ୍ଜାମ ଦିଗପହଣ୍ଡି ବ୍ଲକ ବୋମକେଇ ଗାଁରେ ୧୯୨୭ ଜୁଲାଇ ୭ ତାରିଖରେ ଜନ୍ମ ଗ୍ରହଣ କରିଥିଲେ। ଆସନ୍ତା ବର୍ଷରେ ସେ ଶହେ ବର୍ଷରେ ପଦାର୍ପଣ କରିବାକୁ ଯାଉଛନ୍ତି। ଦୀର୍ଘ ବର୍ଷ ଧରି ସେ 'ପ୍ରହ୍ଲାଦ' ନାଟକରେ ଅଭିନୟ ସହ ନିର୍ଦ୍ଦେଶନା ଦେଇ ଆସୁଛନ୍ତି। ପିଲାଟି ଦିନରୁ ମହାପ୍ରଭୁ ନୃସିଂହ ଉପାସନା ପ୍ରତି ଇଚ୍ଛା ପ୍ରକଟ କରିଥିଲେ ସୀମାଞ୍ଚଳ। ତାଙ୍କ ବାପା ସ୍ୱର୍ଗତଃ ସୁର ପାତ୍ର ମଧ ନାଟ୍ୟଗୁରୁ ଓ କଳାକାର ଥିଲେ। ବାପାଙ୍କୁ ପ୍ରଥମ ଗୁରୁ ଭାବେ ଗ୍ରହଣ କରି ସେ ଥିଏଟର ଜୟଯାତ୍ରା ଆରମ୍ଭ କରିଥିଲେ। ପ୍ରାୟ ୬/୭ ବର୍ଷ ବୟସରେ ଶ୍ରୀ ପାତ୍ର ପ୍ରଥମେ ସଖୀ ନାଟ ଗୁରୁ ନରସିଂହ ପ୍ରଧାନଙ୍କ ଠାରୁ ସଖୀ ନାଟ ଶିଖିଥିଲେ। ପରେ 'ପ୍ରହ୍ଲାଦ' ନାଟକର ପ୍ରହ୍ଲାଦ ଭୂମିକାରେ ଅଭିନୟ କରିଥିଲେ। ଗୁରୁ ଲକ୍ଷ୍ମଣ ଶତପଥୀ ଓ ତ୍ରିନାଥ ପ୍ରଧାନଙ୍କ ଠାରୁ ଦୀର୍ଘ ୨୦ ବର୍ଷ କାଳ 'ପ୍ରହ୍ଲାଦ' ନାଟକର ବିଭିନ୍ନ ଶୈଳୀ, ନୃତ୍ୟ, ଅଙ୍ଗଭଙ୍ଗୀ, ସଂଳାପ ଆଦି ପରିବେଷଣ ଶିଖିବାସହ ନିଜକୁ ଏହି କ୍ଷେତ୍ରରେ ପ୍ରସିଦ୍ଧ କରାଇ ପାରିଥିଲେ। ୨୦ ବର୍ଷ ବୟସରେ ବୋମକେଇ ଗ୍ରାମରେ ଆୟୋଜିତ 'ପ୍ରହ୍ଲାଦ' ନାଟକର ମୁଖ୍ୟ ଭୂମିକାରେ ଅଭିନୟ କରି ସମସ୍ତଙ୍କୁ ଚମକାଇ ଦେଇଥିଲେ।

ଆଦିବାସୀ ସମୁଦାୟଙ୍କ ସ୍ୱର, ମହେନ୍ଦ୍ର : ଆମ ରାଜ୍ୟରେ ଅନାଲୋଚିତ ଆଦିବାସୀ ପୁରାଣ ଠାରୁ ଲୋକକଥା, ମହାକାବ୍ୟ ଠାରୁ ଆଦିବାସୀ ସମ୍ପ୍ରଦାୟର ମୌଖିକ ପରମ୍ପରା ଅନୁସୃତ ଦସ୍ତାବିଜର ସଂଗ୍ରହ ଓ ସଂରକ୍ଷଣ ସହ ଶିକ୍ଷା, ସାହିତ୍ୟ କ୍ଷେତ୍ରରେ ଉତ୍କର୍ଷତା ନିମିତ୍ତ ଆଦିବାସୀ ସମୁଦାୟଙ୍କ ସ୍ୱରର ସଂରକ୍ଷକ କୁହାଯାଉଥିବା ମହେନ୍ଦ୍ର କୁମାର ମିଶ୍ର ଚଳିତ ବର୍ଷ ପଦ୍ମଶ୍ରୀ ସମ୍ମାନ ପାଇଁ ମନୋନୀତ ହୋଇଛନ୍ତି। ଅବହେଳିତ ଆଦିବାସୀ ଗୋଷ୍ଠୀ ମଧ୍ୟରେ ସାଂସ୍କୃତିକ ଐତିହ୍ୟକୁ ପ୍ରୋତ୍ସାହିତ କରିବାରେ ତାଙ୍କର ତୃଣମୂଳସ୍ତରର ଉଦ୍ୟମ ଆଜି ତାଙ୍କୁ ଏହି ସ୍ୱୀକୃତି ଦେଇଛି। ନୂଆପଡ଼ା ଜିଲ୍ଲାର ସିନା ପାଲି ଗାଁ ନିବାସୀ ଶ୍ରୀ ମିଶ୍ର ଓଡ଼ିଆ ଓ ଆଦିବାସୀ ଲୋକସାହିତ୍ୟ ଉପରେ ତାଙ୍କର ୨୫ରୁ ଅଧିକ ପୁସ୍ତକ ତାଙ୍କୁ ଭାରତର ଆଦିବାସୀ ସାହିତ୍ୟ ଐତିହ୍ୟର ଗୁରୁତ୍ୱପୂର୍ଣ୍ଣ ସଂରକ୍ଷକଙ୍କ ମଧ୍ୟରେ ଏକ ଅଗ୍ରଣୀ ସ୍ଥାନ ଦେଇଛି। ପୁସ୍ତକ ଗୁଡ଼ିକରେ ଓଡ଼ିଶାର ଜୁଆଙ୍ଗ, ମୁଣ୍ଡା ଓ ସାନ୍ତାଳ ଜନଜାତିଙ୍କ କାବ୍ୟ, କାହାଣୀ ଓ ଲୋକକଥା ସଂଗୃୀତ ହୋଇଛି। ୨୦୧୮ରେ ସେ ତାଙ୍କ ପୁସ୍ତକ 'କଥା ଓ କାହାଣୀ' ପାଇଁ 'କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର' ପାଇଥିଲେ। ଆଦିବାସୀ ଲୋକକଳା ଉପରେ ଗବେଷଣା ପାଇଁ ତାଙ୍କୁ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ଏବଂ ଇନଷ୍ଟିଚ୍ୟୁଟ ଅଫ ଆଡଭାନ୍ସଡ଼ ଷ୍ଟଡି ଭଳି ଅନୁଷ୍ଠାନରୁ ଫେଲୋସିପ ପ୍ରଦାନ କରାଯାଇଛି। ତାଙ୍କ କାର୍ଯ୍ୟ ଆଦିବାସୀ ଜ୍ଞାନ ପ୍ରଣାଳୀ ଓ ମୁଖ୍ୟଧାରା ସାହିତ୍ୟ ମଧ୍ୟରେ ଏକ ମଜଭୁତ ସେତୁ ଭାବେ କାମ କରୁଛି। ସାହିତ୍ୟ କ୍ଷେତ୍ରରେ ୟୁନେସ୍କୋ ପୁରସ୍କାର ପାଇଥିବା ସେ ଏକମାତ୍ର ଭାରତୀୟ, ଯାହା ତାଙ୍କର ସାଂସ୍କୃତିକ ସଂରକ୍ଷଣ ପ୍ରତି ଅସାଧାରଣ ଅବଦାନକୁ ବିଶ୍ୱସ୍ତରୀୟ ସ୍ୱୀକୃତି ଦେଇଛି। ସେ ତାଙ୍କର ପୌରାଣିକ କଥା, ମହାକାବ୍ୟ, ପ୍ରବଚନ ଓ ଲୋକଗୀତକୁ ସଂଗ୍ରହ କରି ପିଢ଼ିରୁ ପିଢିକୁ ଚାଲି ଆସୁଥିବା ମୌଖିକ ପରମ୍ପରାକୁ ବିଲୁପ୍ତରୁ ରକ୍ଷା କରିଛନ୍ତି। ଏବେ ଛତିଶଗଡ଼, ରାୟପୁରରେ ରହୁଥିବା ଛତିଶଗଡ଼ ସରକାରରେ ଆଦିବାସୀ ଉନ୍ନୟନ ଉପରେ କାମ କରୁଛନ୍ତି। ଓଡ଼ିଶାର ଗଣଶିକ୍ଷା ବିଭାଗରେ ବି ସେ କିଛି ବର୍ଷ କାମ କରିଛନ୍ତି।

ଗୀତଗୋବିନ୍ଦ ଖଣ୍ଡୁଆପାଟର ବିନ୍ଧାଣୀ ଶରତ : ମହାପ୍ରଭୁଙ୍କ ନୀତିରୀତିକାନ୍ତି ଓ ମହାର୍ଘ ବେଶ ପରିପାଟୀ ଭିତରେ ଗୀତଗୋବିନ୍ଦ ଖଣ୍ଡୁଆ ପାଟର ଅପୂର୍ବ ଆକର୍ଷଣ ରହିଛି। ହସ୍ତତନ୍ତ ପାଇଁ ପ୍ରସିଦ୍ଧ ତିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣା ଗ୍ରାମର ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ବୁଣାକାର ଶରତ କୁମାର ପାତ୍ରଙ୍କୁ ଗୀତଗୋବିନ୍ଦ ଖଣ୍ଡୁଆ ପାଟ ବୟନ ସହ ବୟନ କାର୍ଯ୍ୟରେ ଉଲ୍ଲେଖଯୋଗ୍ୟ ଅବଦାନ ପାଇଁ ପଦ୍ମଶ୍ରୀ ପୁରସ୍କାର ପାଇଁ ମନୋନୀତ କରାଯାଇଛି। ସୂଚନାଥାଉକି ଶ୍ରୀ ପାତ୍ରଙ୍କ ପରିବାର ପକ୍ଷରୁ ପୁରୁଷାନୁକ୍ରମେ ପୁରୀ ଶ୍ରୀମନ୍ଦିରକୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଭିନ୍ନ ଅଙ୍ଗବସ୍ତ୍ର ସହ ଗୀତଗୋବିନ୍ଦ ଖଣ୍ଡୁଆ ପାଟ ଯୋଗାଇ ଆସୁଛନ୍ତି। ଶରତଙ୍କ ବାପା ସୁନାମଧନ୍ୟ ବୁଣାକାର ସ୍ୱର୍ଗତ ଗୋପାଳ ପାତ୍ରଙ୍କ ସମେତ ତାଙ୍କ ଜେଜେବାପା, ଜେଜେଙ୍କ ବାପା ଏହି କାର୍ଯ୍ୟ ସମ୍ପାଦନ କରି ଆସୁଥିଲେ। ଶରତ ୭/୮ ବର୍ଷ ବୟସରୁ ଏହି ବୟନ କାର୍ଯ୍ୟ ଆରମ୍ଭ କରିଥିଲେ। ଦଶାବତାର ଗୀତଗୋବିନ୍ଦ ବୟନ କାର୍ଯ୍ୟ ପାଇଁ ଶତର ଓ ତାଙ୍କ ବଡ଼ଭାଇ ସୁରେନ୍ଦ୍ର କୁମାର ପାତ୍ରଙ୍କୁ ଯୁଗ୍ମ ଭାବେ ୧୯୯୩ ମସିହାରେ ଜାତୀୟ ପୁରସ୍କାର ଓ ବୁଦ୍ଧଦେବଙ୍କ ଜୀବନଚକ୍ର ବୟନ ପାଇଁ ୨୦୧୫ ମସିହାରେ ଶରତଙ୍କୁ ସନ୍ଥ କବୀର ପୁରସ୍କାର ପ୍ରଦାନ କରାଯାଇଥିଲା। ଶରତ ବର୍ତ୍ତମାନ ସମୟରେ ମୁଖ୍ୟତଃ ଗବେଷଣାଭିତ୍ତିକ ବୟନ କାର୍ଯ୍ୟରେ ଲିପ୍ତ ରହିଛନ୍ତି। ବୟନରେ ରାସାୟନିକ ରଙ୍ଗ ବଦଳରେ ପ୍ରାକୃତିକ ରଙ୍ଗର ବହୁଳ ବ୍ୟବହାର ଓ ନୂତନ ଢ଼ାଞ୍ଚାରେ ବୟନ କାର୍ଯ୍ୟ ସମ୍ପାଦିତ କରିବା ନେଇ ସେ ଗବେଷଣା କରୁଛନ୍ତି। ଏଥି ସହିତ ସେ ଉପେନ୍ଦ୍ର ଭଞ୍ଜଙ୍କ ବିଭିନ୍ନ କାବ୍ୟ, ହନୁମାନ ଚାଳିଶା, କାଳିଦାସଙ୍କ ମେଘଦୂତ କାବ୍ୟ, ସନ୍ଥ କବି ଭୀମଭୋଇଙ୍କ ପାଦ ବନ୍ଦନା, ଅମ୍ବିକା ବିଳାସ କାବ୍ୟରେ ଥିବା ବାହାଘର ବର୍ଣ୍ଣନା ଉପରେ ଲେଖା ଓ ଚିତ୍ର, କବିଚନ୍ଦ୍ର କାଳିଚରଣ ପଟ୍ଟନାୟକଙ୍କ ବସନ୍ତ ବର୍ଣ୍ଣନା ଉପରେ ଲେଖା, ଗଙ୍ଗାଧର ମେହେରଙ୍କ ତପସ୍ୱିନୀ କାବ୍ୟର ବର୍ଷା ଋତୁର ବର୍ଣ୍ଣନା, ମହାବୀର ଜୈନଙ୍କ ଜୀବନୀ, ମହାତ୍ମା ଗାନ୍ଧୀ, ଗୌତମ ବୁଦ୍ଧଙ୍କ ଜୀବନୀ ସମେତ ବିଭିନ୍ନ ପ୍ରାକୃତିକ ଚିତ୍ର କପଡ଼ା ଉପରେ ଦର ଭାବେ ନିଜର ନିପୁଣ ବୟନ କଳା ମାଧ୍ୟମରେ ପ୍ରଦର୍ଶିତ କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି।

ଆଦିବାସୀଙ୍କ ପାଇଁ ସମର୍ପିତ ସେବକ ଚରଣ : ଓଡ଼ିଶାର ପ୍ରାଚୀନତମ ଜନଜାତି ଆଦିବାସୀ ମାନଙ୍କ ଜ୍ଞାନ ବିଜ୍ଞାନ ଓ ବିକାଶ ପାଇଁ ବର୍ଷ ବର୍ଷ ଧରି ଲେଖନୀ ମୁନରେ ସମୃଦ୍ଧ କରୁଥିବା ଆଦିବାସୀ ଜନଜାତି ସାହିତ୍ୟ ସ୍ରଷ୍ଟା ଚରଣ ହେମ୍ବ୍ରମ ଚଳିତ ବର୍ଷ ପଦ୍ମଶ୍ରୀ ପୁରସ୍କାର ପାଇଛନ୍ତି। ଆଦିବାସୀ ପିଲାଙ୍କ ପାଇଁ ଶିକ୍ଷା ନିମିତ୍ତ ଏକାଧିକ ଶିକ୍ଷାନୁଷ୍ଠାନ ଗଢ଼ିଥିବା ଚରଣ ବାବୁଙ୍କ ଶାନ୍ତ ସରଳ, ନିରାଡ଼ମ୍ବର ଓ ପ୍ରଫୁଲ୍ଲିତ ଜୀବନ ନିଶ୍ଚିନ୍ତ ଭାବରେ ଆମ ସମସ୍ତଙ୍କ ପାଇଁ ପ୍ରେରଣା। ୧୯୫୨ ମସିହାରେ ଚରଣ ହେମ୍ବ୍ରମ ଜନ୍ମ ଗ୍ରହଣ କରିଥିଲେ। ତାଙ୍କା ବାପା ହେଉଛନ୍ତି ଶାଙ୍ଗ ହେମ୍ବ୍ରମ ଓ ମାଆ କାର୍ମୀ ହେମ୍ବ୍ରମ। ଶ୍ରୀ ହେମ୍ବ୍ରମଙ୍କ ପତ୍ନୀ ଶୁକୁରମଣି ହେମ୍ବ୍ରମ୍ ସହ ଚାରି ପୁଅ ସଞ୍ଜୀବ କୁମାର ମାଝୀ, ଲକ୍ଷ୍ମଣ କୁମାର ମାଝୀ, ପ୍ରଶାନ୍ତ କୁମାର ମାଝୀ, କାଞ୍ଚନ କୁମାର ହେମ୍ବ୍ରମ ଏବଂ ଝିଅ କାମିନୀ ମାଝୀ ଅଛନ୍ତି। ଅଲଚିକି ଭାଷାର ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଦ୍ୱାରା ଅନୁପ୍ରାଣୀତ ହୋଇ ଶ୍ରୀ ହେମ୍ବ୍ରମ୍ ୩୦ ବର୍ଷ ହେଲା ଆଦିବାସୀ ସମ୍ପ୍ରଦାୟର ବିକାଶ ପାଇଁ ଲେଖନୀ ଚାଳନା କରୁଛନ୍ତି। ବିଶେଷକରି ଭାଷା, ଗୀତ, ନୃତ୍ୟ, ପରମ୍ପରା ଆଦିର ସୁରକ୍ଷା ଦିଗରେ ଉଦ୍ୟମ ଜାରି ରଖିଛନ୍ତି। ଏ ଯାଏଁ ହେମ୍ବ୍ରମ ସାନ୍ତାଳୀ ଓ ଓଡ଼ିଆ ଭାଷାରେ ମୋଟ ଆଠଟି ପୁସ୍ତକ ରଚନା କରିଛନ୍ତି। ଯେଉଁଥିପାଇଁ ତାଙ୍କୁ ଅନେକ ଜିଲ୍ଲା, ରାଜ୍ୟ ଓ ଜାତୀୟସ୍ତରୀୟ ପୁରସ୍କାର ମିଳିଛି।

ଦେଶ ତଥା ଆମ ମହାନ ଓଡ଼ିଶା ମାଟିକୁ ସମୃଦ୍ଧ ଓ ଗୌରବାନ୍ୱିତ କରିବାରେ ଏହି ସାଧାରଣ ଗରିମାମୟ ନାଗରିକଙ୍କ ଅସାଧାରଣ କାର୍ଯ୍ୟକୁ ପଦ୍ମ ସମ୍ମାନ ସ୍ୱୀକୃତି ନିଶ୍ଚିନ୍ତ ଭାବରେ ଏକ ବଡ଼ ସମ୍ମାନ ଯାହାକି ଆଗାମୀ ପିଢ଼ି ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ।

+ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ,
କଟକ,
ମୋ : ୯୯୩୭୧୭୨୮୧୦



ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)

# ତ୍ରିପାଦମେଦିନୀ

## ଜ୍ୟୋତ୍ସ୍ନାମୟୀ ପଣ୍ଡା

॥ ଭାଗ-୧୨୬ ॥



ମୁନି, ଋଷି, ଯୋଗ ସାଧକ, ବ୍ରାହ୍ମଣ, ଲେଖକ, ଦାର୍ଶନିକ ମାନେ ତାଙ୍କ ପ୍ରଭାବରେ ସର୍ବଦା ସମାଜ ଓ ପରିବେଶରେ ଶାନ୍ତି ପ୍ରତିଷ୍ଠା କରିଥାନ୍ତି। ସେମାନେ ଯୁଦ୍ଧ ନୁହେଁ, ସର୍ବଦା ଜନତାକୁ ଶାନ୍ତିର ମାର୍ଗ ପ୍ରଦର୍ଶନ କରିଥାନ୍ତି। ଶାନ୍ତି ଓ ଅହିଂସା ମାର୍ଗରେ ସମସ୍ୟା ସମାଧାନ କରିବାର ଦକ୍ଷତା ସେମାନଙ୍କର ଥାଏ। ବ୍ରହ୍ମ ଜାନୟତି ଇତି ବ୍ରାହ୍ମଣ। ବ୍ରହ୍ମ ହିଁ ବ୍ରାହ୍ମଣ ମାନଙ୍କୁ ସୁରକ୍ଷିତ ରଖିଥାନ୍ତି। ମନକୁ ବଶୀଭୂତ କରି ପାରୁଥିବା ମାନବ ମାନଙ୍କୁ ହିଁ ମହାପ୍ରଜ୍ଞ ବା ମନୀଷ କୁହାଯାଏ ଏବଂ ଏହି ପ୍ରଜ୍ଞାକୁ ମନୀଷା କୁହାଯାଏ। ଏମାନଙ୍କ ନିଜ ଚିନ୍ତା, ଚେତନା ଓ ବିଚାର ଧାରାରେ ସମୁଦାୟ ସହିତ ଗୋଟିଏ ଯୁଗର ମଧ ପରିବର୍ତ୍ତନ ହୋଇ ଯାଇଥାଏ।

ଏବେ ସେହି ବିଷ୍ଣୁ ପ୍ରେମୀ, ଦେବତା, ସେହି ବ୍ରାହ୍ମଣ, ଯେଉଁମାନଙ୍କୁ ବ୍ରହ୍ମ ସୁରକ୍ଷା ଦିଅନ୍ତି, ସେହି ବେଦ ରଚୟିତା, ମୁନି, ଋଷି, ଏବଂ ସେମାନଙ୍କର ଆରାଧ ପ୍ରକୃତି ଉପରେ ତାଙ୍କର ଅତ୍ୟାଚାର ବଢି ଯିବାରେ ଲାଗିଲା। ତ୍ରିଜଗତ ଏବେ ତ୍ରାହି ତ୍ରାହି ଡାକ ଦେଲେ। ସେହି ସ୍ୱେଚ୍ଛାଚାର ରେ ଅତ୍ୟାଚାରିତ ଓ ନିର୍ଯ୍ୟାତିତ ମାନେ ହିରଣ୍ୟ କଶ୍ୟପଠାରୁ ରକ୍ଷା ପାଇବାକୁ ଶ୍ରୀବିଷ୍ଣୁଙ୍କ ନିକଟରେ ପ୍ରାର୍ଥନା କରିବାକୁ ଲାଗିଲେ । ଏମାନେ ପ୍ରାୟ ଶ୍ରୀ ବିଷ୍ଣୁଙ୍କୁ ସାକ୍ଷାତ କରିବାକୁ କ୍ଷୀର ସିନ୍ଧୁ ତଟରେ ମିଳିତ ହେଉଥିଲେ। ଦେବତା ମାନେ କିଏ ମୃଗ, ବାଘର ଚିତ୍ରିତ ଚର୍ମ, କିଏ ବା ନଳିତା, କାର୍ପାସ ର ରଙ୍ଗ କରା ଗେରୁ, ହଳଦୀ ଆଦି କାର୍ପାସ ବସ୍ତ୍ର, ରୁଦ୍ରାକ୍ଷ, ତୁଳସୀ, ସ୍ୱର୍ଣ୍ଣ, ରୌପ୍ୟ, ମାଣିକ୍ୟ, ନୀଳମଣି, ମୁକ୍ତା ଆଦି ଅଳଙ୍କାର ଓ ମକୁଟ ମଣ୍ଡିତ ଥିଲେ। ମୋ ମତରେ ଏହି ଦେବତା ମାନଂକ ମସ୍ତିଷ୍କ ମହାକାଶ ସହିତ ସମାନ ହୋଇଥାଏ। ଏହା ପଞ୍ଚଭୂତର ଅତୀତ ଅଟେ। ମହାକାଶରେ ବିଦ୍ୟୁତ୍, ଚୁମ୍ବକୀୟ, ବେତାର ତରଙ୍ଗ ଗୁଡ଼ିକ ବିନା ପାଞ୍ଚ ଭୂତ ରେ ଗତି କରିଥାନ୍ତି।ଏହି ବେତାର ଚୁମ୍ବକୀୟ ତରଙ୍ଗ ମଣିଷ ମସ୍ତିଷ୍କ ରେ ମଧ ଥାଏ। ସେମାନେ ସାଧନା ବଳରେ ସିଧା ସଳଖ ନିଜ ସନ୍ଦେଶ ଓ ଭାବନା ମାନ ଅନ୍ୟ ମସ୍ତିଷ୍କକୁ ପଠାଇ ପାରନ୍ତି। କେବଳ ବଡ଼ ବୈଜ୍ଞାନିକ ଓ ସାଧକ ମାନେ ଏହା କରି ପାରନ୍ତି !

ତାଙ୍କ ପ୍ରାର୍ଥନାର ଉତ୍ତର ଦେଲେ ଶ୍ରୀ ବିଷ୍ଣୁ । ହିରଣ୍ୟ କଶିପୁର ଏକମାତ୍ର ପୁତ୍ର ପ୍ରହ୍ଲାଦ ହିଁ ହେବ ତାର ମୃତ୍ୟୁର କାରଣ ! ପ୍ରହ୍ଲାଦ କିଏ ? ତା ପାଇଁ ହିରଣ୍ୟ କଶିପୁର ମୃତ୍ୟୁ ହେବ କାହିଁକି ?

ସେତେବେଳେ ନିଜ ଭ୍ରାତୃ ହତ୍ୟାର ପ୍ରତିଶୋଧ ନେବା ପାଇଁ ହିରଣ୍ୟ କଶିପୁ ମନ୍ଦର ପର୍ବତ ରେ ତପସ୍ୟା ରତ ଥାନ୍ତି। ତାଙ୍କର ତପସ୍ୟା ଦେଖି ଇନ୍ଦ୍ରାଦି ଦେବତା, ଅର୍ଥାତ ଅଦିତିଙ୍କର ପୁତ୍ର ମାନେ ପ୍ରମାଦ ଗଣିବାରେ ଲାଗିଲେ। ସେମାନେ ଭାବିଲେ, ଏ ଯେପରି କଠୋର ତପସ୍ୟା କରୁଛି ସେଥିରେ ସିଦ୍ଧି କଲେ ଏ ନିଶ୍ଚୟ ଆର୍ଯ୍ୟ ଓ ଦେବତା ମାନଙ୍କ ଉପରେ ଅନେକ ଅତ୍ୟାଚର କରିବ। ଏ ଭୟ ଦେଖାଇ ସ୍ୱର୍ଗର ଇନ୍ଦ୍ରପଦ ଲାଭ କରିବ ଓ ସ୍ୱର୍ଗ ଏହାର ଅଧୀନ ହୋଇଯିବ। ଏହାର ଶକ୍ତି ବଳରେ ଅସୁର ମାନେ ମଧ ବଳବାନ ହୋଇ ତିନି ପୁରରେ ନିଜର ବିଜୟ ବାନା ଉଡାଇବେ। ପୃଥିବୀରେ ଅସୁର ମାନଙ୍କ ଧର୍ମର ପ୍ରତିଷ୍ଠା ହେବ ଓ ଦେବତ୍ୱର ପରାଜୟ ହେବ। କିଭଳି ଭାବରେ ବର୍ତ୍ତମାନ ପରିସ୍ଥିତିରେ ହିଁ ହିରଣ୍ୟ କଶିପୁଓ ଅସୁରବଂଶ କୁ ଦୁର୍ବଳ କରିଦେବାକୁ ହେବ, ଇନ୍ଦ୍ର ତାହା ଚିନ୍ତା କରିବାରେ ଲାଗିଲେ। ଏବେ ବୃତ୍ରାସୁରର ବଧ ହୋଇ ସାରିଛି। ବିପ୍ରଚିତ୍ତ, ପତ୍ନୀ ସିଂହିକା, ନିଜର ଜ୍ୟେଷ୍ଠପୁତ୍ର ରାହୁ ଓ ଶେଷ ପୁତ୍ର ହେତୁ ସହ ଏକଶହ ଏକ ପୁତ୍ର ଙ୍କୁଘେନି ସିଂହଳ ଦ୍ୱୀପରେ ବାସ କରୁଛି। ଅବଶ୍ୟ ଋଷଭ, ଶଙ୍କୁଶିର, ହେତି, ପ୍ରହେତି, ହୟଗ୍ରୀବ,ଅୟୋମୁଖ ପୁଲୋମା, ସମ୍ବର, ବୃଷପର୍ବା, ଉତ୍କଳ, ହେତି ଆଦି ବୀରମାନେ ଅଛନ୍ତି। କିନ୍ତୁ ନିଜର ସେନାପତି ଓ ସାମ୍ରାଟଙ୍କ ବ୍ୟତୀତ ସେମାନେ ଇନ୍ଦ୍ର ଙ୍କୁ ପରାଜିତ କରି ପାରିବେ ନାହିଁ। ଏବେ ମଧ ହିରଣ୍ୟ ସଂପୂର୍ଣ୍ଣ ସିଦ୍ଧି ପାଇନାହିଁ। ଏହି ସମୟରେ ତାର ଗୃହରେ ଦିତି, ହିରଣ୍ୟାକ୍ଷର ବିଧବା ପତ୍ନୀ ଉପଦାନବୀ ଓ ଭାନୁ, ତାର ଗର୍ଭବତୀ ପତ୍ନୀ କୟାଧୂ ଏକାକୀ ଅଛନ୍ତି। କୟାଧୁ ଗର୍ଭରେ ଯେଉଁ ରାକ୍ଷସ ପୁତ୍ର ଅଛି ସେ ମଧ ହିରଣ୍ୟାକ୍ଷର ଅନୁରୂପ ହୋଇଥିବ। ତେଣୁ ରାଜଭୁବନ ଉପରେ ଆକ୍ରମଣ କରି ତାର ସମସ୍ତ ଧନସମ୍ପଦ ସହ କୟାଧୂକୁ ସେ ବଳତ୍କାର କରି ଇନ୍ଦ୍ର ଭୁବନକୁ ନେଇଯିବେ ଏବଂ ତାର ପୁତ୍ର ଜନ୍ମ ହେବା ପରେ ତାକୁ ହତ୍ୟା କରି ନିଜର ଭବିଷ୍ୟତ ଶତ୍ରୁ କୁ ବିନାଶ କରିବେ । ହିରଣ୍ୟାକ୍ଷ ଫେରିଆସିବା ପରେଏହି ଦୁର୍ଯ୍ୟୋଗ ଦେଖି ତାର ମନୋବଳ ଭାଙ୍ଗିଯିବ ଓ ସେଦେବତାଙ୍କ ବିରୁଦ୍ଧରେ ଲଢେଇ କରିପାରିବ ନାହିଁ। ତାହାପରେ ପୁନର୍ବାର କୟାଧୂକୁ ଆଣି ତାହାର ଭୁବନ ରେ ଛାଡ଼ିଦେଇ ଯିବେ।

ଦିନେ ରାତିରେ ଅତର୍କିତ ଭାବେ ଇନ୍ଦ୍ର ନିଜ ସୈନ୍ୟମାନଙ୍କ ସହିତ ହିରଣ୍ୟ କଶ୍ୟପର ଭୁବନ ଉପରେ ଆକ୍ରମଣକଲେ। ଅସୁରମାନେ କେହି ପୂର୍ବରୁ ସାବଧାନ ନଥିଲେ କି ପ୍ରସ୍ତୁତ ନଥିଲେ। ସେମାନଙ୍କର ସେନାପତି ମୁଖ୍ୟ ନେତା ସେତେବେଳେ ଅନୁପସ୍ଥିତ ଥିଲେ। ତେଣୁ ସେମାନେ ପ୍ରତି ଆକ୍ରମଣ ନକରି ଭୟରେ ଛିନ୍ନଛତ୍ର ହୋଇ ଯେ ଯୁଆଡେ ପଳାୟନ କଲେ । ଇନ୍ଦ୍ରଙ୍କର ଉଦ୍ଦେଶ୍ୟ ଅକ୍ଳେଶରେ ଫଳବତୀ ହେଲା । ଅସୁର ଭୁବନରୁ ସମସ୍ତ ଧନ ସମ୍ପଦ ଜୁର କରି ସେ କୟାଧୂଙ୍କୁ ବନ୍ଦୀ କଲେ ଏବଂ ତାଙ୍କର ହସ୍ତଧରି ଇନ୍ଦ୍ର ଭୁବନ ଆଡକୁ ଟାଣି ଟାଣି ନେଇ ଯିବାରେ ଲାଗିଲେ।

ହିରଣ୍ୟ କଶ୍ୟପଙ୍କର ପଟ୍ଟ ମହିଷୀ କୟାଧୂଙ୍କର କେଶ ବସନ ଅସମ୍ଭାଳ ହେଉଥିଲା। ଅତି ଅସହାୟ ଭାବେ ସେ କ୍ରନ୍ଦନ ରତା ଥିଲେ । ତାଙ୍କର ସର୍ବାଙ୍ଗ ରେ ସ୍ୱର୍ଣ୍ଣ, ରୌପ୍ୟ, ପ୍ରବାଳ, ଶାମୁକା, ଗେଣ୍ଡା ଆଦିର ଅଳଙ୍କାର ଓ କଟି ର ମେଖଳା ତଳେ ନଳିତାର ବେଣୀ ଝୁଲା ରଙ୍ଗ କରା ସଂକ୍ଷିପ୍ତ ବସ୍ତ୍ର କମ୍ପିତ ଥିଲା। ଗର୍ଭ ଭାରରେ ତାଙ୍କର ଦୁଇପାଦ ଅବଶ ହୋଇଯାଉଥିଲା । ଅଥଚ ଦେବରାଜ ଇନ୍ଦ୍ର ନିଷ୍ଠୁର ଭାବେ, ନିଜର ସୁରକ୍ଷା ପାଇଁ ତାଙ୍କୁ ବଳାତ୍କାରରେ ବନ୍ଦୀକରି ନେଇ ଯାଉଥିଲେ !!

ସେଠାରେ ତାଙ୍କର ରକ୍ଷକ କେହି ନଥିଲେ। କୟାଧୂଙ୍କର ଅଶ୍ରୁଧାରା ସିକ୍ତ କରି ଚାଲିଥିଲା ଇନ୍ଦ୍ର ଭୁବନର ପଥସାରା। ଇନ୍ଦ୍ର ତାଙ୍କର ଦୁଇ ହସ୍ତକୁ ନିଜ ହସ୍ତରେ ବନ୍ଦୀ କରି ରଖିଥିଲେ। ସେତିକି ବେଳେ ବିଷ୍ଣୁ ଭକ୍ତ, ସ୍ୱର୍ଗପୁରର ସାମ୍ବାଦିକ ବ୍ରହ୍ମା ପୁତ୍ର ନାରଦ ସେହି ପଥ ଦେଇ ଯାଉ ଯାଉ ସ୍ତମ୍ଭିତ ହୋଇ ଅଟକି ଗଲେ। 'ହେ ଅଦିତି ନନ୍ଦନ ଶକ୍ରଦେବ ! ଦେବ କୁଳ ରେ ଜନ୍ମ ହୋଇ ମଧ ଜଣେ ଅସହାୟା ଅବଳା ଉପରେ ଏଭଳି ଅତ୍ୟାଚର କରିବା କ'ଣ ଦେବତ୍ୱ ? ସେ ଦାନବ ପତ୍ନୀ ହେଲେ ମଧ ଜଣେ ନାରୀ ଓ ଗର୍ଭବତୀ। ଏ ମଧ ଜଣେ ପରମା ସତୀ ଏବଂ ସୁନ୍ଦରୀ। ତାକୁ ତୁମେ ଏପରି ବଳ ପ୍ରୟୋଗ କରି ଇନ୍ଦ୍ର ଭୁବକୁ ଓଟାରୁଛ କାହିଁକି' ?

' ମହର୍ଷି, ଏ ଜଣେ ଅବଳା, ଅସହାୟା ନାରୀ ନୁହେଁ। ଏହାର ପତି ହିରଣ୍ୟ କଶିପୁଏବେ ଦେବତା ମାନଙ୍କର ବିନାଶ ପାଇଁ କଠୋର ତପସ୍ୟା କରୁଛନ୍ତି। ଆଉଏହାର ଗର୍ଭରେ ଯେଉଁ ସନ୍ତାନ ଅଛି, ସେ ହେଉଛି ଦେବ କୁଳର ଶତ୍ରୁ । ତେଣୁ ସେହି ଅଜାତ ଶତ୍ରୁକୁ ଜନ୍ମ ସମୟରୁ ବିନାଶ କରିବା ହିଁ ମୋର ଲକ୍ଷ୍ୟ'। 'ଓ,ଏପରି ?' ନାରଦ ସ୍ମିତ ହସି କରି ଉତ୍ତର ଦେଲେ। 'କିନ୍ତୁ ହେ ଶକ୍ର, ତୁମେ ଏହି ଗର୍ଭସ୍ଥ ଶିଶୁ ବିଷୟ ରେ କିଛି ନ ଜାଣି ଏପରି ଅପରିଣାମ ଦର୍ଶୀ କାର୍ଯ୍ୟ କରନା ହିଁ । ଗର୍ଭସ୍ଥ ଶିଶୁକୁ ହତ୍ୟା କରିବା ମହାପାପ। ଭବିଷ୍ୟତ ସମ୍ପର୍କରେ ମୁଁ ସ୍ପଷ୍ଟ ଜାଣିପାରୁଛି, ସେ ଦେବତା କିମ୍ବା ଆର୍ଯ୍ୟ ମାନଙ୍କର ଶତ୍ରୁ ନୁହେଁ। ଏହା ବ୍ୟତୀତ ହିରଣ୍ୟକଶିପୁଙ୍କର ତିନି ପତ୍ନୀ ଅଛନ୍ତି ଓ ଭବିଷ୍ୟତ ରେ ଅନେକ ପୁତ୍ର ଜନ୍ମ ହୋଇ ପାରନ୍ତି !! ତେଣୁ ଏହାକୁ ବିନାଶ କରି ତୁମେ ଶତ୍ରୁ ଶୂନ୍ୟ ହୋଇପାରିବ ନାହିଁ। ମୁଁ ଜଣେ, ଏ ଜଣେ ପରମ ବିଷ୍ଣୁ ଭକ୍ତ ହେବ। ସେ ହେବ ନିଜ ପିତାର ପ୍ରଧାନ ଶତ୍ରୁ ଏବଂ ପିତୃହନ୍ତା। ଏହାକୁ ବିନାଶ କଲେ ହିରଣ୍ୟକଶିପୁକୁ ବିନାଶ କରିବା ତୁମ ପକ୍ଷରେ ବହୁ ଅସାଧ ହୋଇ ପଡିବ। ତେଣୁ ନିଜକୁ ଏକ ଅବୋଧ , ନିରପରାଧ ଶିଶୁର ହନ୍ତା ରୂପେ କଳଙ୍କିତ କରନାହି।'ନାରଦଙ୍କ ଠାରୁ ଏହି ସାନ୍ତ୍ୱନା ବାଣୀ ଶୁଣି ଇନ୍ଦ୍ର ଆଶ୍ୱସ୍ତ ହୋଇଗଲେ। ସେ ଜାଣିଥିଲେ ଯେ, ବ୍ରହ୍ମର୍ଷି ନାରଦ କଳିହା କିନ୍ତୁ ମିଥ୍ୟାବାଦୀ ନୁହଁନ୍ତି। 'ତେବେ ବର୍ତ୍ତ ମାନ ମୋତେ କ'ଣ କରିବାକୁ ହେବ ? ଏହାକୁ ପୁନର୍ବାର ନେଇ ଅସୁର ଭୁବନ କୁ ଫେରିବା ମୋ ପକ୍ଷରେ ଠିକ ହେବନାହିଁ।'

' ତାକୁ ମୋ ଆଶ୍ରମ ରେ ଛାଡିଦିଅ। ଯଥା ସମୟରେ ମୁଁତାକୁ ହିରଣ୍ୟ କଶିପୁଙ୍କ ନିକଟରେ ଛାଡ଼ିଦେଢ଼ି ।' ତେବେ ତାହାହିଁ ହେଉ। ଏହା କହି ଇନ୍ଦ୍ର କୟାଧୂଙ୍କୁ ଛାଡ଼ିଦେଇ ରଥ ଆରୋହଣ କରି ଇନ୍ଦ୍ର ଭୁବନକୁ ଚାଲିଗଲେ। (ବିଷ୍ଣୁ ହଂସ( ପରମ ହଂସ) ରୂପରେ ଆସି ଯୋଗ ଶିକ୍ଷା ଦେଇଥିଲେ। ସେ ହନୁମାନ ଙ୍କପୂର୍ବଜ ରୁଦ୍ର କିପରି ହେବେ ? ବିଶ୍ୱ ବା ବିଷ ( ପଦ୍ମ ନାଡ ଯାହାଙ୍କୁ ଅନୁସରଣ କରେ ସେ ବିଷ୍ଣୁ। ତାଙ୍କ ନାଭିରୁ ସମସ୍ତ ସୃଷ୍ଟି ଜାତ ହେଲା ଓ ପ୍ରଥମ ମାନବ ରୁଦ୍ର ବଂଶ ମଧ। ସେ ରୁଦ୍ର ନାରାୟଣ। ନାରାୟଣ ( ନର ବା ନାର ଅର୍ଥ ଜନ ବା ଜନତାଙ୍କ ଆୟନ ବା ଯାହାଙ୍କ ମାର୍ଗ ଦେଇ ଆସନ୍ତି।)

(କ୍ରମଶଃ)

+ ବାଲିଝରି, କାନପୁର, ବଡ଼ମ୍ବା, କଟକ

## କାଉଁରୀ ସ୍ୱପ୍ନ !

### ପ୍ରତିମା ମେହେର



ଇଛିବାକୁ ଭାରି ଭୟ !
ପହଁରି ଆସୁଥିବା ଭାବନା ସବୁ
ତମାମ ରାତି କଡ଼ ଲେଉଟାନ୍ତି
ପତ୍ରଟିଏ ଖସିବାର
ନିରବ ବେଦନାରେ ବୃକ୍ଷ ଚିନ୍ତିତ !
ମନ ବି ମର୍ମାହତ !
କେତେ ଦୂରେ ତୁମେ !
ଚଳ ଚଞ୍ଚଳ ସହରୀ ଯାତ୍ରା
ନଈ ବହିବାର ଶବ୍ଦ
ତୁମଠୁ କୋସେ ଦୂର
ନିଶାର୍ଦ୍ଧର କୃଷ୍ଣ ପଣତ ଆବୋରି
ରାତ୍ରୀର ଶେଷାର୍ଦ୍ଧରେ
ପ୍ରୀତିପର୍ଣ୍ଣା ମନ !
ଉବୁଟୁବୁ ହେବା ଯାହା ଥୟ !
ଟକ୍ ମକ୍ ଫୁଟୁଥିବା ସ୍ୱପ୍ନ ଜଳେ
ପହର ପହର !
ଭ୍ରାନ୍ତଧାରଣା ! ଭଲପାଇବା
ନିର୍ମଳ ଆକାଶ ଦିଏ
ବିରହ ବାରତା !
ଜହ୍ନ ହଜେ କ୍ଷଣକୁ,କ୍ଷଣ
ମେଘ କହେ,ତୁମ କାହାଣୀ
ଅଚିହ୍ନା ପକ୍ଷୀ ମାନେ ଫେରିଯାଆନ୍ତି
ଘୁମନ୍ତ ମେଘ ମାଳ ତଳେ
ଏଇ ରାତି ଠିକ୍ ଠିକ୍ ଜାଣେ,
ପକ୍ଷୀ'ର ନୀରବ ଭାବ !
ଲୁଚାଇଛି ଅସରନ୍ତି ବ୍ୟଥା
ତା'ଛାତି ତଳେ
ତାଳ ଦେଇ ବଞ୍ଚିବାକୁ ହେବ ରାତ୍ରୀ ସାଥେ
ତେଣୁ ମୁଁ ଚୁପ୍ ଚାପ୍ ଦେଖେ
କାଉଁରୀ ସ୍ୱପ୍ନ !
ପ୍ରଖର ବେଗରେ ତୁମେ, ତୁମ ଇଚ୍ଛା
ଧାବମାନ ସୁନାର ହରିଣୀ
ତୁମ ହାତ ପହଞ୍ଚରେ
ସନ୍ଧ୍ୟା ଦୀପ ଜଳୁ ଜଳୁ ମସଗୁଲ୍
ସମ୍ଭାବନାମୟ ଜୀବନ ଯାତ୍ରା
ବେଳ ନାହିଁ, ଆଖି ପତା ପଡିବାର
ମନେ ନାହିଁ କିଏ ସେଇ
ପ୍ରେୟସୀ ନିଜର ।

+ପାଟଣାଗଡ଼
ମୋ: ୮୯୦୮୭୫୫୭୦୫

## କ୍ଷମତାର ଭାରିପଣ

### ଅନସୂୟା ପଣ୍ଡା



ନିଜ ନିଜ ବିଚାର ଧାରାରେ
ଯିଏ ଯେବେ ଯେମିତି ପବନ ଭରିଲା
କ୍ଷମତା ରୂପ ରଙ୍ଗ ବଦଳେଇଲା।
କେଉଁ ଏକ ଅନନ୍ତ କାଳରୁ ଆଜି ଯାଏ
ଚିରହରଣ କ୍ଷମତାର ଆଳରେ
ଚାଲିଥାଏ ସମାଜର ବରଗଛ ତଳେ
ଅସ୍ମିତାକୁ ଗିଳିଥାଏ ଅଜଗର ବର ଉହାଡରେ
ରୂପ ବଦଳେଇ ବିକାଶ ଚିତ୍ରିତ ହେଉଥାଏ।
କ୍ଷମତାର ମଦିରା ପିଇବା ପରେ
ଆପଣାକିଆ ସବୁ ଭସ୍ମାସୁର
ଅହଙ୍କାରୀ ଦୟାନନ୍ଦର ଛତ୍ରଛାୟାରେ
ବିଘଟିତ ହେଉଥାଏ ରାଜପାଠ।
କ୍ଷମତା ପ୍ରତିପତ୍ତିରେ ଭାବିନିଏ
ସାରା ଆଲୋକ ତା' ଆହୋପୁରୁଷିକାରେ
ଅନ୍ଧାରକୁ ଆଲୋକର ସୁନାପାଣି ଦେଇ
ବାଣ୍ଟେ ମଣିଷକୁ ଅନୁଦାନ କହି।
ବଟିକୁ ଉପହାର ଲେଖିଦେଇ
ଆଙ୍ଗୁଠି ଗୁଞ୍ଜିଲେ ଜନତାର ଆଖିରେ
ଶୋଷଣର ଲହ ଲହ ଜିହ୍ୱା
କ'ଣ ଲୁଚିପାରେ କାହାର ?
କାଳେ କାଳେ କ୍ଷମତାର ଚକ୍ରବ୍ୟୂହରେ
ସାଧାରଣ ଜନତାଟିଏ
କରୁଥାଏ ସଂଘର୍ଷ ବଞ୍ଚିବାର।
କେବେ କ୍ଷମତା ସ୍ୱକାର ସ୍ୱାର୍ଥରୁ ବାହାରି
ନିଃସ୍ୱାର୍ଥ ସେବାରେ ହେବ ବ୍ରତୀ
ପ୍ରଶ୍ନବାଚୀ ଦାୟୀ ସମାଜର ?
କ୍ଷମା ଦୟା ଦାୟିତ୍ୱ ସର୍ବାତିଥ୍ୟ ସମର୍ପଣ
ନମ୍ରତା ନିସ୍ୱାର୍ଥ ସେବାର ଭାରିପଣ
କ୍ଷମତାରେ ଅଭିନିବେଶ କରିଦେଲେ
ଈଶ୍ୱରଟିଏ ପରି ପ୍ରତୀତ ହୁଏ।
ଦୁଃଖ ଦୁଃରାବସ୍ଥା ଦୁଃସମୟରେ
ନିଜର ସମ୍ବେଦନା ଛାପକୁ ବିଛେଇ ପାରିଲା
ସେଠି କ୍ଷମତାର ଜୟ ଜୟ କାର ହେଲା।
ସମଗ୍ର ଭୋକର ହାହାକାରକୁ
ଅଣଚଉଡା ଅତିଷ୍ଠ ବେଳାକୁ
ହାଡସନ୍ଧିର ଦରଜକୁ ଲିଭେଇବାର ଚେଷ୍ଟା
ଜାରି ରଖିଲେ କ୍ଷମତାର କଳ୍ପବଟ ହେଲା।
ଯେ କ୍ଷମତାର ଡେଣା ଖଞ୍ଜି
ଆଣ୍ଟରେ ଉର୍ଦ୍ଧ୍ୱ ଉଡାଣ ଭରିଲା
ନୀଚ ସ୍ୱାର୍ଥର ତଣ୍ଡୁଳ ପାଇଁ
ସେ ଶାଗୁଣା ପରି ମାଂସର ବିଳାପ କଲା।

+ବୁର୍ଲା, ସମ୍ବଲପୁର,
ମୋ: ୯୪୩୯୨୧୧୯୭୧

## କି ସୁନ୍ଦର ଶୀତ ସକାଳ

### ରାଜଶ୍ରୀ ନନ୍ଦ



ବରଷରେ ବାର ମାସ ଛଅ ଋତୁ
ପ୍ରକୃତି ଦେଇଛି ଦାନ,
ତାହାରି ଆଶିଷେ ଯିଏ ଯାହା ଗୁଣେ
ହୋଇଥାନ୍ତି ବଳିୟାନ।
ଋତୁ ଚକ୍ରରେ ଯେ ଆସି ପହଞ୍ଚିଛି
ଆଜି ଏଇ ଶୀତଋତୁ,
ମନେ ଉନ୍ମାଦନା ଦେଇଅଛି ଭରି
ଗଢେ ଭାବନାର ସେତୁ।
ହେମନ୍ତ ର ଶେଷେ ଶୀତର ପ୍ରବେଶ
ଧରା ଯେବେ ଉଠେ ହସି,
କଅଁଳ ଖରାରେ ବାଳ ବୃଦ୍ଧ ମିଶି
ଖରା ପୋଉଁଥାନ୍ତି ବସି ।
କଅଁଳ କିରଣ ସୂରୁଜ ଉଇଁଲେ
ପଡେ ଘାସ ଗାଲିଚାରେ,
ଶିଶିର ବିନ୍ଦୁ ଯେ ଚିକ୍ ମିକ୍ କରେ
ମୁକ୍ତା ଭ୍ରମ ସୃଷ୍ଟି କରେ ।
ଶୀତ ସକାଳରେ ଦିଶେ ନାହିଁ ବାଟ
କୁହୁଡି ରୋକେ ଯେ ପଥ,
ପଥିକ ଟି ଭ୍ରମେ ବାଟ ବଣା ହୋଇ
ଭୁଲ୍ ପଥେ ଯାଏ ସେ'ତ ।
କୁହୁଡି ଆଚ୍ଛନ୍ନ ଶୀତ ର ସକାଳ
ଝୁମି ଝୁମି କରି ଆସେ,
ଗେଣ୍ଡୁ ,ସେବତୀ ଓ ଗୋଲାପ ମହକେ
ଲକ୍ଷ୍ମୀ ପ୍ରସାଦ ସୁବାସେ ।
ଘରେ ଘରେ ଶଙ୍ଖ ହୁଳହୁଳି ନାଦେ
ଲକ୍ଷ୍ମୀ ପୂଜା ଚାଲିଥାଏ
ଦାଣ୍ଡ ଦୁଆରରୁ ଝୋଟି ଲକ୍ଷ୍ମୀ ପାଦ
କି ସୁନ୍ଦର ଦିଶୁଥାଏ ।
ଗରମ ଚାହା ର ଆସର ଶେଷରେ
ହୁଏତ ପ୍ରାତ ଭ୍ରମଣ,
ଶୀତ ବସ୍ତ୍ର ନାଇ ପିଲା ଯାନ୍ତି ପଢ଼ି
ନଥାଏ ତାଙ୍କର ମନ ।
ଚଷା ଭାଇ ଶୀତେ କ୍ଷେତ କୁ ଚାଲଇ
ଖାତର ନକରି ଶୀତ
ଅମଳ କରଇ ଧାନ ଶସ୍ୟ ସବୁ
ଖୁସିରେ ଗାଇ ସେ ଗୀତ ।
ଶୀତ ସକାଳ ଟି ଖୁସି ଆଣିଥାଏ
ଧନୀ ବ୍ୟକ୍ତିଙ୍କର ପାଇଁ
ଗରିବଙ୍କ ପାଇଁ ହୋଇଥାଏ କଷ୍ଟ
ରହନ୍ତି ସେ ନିଆଁ ପୋଇଁ ।
କି ସୁନ୍ଦର ମନଲୋଭା ଦୃଶ୍ୟକାନ୍ତି
ମନ ନେଇ ଯାଏ ଟାଣି,
ସ୍ରଷ୍ଟା ଙ୍କ ସୃଷ୍ଟି ରେ ଶୀତ ସକାଳ ରେ
ନାଚେ ଯେ ପ୍ରକୃତି ରାଣୀ ।
ହେ ବିଶ୍ୱନିୟନ୍ତା ଧନ୍ୟ ତୁମ ସୃଷ୍ଟି
ଋତୁଚକ୍ର ତିଆରିଛ,
ଦୁଃଖ ଓ ସୁଖ କୁ ଫେଣ୍ଟା ଫେଣ୍ଟି କରି
ଜୀବନେ ଶାନ୍ତି ଭରିଛ ।

+ଭୁବନେଶ୍ୱର
ମୋ: ୯୧୯୩୪୮୨୨୪୫୮୭

# ଗୁପ୍ତେଶ୍ୱରଠାରେ ମହା ଶିବରାତ୍ରୀ ମେଳା ନିମନ୍ତେ ପ୍ରସ୍ତୁତି ବୈଠକ

ଜୟପୁର, ୨୮/୧ (ନି.ପ୍ର): ପ୍ରସିଦ୍ଧ ଗୁପ୍ତେଶ୍ୱର ପୀଠରେ ରାତି ଗୋଟାଏରୁ ୧.୩୦ ମଧ୍ୟରେ ହେବ ହରିହର ଭେଟ। ଏହା ପରେ ଉଠିବ ମହାଦୀପ। ତା ପୂର୍ବରୁ ଅର୍ଥାତ ରାତି ୭ଟା ରୁ ତଳେ ଥିବା ମୁଖ୍ୟ ଗେଟ ବନ୍ଦ କରାଯିବ। ହରିହର ଭେଟ ଲାଗି ନିତିକାନ୍ତି ଆରମ୍ଭ ହେବ। ଧାର୍ଯ୍ୟ ସମୟରେ ସମସ୍ତ କାର୍ଯ୍ୟ ଏବଂ ଶୃଙ୍ଖଳିତ ଭାବେ ଶିବରାତ୍ର ଆୟୋଜନ କରିବାକୁ ଆଜି ସ୍ଥାନୀୟ ପୌର ସଭାଗୃହରେ ଆୟୋଜିତ ପ୍ରସ୍ତୁତି ବୈଠକରେ ନିଷ୍ପତି ନିଆଯାଇଛି। ଦେବୋତର ଅଧିକାରୀ ତଥା ତହସିଲଦାର ସବ୍ୟସାଚୀ ଜେନାଙ୍କ ଅଧକ୍ଷତାରେ ଅୟୋଜିତ ବୈଠକରେ ଉପଜିଲ୍ଲାପାଳ ଅକା ବରମ ସସ୍ୟାରେଡ୍ଡୀ, ପୌରାଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଏସଡିପିଓ ପାର୍ଥ କଶ୍ୟପ,ଅତିରିକ୍ତ ତହସିଲଦାର ଚିତରଞ୍ଜନ ପଟ୍ଟନାୟକ, ଅଗ୍ନିଶମ ଅଧିକାରୀ ସୁରେଶ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ବର୍ଷ ଏହି ପୀଠରେ ଶିବରାତ୍ରୀକୁ କିପରି ଶାନ୍ତିଶୃଙ୍ଖଳାରେ ପାଳନ କରାଯିବ ତା ଉପରେ ଆଲୋଚନା ହୋଇଥିଲା। ଚଳିତ ବର୍ଷ ପାର୍କିଙ୍ଗ ନିମନ୍ତେ ଦର ଧାର୍ଯ୍ୟ କରାଯାଇଛି। ମୋଟର ସାଇକଲ ନିମନ୍ତେ ୧୦ଟଙ୍କା, ଅଟୋ ପାର୍କିଙ୍ଗ ନିମନ୍ତେ ୨୦ଟଙ୍କା, କାର ନିମନ୍ତେ ୫୦ ଟଙ୍କା, ଓ ବସ ପାର୍କିଙ୍ଗ ନିମନ୍ତେ ୧୦୦ ଟଙ୍କା ଧାର୍ଯ୍ୟ କରାଯାଇଛି। ସର୍ବସାଧାରଣ ଭକ୍ତଙ୍କ ଦର୍ଶନ ନିମନ୍ତେ କେ?ଣସି ଦେୟ ଦେବାକୁ ପଡିବ ନାହିଁ। କିନ୍ତୁ ସ୍ୱତନ୍ତ୍ର ଦର୍ଶନ ନିମନ୍ତେ ଜଣେ ଭକ୍ତକୁ ୫ଶହ ଟଙ୍କା ଦେବାକୁ ପଡିବ ବୋଲି ଆଜିର ବୈଠକରେ ନିଷ୍ପତି ହୋଇଛି। ଗତବର୍ଷ ପାନୀୟଜଳ ଏବଂ ବିଦ୍ୟୁତ ଯୋଗାଣରେ ବିଭ୍ରାଟ ହୋଇଥିଲା। ଏଥର ଯେମିତି ଏହାର ପୁନରାବୃତି ନ ହେବ ସେଥିଲାଗି ଉଭୟ ବିଭାଗର ଅଧିକାରୀଙ୍କୁ ତାଗିଦ କରାଯାଇଥିଲା। ଡକରିଘାଟିରୁ ଗୁପ୍ତେଶ୍ୱର ପୀଠ ପର୍ଯ୍ୟନ୍ତ ଲାଇଟ ବ୍ୟବସ୍ଥା,୨୪ ଘଂଟା ବିଦ୍ୟୁତ ଯୋଗାଣ ଲାଗି ନିର୍ଦ୍ଧେଶ ଦିଆଯାଇଥିଲା। ୮ରୁ ୧୦ ଟି ପାଣି ଟ୍ୟାଙ୍କର,୨୦ରୁ ଅଧିକ ସିଣ୍ଟେକ୍ସ ବ୍ୟବସ୍ଥା କରିବାକୁ ଜନସ୍ୱାସ୍ଥ୍ୟ ବିଭାଗକୁ କୁହାଯାଇଥିଲା। କର୍ମଚାରୀମାନେ ପାଳି କରି ୨୪ ଘଣ୍ଟା ସଜାଗ ରହିବେ। ଗୁପ୍ତେଶ୍ୱରକୁ ସଂଯୋଗ କରୁଥିବା ସମସ୍ତ ରାସ୍ତାକୁ ମରାମତି କରାଯାଉ। ଶ୍ରଦ୍ଧାଳୁଙ୍କ ଲାଗି ଅଧିକରୁ ଅଧିକ ଅସ୍ଥାୟୀ ଶୌଚାଳୟ ନିର୍ମାଣ କରାଯାଉ। ପୁଲିସକୁ ସହଯୋଗ କରିବାକୁ ଦରକାର ପଡିଲେ ଅଧିକ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯିବ। ସେମାନଙ୍କୁ ପୁଲିସ ଓ ତହସିଲ ପକ୍ଷରୁ ପରିଚୟ ପତ୍ର ପ୍ରଦାନ କରାଯିବଁ। ଯଦି ଦରକାର ପଡେ ଟ୍ରାଫିକ ନିୟନ୍ତ୍ରଣ ଲାଗି ଅଧିକ ପୁଲିସ ମୁତୟନ କରାଯିବ। ଯୋଗାଣ ବିଭାଗ ପକ୍ଷରୁ ସୁଲଭମୂଲ୍ୟରେ ଚାଉଳ, ଚୁଡା ଓ ଅନ୍ୟାନ୍ୟ ସାମଗ୍ରୀ ଯୋଗାଇ ଦିଆଯିବ। ମେଡିକାଲ ପକ୍ଷରୁ ଆମ୍ବୁଲାନ୍ସ ସହ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ଗୁପ୍ତେଶ୍ୱରରେ ରହିବେ। ନଦୀଘାଟରେ ଅଘଟଣ ରୋକିବାକୁ ସମସ୍ତ ବ୍ୟବସ୍ଥା ସହ ଦମକଳବାହିନୀ ସଜାଗ ରହିବେ। ଯାନବାହାନ ନିୟନ୍ତ୍ରଣ ପାଇଁ ବୈପାରିଗୁଡ଼ା ପୋଲିସ, ଜୟପୁର ସଦର ପୋଲିସ ଓ ଓଡ୍ରାଫକୁ ଦିଆଯିବ। ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ ଜିଲ୍ଲା ଖାଉଟି ଓ ଯୋଗାଣ ଅଧିକାରୀ ଦ୍ୱାରା ୨ ଗୋଟି ଷ୍ଟଲ ହେବ ଏବଂ ଏଥି ନିମନ୍ତେ ଡାଲି ଚାଉଳ କଦଳୀ, ପାନୀୟ ଜଳ, ଚୂଡା ଓ ଅନ୍ୟାନ୍ୟ ଆବଶ୍ୟକୀୟ ସାମଗ୍ରୀ ଯୋଗାଇ ଦେବେ। ପିଇବା ପାଣି ଓ ଶୌଚଳୟ ମରାମତି ନିମନ୍ତେ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ରାସ୍ତା ଓ କୋଠାବାଡ଼ି, ବୈପାରିଗୁଡା ଓ ଜୟପୁରଙ୍କୁ ଅନୁରୋଧ କରାଯାଇଛି। ଆର ଡବ୍ଲୁ ଏସ ଏସ ବୈପାରିଗୁଡ଼ାଙ୍କୁ ବ୍ଲିଚିଂ ପାଉଡର ପକାଇବା ସହ ସଫା ସୁତୁରାର ଦାୟିତ୍ୱ ଦିଆଗଲା। ବିଗତ ବର୍ଷ ଭଳି ଚଳିତ ବର୍ଷ ୨ ଗୋଟି ଷ୍ଟଲ୍ ରହିବ ସମସ୍ତ ପ୍ରାଥମିକ ଚିକିତ୍ସା ଯୋଗାଇ ଦେବା ସହ ୨ ଗୋଟି ଏମ୍ବୁଲେନ୍ସ ରଖିବା ନିମନ୍ତେ ସ୍ୱାସ୍ଥ୍ୟ ବିଭାଗ, ଜୟପୁର ଓ ବୈପାରିଗୁଡ଼ାଙ୍କୁ ଅନୁରୋଧ କରାଗଲା। ଶିବରାତ୍ର ଦିନ ଅଗ୍ନିଶମ ଗାଡି ଗୋଟିଏ ମନ୍ଦିର ପାଖରେ ଓ ଅନ୍ୟଟି ପାର୍କିଂ ପାଖରେ ରହିବ। ସ୍ପେଶାଲ ଟିକଟ ୫୦୦ ଟଙ୍କା ରକ୍ଷା ଯାଇଛି। ବସ ପାର୍କିଂ ପାଇଁ ୧୦୦ ଟଙ୍କା, ବିକେ ପାଇଁ ୧୦ ଟଙ୍କା, ଅଟୋ ପାଇଁ ୨୦ ଟଙ୍କା ଅନ୍ୟାନ୍ୟ କାର ପାଇଁ ୫୦ ଟଙ୍କା ରକ୍ଷା ଯାଇଛି। ପ୍ରତିବର୍ଷ ଭଳି ଏହି ବର୍ଷ ରାତ୍ର ୮ ଘଣ୍ଟା ସମୟରେ ମନ୍ଦିର ଫାଟକ ବନ୍ଧ ହେବ ଏବଂ ପରେ ପରେ ହରିହର ମିଳନ ରାତ୍ର ୧୨.୦୦ ଘଟିକାରେ ତା ପରେ ପରେ ମହା ଦୀପ ହେବ।

# ବିସ୍ଫୋରଣରେ ଉଡିଲା ଘର: ଜଣେ ମୃତ, ୨ ଗୁରୁତର



ବାଲିପାଟଣା, ୨୮/୧ (ନି.ପ୍ର): ମଙ୍ଗଳବାର ବିଳମ୍ବିତ ରାତିରେ ଖୋର୍ଦ୍ଧାଜିଲ୍ଲା ବାଲିପାଟଣା ଥାନା ନରିଶୋରେ ବେଆଇନ ଭାବେ ଚାଲିଥିବା ଏକ ବାଣ କାରଖାନାରେ ଭୟଙ୍କର ବିସ୍ଫୋରଣ ଘଟିଛି। ଏଥିରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ତିନି ଜଣ ଗୁରୁତର ହୋଇଛନ୍ତି। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ଘରଟି ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି। ମୃତକ ହେଲେ ଅଭିନା କାଣ୍ଡି। ସଙ୍କଟାପନ୍ନ ଅବସ୍ଥାରେ ମୁନା ଭୋଇ, ପ୍ରମୋଦ ସାହୁ ଓ ରମେଶ ତିଆଡ଼ିଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତେବେ ଏହା ବାଣ ନୁହେଁ, ବୋମା ଭିଡ଼ିବାବେଳେ ବିସ୍ଫୋରଣ ହୋଇଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି।

ତଦନ୍ତ ଜାରି ରହିଥିବାବେଳେ ପୁଲିସ ଏ ନେଇ କିଛି ସ୍ପଷ୍ଟ କରିନାହିଁ। ଘଟଣାସ୍ଥଳରେ ନିଆଳି ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ସକାଳୁ ବନମାଳୀପୁର ଫାଣ୍ଡି ପୁଲିସ ଓ ସାଇଣ୍ଟିଫିକ ଟିମ ତଦନ୍ତ କରୁଛି। ବାଣ କାରଖାନା ନିକଟରେ ଥିବା ଘର ଭାଙ୍ଗି ରୁଜି ଯାଇଛି। ପଡୋଶୀ ଆତଙ୍କିତ ହୋଇ ପଡିଛନ୍ତି। ଘଟଣାସ୍ଥଳରେ ବହୁ ସାମଗ୍ରୀ ଜଳି ପାଉଁଶ ହୋଇ ଯାଇଛି। ବାଣ ରେ ବ୍ୟବହୃତ ସୁତୁଲି, ବାରୁଦ, କାଗଜ ପାଇପ, ମାଟି ଘଡି, ଓଜନ ମାପ ଯନ୍ତ୍ର, ସବୁ କିଛି ଜଳିଯାଇଛି। ଘର ଆଜବେଷ୍ଟ ବହୁ ଦୂର ପର୍ଯ୍ୟନ୍ତ ଛିଟିକି ପଡିଛି। ଗାଁରେ କୋକୁଆ ଭୟ ଖେଳି ଯାଇଛି। ତେବେ ଗାଁ ଭିତରେ ବାଣ ବେଆଇନ ବାଣ କାରଖାନା ଦୀର୍ଘ ଦିନ ହେବ ଚାଲୁଥିଲା। ଗତକାଲି ରାତିରେ ବିସ୍ଫୋରଣ ରେ ମାଇଲ ମାଇଲ ଦୂର ପର୍ଯ୍ୟନ୍ତ ଥରି ଥିଲା। ନିକଟରେ ଥିବା ଘର ଜଳି ପାଉଁଶ ହୋଇ ଯାଇଛି। ଘଟଣାସ୍ଥଳ ରେ ବହୁ ବାଣ ଭିଡା ସାମଗ୍ରୀ ଏବଂ ବ୍ୟବହୃତ ହାତ ହତିଆର ପଡିଛି। ପାଖରେ ଥିବା ଘର ଭାଙ୍ଗି ଯାଇଛି। ୨ ଗୁରୁତର, ଜଣେ କଟକ ଏବଂ ଭୁବନେଶ୍ୱର ହସ୍ପିଟାଲ ସ୍ଥାନାନ୍ତର ହୋଇଥିବା ଜଣାପଡିଛି।

# ଜେଏସଡବ୍ଲ୍ୟୁ ସ୍ଥାନୀୟ ଅଂଚଳରେ ପାରିପାର୍ଶ୍ୱିକ ଉନ୍ନତି ଓ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରୁଛି

## ସ୍ଥାନୀୟ ନିଯୁକ୍ତି ଉପରେ ଗୁରୁତ୍ୱାରୋପ ସହିତ ସାକ୍ଷାତକାର ପ୍ରକ୍ରିୟା ଆରମ୍ଭ



ପାରାଦୀପ, ୨୮/୧ (ନି.ପ୍ର): ପାରାଦୀପରେ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲର ବିକାଶ ମୂଳକ ପଦକ୍ଷେପ ହେତୁ ପ୍ରକଳ୍ପ-ସ୍ଥାପନ କାର୍ଯ୍ୟ ପୂର୍ବରୁ ଏକ ନୂତନ ମାନଦଣ୍ଡ ସ୍ଥାପନ ଆଡେ ଅଗ୍ରସର। ସାମୁହିକ ଅଂଶ ଗ୍ରହଣ ଏବଂ ଆର୍ଥିକ ଅଭିବୃଦ୍ଧି ପାଇଁ କୃଷି,ସ୍ୱାସ୍ଥ୍ୟ, ଆଲୋକୀକରଣ ଓ ଗ୍ରାମଞ୍ଚଳରେ ଆତ୍ମନିର୍ଭାରଶୀଳ ହେବା ପାଇଁ ସାର୍ବଜନୀନ ସ୍ଥାନ ଗୁଡ଼ିକରେ ଜେଏସଡବ୍ଲ୍ୟୁ ପହଞ୍ଚି ସ୍ୱାବଲମ୍ବୀ କରେଇ ପାରୁଛି। ସ୍ଥାନୀୟ ନିଯୁକ୍ତିକୁ ଉପରେ ଗୁରୁତ୍ୱାରୋପ କରି ଯୁବକ ଯୁବତୀ ବିଶେଷ କରି ଢିଙ୍କିଆ,ନୂଆଗାଁ ଓ ଗଡ କୁଜଙ୍ଗ ଅଞ୍ଚଳର ବୈଷୟିକ ବିଭାଗର ଡିଗ୍ରୀ, ଡିପ୍ଲୋମା ଏଂ ଆଇଟିଆଇ ମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ଏ ନେଇ ୩ ଶହ ଯୁବକ ଯୁବତୀଙ୍କ ଠାରୁ ଆବେଦନ ପତ୍ର ଗ୍ରହଣ କରାଯାଇ, ସେହି ଆବେଦନ ପତ୍ର ଗୁଡ଼ିକୁ ସ୍କ୍ରୁଟିନ କରାଯିବା ସହିତ ନିଯୁକ୍ତି ପାଇଁ ଲିଖିତ ପରୀକ୍ଷା କରାଯାଇଛି। ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ ପକ୍ଷରୁ ଚଳିତ ମାସ ୨୩ରେ ପ୍ରଥମ ପର୍ଯ୍ୟାୟରେ ସାକ୍ଷାତକାର ପରୀକ୍ଷା ଆରମ୍ଭ ହୋଇ ଚୟନ ପକ୍ରିୟା ଚାଲୁ ରହିଛି। ପର୍ଯ୍ୟାୟ କ୍ରମେ ଆଗକୁ ଅଣ ବୈଷୟିକ ଶିକ୍ଷାଗତ ଯୋଗ୍ୟତା ଥିବା ଯୁବକ ଯୁବତୀଙ୍କ ପାଇଁ ନିଯୁକ୍ତି ଯୋଗାଇ ଦିଆଯିବ ନେଇ ଚୂଡ଼ାନ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରକାଶ ଥାଉ କି ଏ ନେଇ ଏକ ନିଯୁକ୍ତି ଶିବିର ଗତ ଡିସେମ୍ବର ୮ ତାରିଖରୁ ଆରମ୍ଭ ହୋଇ ଡିସେମ୍ବର ୧୩ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ଚଳିତ ମାସ ୬ ତାରିଖରେ ଆବେଦନ କରିଥିବା ବୈଷୟିକ ବିଭାଗର ଡିଗ୍ରୀ, ଡିପ୍ଲୋମା ଏଂ ଆଇଟିଆଇ ହାସଲ କରିଥିବା ଯୁବକ ଯୁବତୀ ମାନେ ଲିଖିତ ପରୀକ୍ଷା ଦେଇଥିଲେ। ସେହିପରି ସ୍ଥାନୀୟ ଅଞ୍ଚଳର ପାରିପାର୍ଶ୍ୱିକ ଉନ୍ନତି ଓ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ପାଇଁ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ ପକ୍ଷରୁ ୧୨୦୦ ରୁ ଅଧିକ ଚାଷୀଙ୍କୁ ବିହନ ଏବଂ ସାର ସହିତ ବିଭିନ୍ନ ସହାୟତା ପ୍ରଦାନ କରାଯାଇଛି।ନୂତନ ଆତ୍ମବିଶ୍ୱାସ ସହିତ ଧାନ ଚାଷ ଜାରି ରଖିବା ପାଇଁ ସେମାନଙ୍କୁ ନିୟୋଜିତ କରାଯାଇଛି।୨୪୦୦ରୁ ଅଧିକ ବ୍ୟକ୍ତି ବିଭିନ୍ନ ଆୟ-ଉତ୍ପାଦନକାରୀ ପନ୍ଥା ଗ୍ରହଣ କରିଛନ୍ତି, ଯେଉଁଥିରେ ସ୍ୱୟଂ ସହାୟିକା ଗୋଷ୍ଠୀର ୧୬୧ ଜଣ ମହିଳା ଧାନ, ପାଳ ଛତୁ ଚାଷ ଆରମ୍ଭ କରିଛନ୍ତି। ଗୁରୁତ୍ୱପୂର୍ଣ୍ଣ ତାଲିମ୍ ଗ୍ରହଣ କରି ୧,୯୦୯ ଜଣ ଚାଷି ସେମାନଙ୍କର ଜୀବିକା ନିର୍ବାହ ପାଇଁ ଦକ୍ଷତା ପ୍ରଦାନ କରିପାରିଛନ୍ତି, ଯାହା ଦ୍ୱାରାକି କ୍ଷୁଦ୍ର ଉଦ୍ୟୋଗ ଗୁଡ଼ିକ ବୃଦ୍ଧି ପାଇଛି। ତିନୋଟି ମହିଳା ନେତୃତ୍ୱାଧୀନ ସ୍ୱୟଂ ସହାୟକ ଗୋଷ୍ଠୀ ଭେଣ୍ଡିଂ କିଓସ୍କ ଏବଂ ପରିମଳ ୟୁନିଟ୍ ପରିଚାଳନା କରୁଛନ୍ତି ଯାହା ଦୈନିକ ୨୦୦ ଟ୍ରକ ଚାଳକଙ୍କୁ ସେବା ଯୋଗାଇ ଦେବା ସମ୍ଭବ ହୋଇଛି। ଏଥି ସହିତ ବିଭିନ୍ନ ସ୍ଥାନରେ ହୋଇଥିବା କାଫେରେ ୧୯ ଜଣ ନିଯୁକ୍ତି ପାଇଛନ୍ତି। ଏହା ବ୍ୟତୀତ ଜେଏସଡବ୍ଲ୍ୟୁର ଏହି ପ୍ରୟାସ ମାଧ୍ୟମରେ ୪୧୯ ଜଣ ବ୍ୟକ୍ତି ନିଜର ଅବସର ସମୟରେ ମାସିକ ହାରାହାରି ୫,୦୦୦ ଟଙ୍କା ରୋଜଗାର କରୁଛନ୍ତି। ଧୂପକାଠି,କୁକୁଡ଼ା ପାଳନ ଏବଂ ଛତୁ ଚାଷରେ ନିୟୋଜିତ ଉତ୍ପାଦକ ଗୋଷ୍ଠୀ ଗୁଡ଼ିକ ଓଡ଼ିଶା ଜୀବିକା ମିଶନ ସହିତ ସଂଯୋଗ ମାଧ୍ୟମରେ ୧୯.୬୨ ଲକ୍ଷ ଟଙ୍କାର ପାଣ୍ଠି ପାଇଛନ୍ତି। ଜେଏସଡବ୍ଲ୍ୟୁ ଦ୍ୱାରା ସ୍ୱାସ୍ଥ୍ୟ ସେବାରେ ପ୍ରମୁଖ ଉନ୍ନତି ଘଟିଛି। ଢିଙ୍କିଆ ଏବଂ ବାଲିତୁଠରେ ଥିବା ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ପ୍ରତି ମାସରେ ପ୍ରାୟ ୪,୨୦୦ ଲୋକ ଚିକିତ୍ସା ପାଉଛନ୍ତି। ଆଜି ପର୍ଯ୍ୟନ୍ତ ୧.୭୪ ଲକ୍ଷରୁ ଅଧିକ ରୋଗୀ ଚିକିତ୍ସା ପାଇଛନ୍ତି। ବାଲିତୁଠରେ ଏକ ନୂତନ ପିଏଚସି ନିର୍ମାଣାଧୀନ କାମ ଚାଲୁ ଅଛି।୧,୨୦୦ ଗ୍ରାମବାସୀଙ୍କ ପାଇଁ ତିନୋଟି ବହୁ-ସ୍ପେଶିଆଲିଟି ଏବଂ କ୍ୟାନସର ଚିହ୍ନଟ ଶିବିର ଆୟୋଜନ କରାଯାଇଛି। ନିଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ମାନ ଆୟୋଜନ କରାଯାଇଛି। ଯେଉଁଥିରେ ୧୭,୦୦୦ ରୁ ଅଧିକ ଲୋକଙ୍କ ସ୍କ୍ରିନିଂ ପରୀକ୍ଷା କରା ଯାଇଥିଲା। ୯,୬୩୩ ଜଣଙ୍କୁ ଚଷମା ବଣ୍ଟନ କରା ଯାଇଥିଲା ଏବଂ ୧,୨୧୪ ଜଣଙ୍କୁ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ରେଫର କରାଯାଇଥିଲା। ଜେଏସଡବ୍ଲ୍ୟୁ ଗ୍ରାମୀଣ ଏବଂ ସହରାଞ୍ଚଳରେ କାର୍ଯ୍ୟ କରିବା ସହ ୧,୫୦୦ରୁ ଅଧିକ ଲୋକଙ୍କୁ ଜରୁରୀ କାଳୀନ ସେବା ଯୋଗାଇ ଦେଉଛି। ଏହା ସହିତ ଏରସମା ବ୍ଲକର ୬୦୦ ଯକ୍ଷ୍ମା ରୋଗୀଙ୍କୁ ସେମାନଙ୍କ ଆରୋଗ୍ୟ ପାଇଁ ପୁଷ୍ଟିକର ଖାଦ୍ୟ କିଟ ପ୍ରଦାନ କରାଯାଇଛି।ପାରାଦୀପ ବସ୍ତିରେ ମୋଟ ୫୫୩ଟି ସୌର ଷ୍ଟ୍ରିଟ୍ ଲାଇଟ ଏବଂ ୩୦ଟି ବୈଦ୍ୟୁତିକ ମିନି ମାଷ୍ଟ ଲାଇଟ୍ ସ୍ଥାପନ କରାଯାଇଛି, ଯାହା ଦ୍ୱାରା ୨୦,୦୦୦ରୁ ଅଧିକ ପରିବାରଙ୍କୁ ଉପକୃତ ହେଉଛନ୍ତି।ବିକାଶ କାର୍ଯ୍ୟରେ ତିନୋଟି କମ୍ୟୁନିଟି ହଲ୍,ଗୋଟିଏ ସଭାଗୃହ,ଚାରୋଟି ଶବ ଦାହ କେନ୍ଦ୍ର,ସାତଟି ସ୍ୱୟଂ ସହାୟିକା ଗୋଷ୍ଠୀ ସମ୍ବଳ କେନ୍ଦ୍ର ଏବଂ ୨୦ ଟି ଅଙ୍ଗନୱାଡି କେନ୍ଦ୍ରର ଉନ୍ନତିକରଣ କରାଯାଇଛି। ନେହେରୁ ବଙ୍ଗଳା ଛକରେ ସୌନ୍ଦର୍ଯ୍ୟ କରଣ ଚାଲୁଥିବା ବେଳେ ଏକ ମିନି ଷ୍ଟାଡିୟମ ସହିତ ଖେଳପଡ଼ିଆ ନିର୍ମାଣ କାର୍ଯ୍ୟ ଚାଲିଛି। ଯୁବପିଢ଼ିଙ୍କ ସମ୍ପୃକ୍ତିକୁ ପ୍ରୋତ୍ସାହିତ କରିବା ପାଇଁ ୫୦ଟି ଯୁବଗୋଷ୍ଠୀ କେନ୍ଦ୍ର ଏବଂ ୧୪୦୦ ରୁ ଅଧିକ ସ୍କୁଲକୁ କ୍ରୀଡା ସାମଗ୍ରୀ ବଣ୍ଟନ କରାଯାଇଛି। ଜେଏସଡବ୍ଲୁ ପ୍ରକଳ୍ପ ଅଞ୍ଚଳ ଓ ପାରାଦୀପରେ ଜେଏସଡବ୍ଲୁର ବିକାଶ ମୂଳକ କାର୍ଯ୍ୟ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛି।

# ବୋଡ଼େନ ବ୍ଲକରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

ନୂଆପଡା, ୨୮/୧ (ନି.ପ୍ର): ନୂଆପଡା ଜିଲ୍ଲା ବୋଡ଼େନ ବ୍ଲକରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଭିଯୋଗ ଶୁଣାଣି ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳଙ୍କ ସହ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ସୁର୍ମି ସୋରେନ୍, ଜିଲ୍ଲା ମୁଖ୍ୟ ଚିକସାଧିକାରୀ ଡଃ ଧନେଶ୍ୱର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଆଜିର ଶିବିରରେ ୪୮ ଗୋଟି ବ୍ୟକ୍ତିଗତ ଓ ୧୫ଟି ଗୋଷ୍ଠିଗତ ଏଭଳି ମୋଟ ୬୩ ଗୋଟି ଅଭିଯୋଗର ଶୁଣାଣି ଜିଲ୍ଲାପାଳ କରିଥିଲେ। ଏହି ସବୁ ଅଭିଯୋଗ ଉପରେ ତୁରନ୍ତ ପଦକ୍ଷେପ ନେବା ପାଇଁ ସଂପୃକ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ମାନଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଫରସରା ପଂଚାୟତର ପଟୁପଡ଼ା ଗ୍ରାମର ଅସହାୟା ଦୁତିକା ଜଗତ ଓ କେରାପଦର ଗ୍ରାମର ଶିବ ହରିଜନକୁ ଜୀବିକା ସହାୟତା ପାଇଁ ରେଡକ୍ରସ୍ ପାଣ୍ଠିରୁ ୫,୦୦୦ ଟଙ୍କା ଲେଖାଏଁ ଚେକ୍ ପ୍ରଦାନ କରିଥିଲେ। ବିଡ଼ିଓ ସୁଶାନ୍ତ କୁମାର ରଣା, ତହସିଲଦାର ସରିତା ଗୁପ୍ତା, ଡେପୁଟୀ କଲେକ୍ଟର ଶେଖ୍ ନସିମ, ଚିନ୍ମୟ ସାଗର ଶିବିର ପରିଚାଳନାରେ ସହଯୋଗ କରିଥିଲେ। ସଭାରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ବିଭିନ୍ନ ବିଭାଗର ଯନ୍ତ୍ରୀ, ଲାଇନ୍ ବିଭାଗ ଅଧିକାରୀ ଓ ବ୍ଲକ ସ୍ତରୀୟ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅଭିଯୋଗ ଶୁଣାଣୀ ଶିବିର ଉପଲକ୍ଷେ ବ୍ଲକ୍ ପରିସରରେ ଗୋଟିଏ ବରିଷ୍ଠ ନାଗରିକଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ଶିବିର ତଥା ଆୟୁଷ୍ମାନ ଆରୋଗ୍ୟ ଶିବିର ଆୟୋଜନ କରାଯାଇଥିଲା।

ସେହିପରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗୋଟିଏ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ରକ୍ତଦାନ କରିଥିବା ବିଦ୍ୟୁତ୍ ବିଭାଗ କର୍ମଚାରୀ ମାନଙ୍କୁ ଜିଲ୍ଲାପାଳ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଟେମରୀ ଗ୍ରାମରେ ପ୍ରବାସୀ ଶ୍ରମିକ ସଚେତନତା ଶିବିର, ଝିଅ ପାଇଁ ଗଛଟିଏ, ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ, ପ୍ରାଣୀ ପାଇଁ ଦିନ ଟିଏ ଓ ପ୍ଲାଷ୍ଟିକ ମୁକ୍ତ ଅଭିଯାନ ଉପରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୃହପାଳିତ ପଶୁ ପକ୍ଷୀ ମାନଙ୍କ ପାଇଁ ପ୍ରାଣୀ ସମ୍ପଦ ବିଭାଗ ତରଫରୁ ପ୍ରାଣୀ ପାଇଁ ଦିନଟିଏ ନାମରେ ଗୋଟିଏ ଚିକିତ୍ସା ଶିବିର ମଧ୍ୟ ଆୟୋଜିତ ହୋଇଥିଲା।

# ବୈଶିଙ୍ଗାରେ କୃଷକ ମୋର୍ଚ୍ଚା ଡାକରାରେ ବନ୍ଦ ଆଂଶିକ ସଫଳ

ବୈଶିଙ୍ଗା, ୨୮/୧ (ନି.ପ୍ର): ରାଜ୍ୟ ସରକାରଙ୍କ ଅପାରଗତାକୁ ନେଇ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଦିଆଯାଇଥିବା ଆଠ ଘଣ୍ଟିଆ ବନ୍ଦ ଡାକରା ଆଂଶିକ ସଫଳ ହୋଇଥିବାର ଦେଖିବାକୁ ମିଳିଥିଲା। ସରକାର ନିର୍ଦ୍ଧାରିତ ସମୟରେ ମଣ୍ଡିରେ ଧାନ କି କିଣିବା, ୧୦ କେଜି କଟତି କରିବା, ଜମି ପରିମାଣ ଅନୁସାରେ ଟୋକନ ଦେବା ସମୟରେ ଏକର ପିଛା ଧାନର ଅନୁପାତ କମ ଦେବା, ସ୍ମାର୍ଟ ମିଟର ନାମରେ ବିଜୁଳି ଉପଭୋକ୍ତାଙ୍କୁ ଠକିବା ଏବଂ ପ୍ରଦୂଷଣ ସାର୍ଟିଫିକେଟ ନ ଥିଲେ ପେଟ୍ରୋଲ ପମ୍ପ ରେ ଗାଡି ଚାଳକଙ୍କୁ ତେଲ ନ ଦେବା ଆଦି ଘଟଣାକୁ ନେଇ ପ୍ରବଳ ଜନ ଅସନ୍ତୋଷ ତେଜି ଥିଲା। ଏହାକୁ ନେଇ ନବ ନିର୍ମାଣ କୃଷକ ମୋର୍ଚ୍ଚା ୨୮ ତାରିଖ ବୁଧବାର ଦିନ ସକାଳ ୬ଘଟିକାରୁ ଦିବା ୨ ଘଟିକା ପର୍ଯ୍ୟନ୍ତ ସମସ୍ତ ଯାନ ବାହନ, କାର୍ଯ୍ୟାଳୟ, ବ୍ୟବସାୟ ପ୍ରତିଷ୍ଠାନ ଆଦି ବନ୍ଦ ରଖିବା ସହିତ ଜରୁରୀ ସେବାକୁ ବନ୍ଦ ରଖାଯାଇଥିଲା। ନବ ନିର୍ମାଣ କୃଷକ ମୋର୍ଚ୍ଚାର ଏହି ବନ୍ଦ ଡାକରାକୁ କଂଗ୍ରେସ, ସିପିଆଇ, ସିପିଏମ୍, ନୈତିକ ସମର୍ଥନ ଦେଇଥିବା ବେଳେ ବିଜେଡି ଏହାକୁ ସ୍ୱାଗତ କରିଥିଲା। ବୈଶିଙ୍ଗା ଓ ଏହା ର ଆଖପାଖ ଅଞ୍ଚଳରେ ବନ୍ଦ କରିବା ପାଇଁ ନେତୃତ୍ୱ ନେଇଥିଲେ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ମାଧବୀ ସେନାପତି। ତାଙ୍କ ସହିତ ନବ ନିର୍ମାଣ କୃଷକ ସଂଗଠନର ସଦସ୍ୟ ଏବଂ ଦଳୀୟ କର୍ମୀ ମାନେ ଗଡଦେଉଳିଆ ଷ୍ଟେଟ ବ୍ୟାଙ୍କ, ପଞ୍ଚାୟତ ହାଇସ୍କୁଲ, ବୈଶିଙ୍ଗା ବ୍ୟାଙ୍କ ଅଫ୍ ଇଣ୍ଡିଆ, ବୈଶିଙ୍ଗା ଓ ଗଡଦେଉଳିଆ ସବ୍ ପୋଷ୍ଟ ଅଫିସ, ଆର ଆଇ ଅଫିସ, ଲ୍ୟାମ୍ପସ ଆଦି ବନ୍ଦ କରାଇଥିଲେ। ଜାତୀୟ ରାଜ ପଥରେ ବସ ଚଳାଚଳ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ବନ୍ଦ ରହିଥିବା ବେଳେ ଭାରି ଯାନ, କାର, ଅଟୋ ଚଳାଚଳ ସ୍ୱାଭାବିକ ରହିଥିଲା। ତେବେ ଦୋକାନ ବଜାର ଅନେକାଂଶରେ ଖୋଲା ରହିଥିଲା। ସେପଟେ ନବ ନିର୍ମାଣ କୃଷକ ସଂଗଠନ ର ବ୍ଲକ ସଭାପତି ପ୍ରଶାନ୍ତ କରଣ ଙ୍କ ନେତୃତ୍ୱରେ ଶତାଧିକ କର୍ମୀ ବେତନଟୀ ଠାରେ ୧୮ନଂ ଜାତୀୟ ରାଜପଥରେ ଏକତ୍ରୀତ ହୋଇ ଯାନ ଚଳାଚଳ ବନ୍ଦ ରଖିଥିଲେ। ନାରୀ ନେତ୍ରୀ ମାଧବୀ ସେନାପତି ମଧ୍ୟ ସେଠାରେ ପହଞ୍ଚି ବନ୍ଦ କୁ ସହଯୋଗ କରିଥିଲେ।

# ଡିଏଫ୍ଓ ସମ୍ମିଳନୀରେ ଜଙ୍ଗଲ ମନ୍ତ୍ରୀଙ୍କ ନିର୍ଦ୍ଦେଶ: ଜଙ୍ଗଲନିଆଁ ରୋକିବାକୁ ପ୍ରସ୍ତୁତ ରୁହ




ଭୁବନେଶ୍ୱର, ୨୮/୧ (ନି.ପ୍ର): ତାଳଚେର ଭଳି ଶିଳ୍ପାଞ୍ଚଳରେ ବାୟୁ ଗୁଣବତ୍ତା ସୁଧାରିବା, ବାଲେଶ୍ୱର ଭଳି ଜିଲ୍ଲାରେ ବ୍ୟାପକ ବୃକ୍ଷରୋପଣ, ବେଆଇନ ଖନନ, ଜଙ୍ଗଲ ଜମି ଜବରଦଖଲକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମନ୍ତ୍ରୀ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ କହିଥିଲେ ଗତ କିଛି ବର୍ଷ ଧରି ରାଜ୍ୟରେ ବଢୁଥିବା ଜଙ୍ଗଲ ନିଆଁ ଚିନ୍ତାଜନକ। ଆଗକୁ ଗ୍ରୀଷ୍ମ ଆସୁଥିବାରୁ ତା ପୂର୍ବରୁ ଆମକୁ ପ୍ରସ୍ତୁତ ହେବାକୁ ପଡ଼ିବ। ଯେଉଁ ବନଖଣ୍ଡଗୁଡ଼ିକରେ ନିଆଁ ଲାଗିବା ଘଟଣା ଅଧିକ ଦେଖାଯାଉଛି, ସେଠାକାର ବନ ଅଧିକାରୀ ଅଧିକ ସତର୍କ ରୁହନ୍ତୁ। ଏଥିସହିତ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ଦୃଷ୍ଟିରେ ରଖି ବିଭାଗୀୟ କାର୍ଯ୍ୟକ୍ରମଗୁଡ଼ିକୁ ପୁନର୍ବିନ୍ୟାସ କରିବା ଏବଂ ଓଏଫ୍ଏସ୍‌ଡିପି ଭଳି ଯୋଜନା ମାଧ୍ୟମରେ ସ୍ଥାନାନ୍ତରିତ ଗ୍ରାମବାସୀଙ୍କ ପାଇଁ ସ୍ଥାୟୀ ଜୀବିକା ନିର୍ବାହର ସୁଯୋଗ ସୃଷ୍ଟି କରିବାକୁ ସେ କହିଛନ୍ତି। ହାତୀମୃତ୍ୟୁ ପ୍ରସଙ୍ଗରେ ମନ୍ତ୍ରୀ ଶ୍ରୀ ସିଂଖୁଣ୍ଟିଆ ବିସ୍ତୃତ ସମୀକ୍ଷା କରିବା ସହ ବିଦ୍ୟୁତ୍ ବିଭାଗ ସହ ସମନ୍ୱୟ ରକ୍ଷା କରିବାକୁ ପରାମର୍ଶ ଦେଇଛନ୍ତି। ଡିଏଫ୍ଓମାନେ ହାତୀଙ୍କ ଗତିବିଧି ଓ ଫିଲ୍ଡ ସ୍କ୍ୱାଡ୍‌ମାନଙ୍କ କାର୍ଯ୍ୟଶୈଳୀ ଉପରେ ସିଧାସଳଖ ନଜର ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ପ୍ରମୁଖ ଶାସନ ସଚିବ ଭାସ୍କରଜ୍ୟୋତି ଶର୍ମା, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ବନବାହିନୀ ମୁଖ୍ୟ ସୁରେଶ ପନ୍ତ, ପିସିସିଏଫ୍ (ବନ୍ୟପ୍ରାଣୀ) ପ୍ରେମ୍ କୁମାର ଝା, ପିସିସିଏଫ୍ (କେନ୍ଦୁପତ୍ର) ଉମା ନନ୍ଦୁରୀଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ। ସମ୍ମିଳନୀରେ ଅନୁଗୁଳ, ବାରିପଦା, ବ୍ରହ୍ମପୁର, ଭବାନୀପାଟଣା, କୋରାପୁଟ, ସମ୍ବଲପୁର, ରାଉରକେଲା ଓ ଭୁବନେଶ୍ୱର ଆଞ୍ଚଳିକ ବନ ସଂରକ୍ଷକ ମଣ୍ଡଳୀର ମୁଖ୍ୟମାନେ ନିଜ ନିଜ ସର୍କଲର ସମସ୍ୟା ଓ ସଫଳତା ଉପରେ ଉପସ୍ଥାପନ କରିଥିଲେ। ପର୍ଯ୍ୟଟନ ବିଭାଗ ପ୍ରମୁଖ ସଚିବ ବଲୱନ୍ତ ସିଂହ ମଧ୍ୟ ପର୍ଯ୍ୟଟନ ଓ ଜଙ୍ଗଲ ବିଭାଗ ମଧ୍ୟରେ ଥିବା ସମନ୍ୱୟ ରକ୍ଷା ଉପରେ ଆଲୋଚନା କରିଥିଲେ।

# ଏକ ମନ,ଏକ ପ୍ରାଣ ହୋଇ ବିକଶିତ ଓ ସମୃଦ୍ଧ ଓଡ଼ିଶା ଗଢ଼ିବା: ମନମୋହନ ସାମଲ

ଭୁବନେଶ୍ୱର, ୨୮/୧ (ନି.ପ୍ର): ବିଜେପି ରାଜ୍ୟ କାର୍ଯ୍ୟାଳୟରେ ସୋମବାର ବହୁ ଆଡ଼ମ୍ବରରେ ଦେଶର ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ ଜାତୀୟ ପତାକା ଉତୋଳନ କରିବା ସହ ଓଡ଼ିଶାର ସାଢ଼େ ୪କୋଟି ଜନତାଙ୍କୁ ସାଧାରଣତନ୍ତ୍ର ଦିବସର ଅଭିନନ୍ଦନ ଓ ଶୁଭେଚ୍ଛା ଏବଂ କୃତଜ୍ଞତା ଜଣାଇଥିଲେ। ଏହି ଅବସରରେ ଶ୍ରୀ ସାମଲ କହିଛନ୍ତି ଯେ, ୧୨୦୦ ବର୍ଷର ପରାଧୀନତା ପରେ ଲମ୍ବା ସଂଘର୍ଷ କରି ଦେଶ ସ୍ୱାଧୀନତା ପାଇଥିଲା। ଏହାପରେ ୧୯୫୦ ଜାନୁୟାରୀ ୨୬ରେ ସମ୍ବିଧାନ ପ୍ରଣୟନ ହୋଇଥିଲା। ଏହି ସମ୍ବିଧାନ ସମସ୍ତ ଦେଶବାସୀଙ୍କୁ ଗୋଟିଏ ସୁତାରେ ବାନ୍ଧି ରଖିଛି। ଆମ ସମସ୍ତଙ୍କ ପ୍ରେରଣାର କେନ୍ଦ୍ରବିନ୍ଦୁ ଡ. ଭୀମରାଓ ବାବା ସାହେବ ଆମ୍ବେଦକର ଦେଶକୁ ସଠିକ୍ ମାର୍ଗରେ ପରିଚାଳନା କରିବା ପାଇଁ ତାଙ୍କ ଟିମ୍ ସହ ମିଶି ସମ୍ବିଧାନ ପ୍ରଣୟନ କରିଥିଲେ। ଆଜି ଏହି ସମ୍ବିଧାନ ଋଦ୍ଧିମନ୍ତ ହୋଇଛି। ବିଜେପି ସବୁବେଳେ ସମ୍ବିଧାନକୁ ସମ୍ମାନ ଦେଇ ଆସିଛି। ଓଡ଼ିଶାରେ ଥିବା ସମ୍ଭାବନାକୁ ଆମେ ଉପଯୋଗ କରିବାକୁ ଉଦ୍ୟମ କରୁଛୁ। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ୨୦୪୭ ସୁଦ୍ଧା ବିକଶିତ ଭାରତ ଗଢ଼ିବାକୁ ଆହ୍ୱାନ ଦେଇଥିବାବେଳେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ କରି ଦେଶର ୧ ନଂ. ରାଜ୍ୟ ଭାବେ ଗଢ଼ି ତୋଳିବା ପାଇଁ ଲକ୍ଷ୍ୟ କରିଛନ୍ତି। ଆଗାମୀ ଦିନରେ ବିକଶିତ ଭାରତ ଗଠନରେ ଓଡ଼ିଶାର ବଡ଼ ଯୋଗଦାନ ରହିବ। ଏଥିପାଇଁ ଆମ ସମସ୍ତଙ୍କୁ ଉଦ୍ୟମ କରିବାକୁ ପଡ଼ିବ। ସମସ୍ତେ ଏକ ମନ ଓ ଏକ ପ୍ରାଣ ହୋଇ ବିକଶିତ ଓ ସମୃଦ୍ଧ ଓଡ଼ିଶା ଗଢ଼ିବା ପାଇଁ କାର୍ଯ୍ୟ କରିବାକୁ ପଡ଼ିବ। ଏଥିପାଇଁ ତଳସ୍ତରରେ ନେତୃତ୍ୱ ବିକାଶ କରି ଆମ ବିଚାରଧାରାକୁ ସମୃଦ୍ଧ କରିବାକୁ ପଡ଼ିବ। ସାଧାରଣ ଲୋକଙ୍କ ଆଶା ଓ ବିଶ୍ୱାସ ଅତୁଟ ରଖିବା ପାଇଁ ଆମ ସମସ୍ତଙ୍କୁ କଠିନ ପରିଶ୍ରମ କରିବାକୁ ପଡ଼ିବ।

ଏହି ଅବସରରେ ବିଧାୟକ ବାବୁ ସିଂ, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ରାଜ୍ୟ ଉପସଭାପତି ବିଷ୍ଣୁ ଦାସ, ରାଜ୍ୟ ସାଧାରଣ ସମ୍ପାଦକ ଶାରଦା ପ୍ରାସଦ ଶତପଥୀ, ରାଜ୍ୟ ସମ୍ପାଦକ ସରୋଜ କର, ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ଡ.ଐଶ୍ୱର୍ଯ୍ୟା ବିଶ୍ୱାଳ, ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ୀ, ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ୍ କୁମାର ଦାସ, ରାଜ୍ୟ ମୁଖପାତ୍ର ଧୀରେନ ସେନାପତି, କାର୍ଯ୍ୟାଳୟ ସମ୍ପାଦକ ଦେବେନ୍ଦ୍ର କୁମାର ନନ୍ଦ, ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର, ବରିଷ୍ଠ ନେତା ସୁରଥ ବିଶ୍ୱାଳ, ଜଗନ୍ନାଥ ପ୍ରଧାନ, ଡ.ପୂର୍ଣ୍ଣଚନ୍ଦ୍ର ମଲ୍ଲିକଙ୍କ ସମେତ ଦଳର ବହୁ ବରିଷ୍ଠ ନେତୃମଣ୍ଡଳୀ ଓ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ୧୯୭୯ ବ୍ୟାଚର ଛାତ୍ର ଛାତ୍ରୀଙ୍କ ବନ୍ଧୁ ମିଳନ



ବାଲିଆପାଳ , ୨୮/୧ (ନି.ପ୍ର): ସ୍ନେହ, ପ୍ରେମ, ଭଲପାଇବାର ଏକ ସୁତ୍ରରେ ସମସ୍ତଙ୍କୁ ବାନ୍ଧି ରଖିଥାଏ ବନ୍ଧୁ ମିଳନ ଉତ୍ସବ। ଅତିଥିର ଅଭୁଲା ଅନୁଭୂତି ସହିତ, ବ୍ୟସ୍ତମୟ କର୍ମ କ୍ଷେତ୍ରରୁ କିଛି ସମୟ ବାହାର କରି ଜୀବନର ପାଠ ପଢ଼ା ସମୟର ସହପାଠୀଙ୍କ ସହିତ ବାର୍ତ୍ତାଳାପ ଏକ ନିଆରା ସମ୍ପର୍କରେ ଯୋଡ଼ି ଦେଇଥାଏ।ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଚଉମୁଖ ବେଳାଭୂମି ଠାରେ ବୁଧବାର ଯୋଗାଇ ସ୍ଥିତ ପଦ୍ମ ଲୋଚନ ଉଚ୍ଚ ବିଦ୍ୟାଳୟର ୧୯୭୯ ବ୍ୟାଚର ବନ୍ଧୁ ମିଳନ ଉତ୍ସବରେ ଛାତ୍ର ଛାତ୍ରୀ ମାନେ ଉପରୋକ୍ତ ମତବ୍ୟକ୍ତ କରିଥିଲେ। ଉକ୍ତ ବ୍ୟାଚ ସମୟରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କର ସୁସ୍ଥ ନିରାମୟ ଜୀବନ ପାଇଁ ଜଗନ୍ନାଥ ଙ୍କ ଠାରେ ପ୍ରାର୍ଥନା କରିବା ସହିତ ଦିବଂଗତ ଶିକ୍ଷକ ଶିକ୍ଷୟିତ୍ରୀ ଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ସୁଧାଂଶୁ କୁମାର ନାୟକ, ଦୂର୍ଗା ଦାସ ହାଜିରା,ସୁବଳ ଚନ୍ଦ୍ର ଦାସ,ଭବାନୀ ଜେନା,ସମୀର ଚୌଧୁରୀ, ଅଜୟ ଖଣ୍ଡା, ଉମେଶ ଚନ୍ଦ୍ର ପାତ୍ର, ଚତୁର୍ଭୁଜ ପାତ୍ର, ମୃତ୍ୟୁଞ୍ଜୟ ରଣସିଂହ,ଗୌରାଙ୍ଗ ଗିରି ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ। ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ରେବତୀ ଜେନା ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଓଡିଶା ବୈଷୟିକ ବିଦ୍ୟୁତ କର୍ମଚାରୀ ସଂଘର ବୈଠକ

ନୀଳଗିରି, ୨୮/୧ (ନି.ପ୍ର): ନୀଳଗିରି ଏନଏସି କଲ୍ୟାଣ ମଣ୍ଡପ ଠାରେ ଓଡିଶା ବୈଷୟିକ ବିଦ୍ୟୁତ କର୍ମଚାରୀ ସଂଘର ଡିଭିଜନ ସ୍ତରୀୟ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ସଭାପତି ସୁରେଶ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଏହି ବୈଠକଟି ଅନୁଷ୍ଠିତ ହୋଇଥିଲା। ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା କର୍ମୀମାନେ ନିଜ ନିଜର ସମସ୍ୟା ବାବଦରେ ଅବଗତ କରିଥିଲେ। ତୁରନ୍ତ ଠିକା ନିଯୁକ୍ତିକୁ ହଟାଇ କର୍ମଚାରୀ ମାନଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବା ନିମନ୍ତେ ଉପଦେଷ୍ଟା ଚିତ୍ତରଞ୍ଜନ ଷଡଙ୍ଗୀ ମତପ୍ରକାଶ କରିଥିଲେ। ଏହି ବୈଠକରେ ଗୌର ବେହେରା,ଦେବରାଜ ବେହେରା, ସନ୍ତୋଷ କୁମାର ପ୍ରଧାନ, ପ୍ରଭାତ ଦାସ, ଦେବେନ୍ଦ୍ର ଧଳ, ମଦନ ମୋହନ ସ୍ୱାଇଁ, ରମେଶଚନ୍ଦ୍ର ପ୍ରଧାନ, ଲିଙ୍ଗରାଜ ଦାଶ, ରବିନ୍ଦ୍ର ଦଳେଇ, ଦିଲ୍ଲିପ କୁମାର ମହାନ୍ତି, ପ୍ରମୁଖ ଉପସ୍ଥିତ ରହି କର୍ମଚାରୀଙ୍କ ଅସୁବିଧା ବାବଦରେ ଆଲୋଚନା କରିଥିଲେ। ଶେଷରେ ରମେଶ ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଶାନ୍ତିପୂର୍ଣ୍ଣ ଭାବେ...

ଦୋକାନ ବଜାର ସମେତ ଘରୋଇ ପ୍ରତିଷ୍ଠାନ, ବ୍ୟାଙ୍କ , ପେଟ୍ରୋଲ ପମ୍ପ ବନ୍ଦ ରହିଛି । ଦୈନନ୍ଦିନ ଜୀବନଯାତ୍ରା ପ୍ରଭାବିତ ହୋଇଛି । କିନ୍ତୁ ପାରାଦୀପରେ ସେଭଳି ପ୍ରଭାବ ଦେଖିବାକୁ ମିଳି ନାହିଁ । ପୁଲିସ ପକ୍ଷରୁ ମଧ୍ୟ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି । ବାଲେଶ୍ୱର ଜିଲ୍ଲା ସଦର ମହକୁମା ତଥା ସହରଠାରୁ ନେଇ ବ୍ଲକଗୁଡିକରେ ବନ୍ଦର ବିଶେଷ ପ୍ରଭାବ ନାହିଁ । ଦୋକାନ ବଜାର, ପେଟ୍ରୋଲ ପମ୍ପ ଖୋଲା ଥିବାବେଳେ ଜିଲ୍ଲାପାଳଙ୍କ ସମେତ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଆଗରେ ସୁରକ୍ଷା କର୍ମୀ ମୁତୟନ ହୋଇଛନ୍ତି । ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଆଠ ଘଣ୍ଟିଆ କୋରାପୁଟ ଜିଲ୍ଲା ବୈପାରିଗୁଡାରେ ବନ୍ଦ ପାଳନ କରାଯାଇଛି । ବନ୍ଦ ଡାକରା ଯୋଗୁଁ ରାଞ୍ଚି ବିଜୟୱାଡା ୩୨୬ ନମ୍ବର ଜାତୀୟ ରାଜପଥରେ ଯାନବାହାନ ଚଳାଚଳ ଠପ ହୋଇପଡ଼ିଛି । ଜାତୀୟ ରାଜପଥର ବୈପାରିଗୁଡାରୁ ସଂଯୋଗ କରୁଥିବା ମାଲକାନଗିରି ଜିଲ୍ଲା ସମେତ ଛତିଶଗଡ଼, ଆନ୍ଧ୍ରପ୍ରଦେଶ ତଥା ତେଲେଙ୍ଗାନା ରାଜ୍ୟକୁ ଯୋଗାଯୋଗ ସଂପୂର୍ଣ୍ଣ ବନ୍ଦ ରହିଛି । ଜିଲ୍ଲା ତଥା ରାଜ୍ୟ ବାହାରୁ ଆସୁଥିବା ଅନେକ ମାଲବାହୀ ଟ୍ରକ ଓ ବସ ବୈପାରିଗୁଡାରରେ ଅଟକି ରହିଥିବାର ଦେଖିବାକୁ ମିଳିଛି । ଫଳରେ ଯାତ୍ରୀମାନେ ବନ୍ଦ ପାଳନ ସରିବା ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ।

### ନେତୃତ୍ୱ ପ୍ରସଙ୍ଗକୁ ନେଇ...

ଦୁଇ ବରିଷ୍ଠ ବିଧାୟକ ଅରୁଣ ସାହୁ ଓ ଗଣେଶ୍ୱର ବେହେରା । କହିଛନ୍ତି ନିର୍ବାଚିତ ହୋଇଥିବା ସମସ୍ତ ବିଧାୟକ ନେତୃତ୍ୱ ନେବା ଲାଗି ଯୋଗ୍ୟ । ଆମ ସଭାପତି ସକ୍ଷମ, ଏଠି ଉତ୍ତରଧିକାରୀ ଚର୍ଚ୍ଚା ଆସିଲା କେଉଁଠୁ । ନିକଟରେ ନବୀନ ନିବାସରେ ନଜର ଆସିଥିଲେ ବିଜେଡିର ବରିଷ୍ଠ ନେତା ତଥା କଳିକେଶଙ୍କ ବାପା ଅନଙ୍ଗ ଉଦୟ ସିଂଦେଓ । ଆଉ ତା'ର କିଛି ଦିନ ଭିତରେ ପୁଅ କଳିକେଶଙ୍କୁ ନେଇ ଦିବ୍ୟଶଙ୍କରଙ୍କ ଏହି ବୟାନ ଚର୍ଚ୍ଚାକୁ ବଢ଼ାଇଛି। ପ୍ରକୃତରେ କ୍ୟାପଟେନଙ୍କ ଏହି ବୟାନ ପଛରେ କଣ ରହିଛି ରାଜନୈତିକ ଗୋଟି ଚାଳନା । ନେତୃତ୍ୱ ଆଉ ଉତ୍ତରାଧିକାରୀ କଥା ଆସିଲେ ଅନେକ ନେତା ମୁହଁରେ ତୁଣ୍ଡି ବନ୍ଧୁଥିବା ବେଳେ କ୍ୟାପଟେନ ଏମିତି ଖୋଲାଖୋଲି ନାଁ କହିବାକୁ ସକ୍ଷମ ହେଲେ କେମିତି ? ନା କୌଣସି ଗୋଷ୍ଠୀର ସମର୍ଥନ ଆଧାରରେ ସୁଚିନ୍ତିତ ଭାବେ ଗଣମାଧ୍ୟମ ଆଗରେ କଳିକେଶଙ୍କ ନାଁ ରଖିଛନ୍ତି କ୍ୟାପଟେନ ଦିବ୍ୟଶଙ୍କର । କ୍ୟାପଟେନଙ୍କ ଏହି ବୟାନ ବିଜେଡିରେ ଏବେ ଉତ୍ତରାଧିକାରୀ ଚର୍ଚ୍ଚାକୁ ପୁଣି ଜୀବିତ କରିଛି । ସୁଜାତା କାର୍ତ୍ତିକେୟନଙ୍କ ଏଣ୍ଟ୍ରିକୁ ଚେକ ଦେବାକୁ ଏହା ଗୋଟିଏ ଗୋଷ୍ଠୀର ଚାଲ ବୋଲି ବି ଚର୍ଚ୍ଚା ହେଉଛି।

# ମା' ଯୋଗମାୟା ଦ୍ୱିତୀୟ ବାର୍ଷିକ ପଲ୍ଲୀ ଉତ୍ସବ -୨୦୨୬ ଉଦ୍‌ଘାଟିତ

ଖୋର୍ଦ୍ଧା, ୨୮/୧ (ନି.ପ୍ର): ଖୋର୍ଦ୍ଧା ପଞ୍ଚାୟତ ସମିତି ଅଧିନସ୍ଥ ନନ୍ଦପୁର ଗ୍ରାମ ପଞ୍ଚାୟତ ମାଘ ସପ୍ତମୀ ମେଳଣ ପଡିଆ ଠାରେ ନନ୍ଦପୁର ଜନତା ଡାଇମଣ୍ଡ କ୍ଲବ ପକ୍ଷରୁ ଆୟୋଜିତ ପଲ୍ଲୀ ଉତ୍ସବ କୁ ଭୁବନେଶ୍ୱର ଲୋକସଭା ସାଂସଦ ଅପରାଜିତା ଷଡ଼ଙ୍ଗୀ ଏବଂ ଖୋର୍ଦ୍ଧା ବିଧାୟକ ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ । ଖୋର୍ଦ୍ଧା ଜିଲ୍ଲା ପରିଷଦ ର ପୁର୍ବତନ ଅଧକ୍ଷ ତଥା ଜନତା ଡାଇମଣ୍ଡ କ୍ଲବ ର ସଭାପତି ପ୍ରଫୁଲ୍ଲ କୁମାର ଦଳେଇ ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଖୋର୍ଦ୍ଧା ପଞ୍ଚାୟତ ସମିତି ଉପାଧକ୍ଷ ପ୍ରକାଶ କୁମାର ସାମନ୍ତରାୟ, ନନ୍ଦପୁର ଗ୍ରାମ ପଞ୍ଚାୟତ ସରପଞ୍ଚ ବିପ୍ଳବ କେଶରୀ ବଳିୟାରସିଂହ, ପୂର୍ବତନ ବିଜେପି ଖୋର୍ଦ୍ଧା ଜିଲ୍ଲା ସଭାପତି ରଶ୍ମି ରଞ୍ଜନ ମହାପାତ୍ର, ନିକୁଞ୍ଜ ପଟ୍ଟନାୟକ, ଦିଲ୍ଲୀପ କୁମାର ହୋତା, ବିଦ୍ୟୁତ କାଣ୍ଡି, କ୍ଲବ ର ସମ୍ପାଦକ ବେଣୁଧର ରାୟପ୍ରିତମ ପ୍ରମୁଖ ଉପସ୍ଥିତ ଥିଲେ । ଶ୍ରୀଯୁକ୍ତ ଦଳେଇ ତାଙ୍କ ସଭାପତିତ୍ୱ ଅଭିଭାଷଣ ରେ ସାଂସଦ ଏବଂ ବିଧାୟକ ଙ୍କ କାର୍ଯ୍ୟଶୈଳୀ କୁ ଉଚ୍ଚ ପ୍ରଶଂସା କରିବା ସହିତ ତାଙ୍କରି ପ୍ରଚେଷ୍ଟା ରେ ଏହି ପଲ୍ଲୀ ଉତ୍ସବ ଟିର ସଫଳ ରୂପାୟନ ହୋଇପାରି ଥିବାରୁ ସେ ତାଙ୍କର କୃତଜ୍ଞତା ଜ୍ଞାପନ କରିଥିଲେ । ମୁଖ୍ୟଅତିଥି ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ତାଙ୍କ ଅଭିଭାଷଣ ରେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ର ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ଗୁଡିକ ସମ୍ପର୍କ ରେ ବିସ୍ତୃତ ଭାବରେ ଆଲୋଚନା କରିବା ସହିତ କେନ୍ଦ୍ର ଏବଂ ରାଜ୍ୟ ସରକାର ଦୃତ ପ୍ରଗତି କ୍ଷେତ୍ର ରେ ଆଗେଇ ଚାଲିଛନ୍ତି ବୋଲି କହିଥିଲେ । ସମ୍ମାନିତ ଅତିଥି ବିଧାୟକ ଶ୍ରୀଯୁକ୍ତ ଜଗଦେବ ତାଙ୍କ ବକ୍ତବ୍ୟ ରେ ଖୋର୍ଦ୍ଧା ବିଧାନସଭା ନିର୍ବାଚନ ମଣ୍ଡଳୀ ରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଏବଂ ପ୍ରକଳ୍ପ ଗୁଡ଼ିକ ସମ୍ପର୍କ ରେ ସୁଚନା ଦେବା ସହିତ ଖୋର୍ଦ୍ଧା ର ବିକାଶ ପାଇଁ ସେ ଦେଖିଥିବା ସ୍ୱପ୍ନ ଆଜି ସାକାର ହୋଇଛି ବୋଲି କହିଥିଲେ । ତା - ୨୫.୧.୨୦୨୬ ରିଖ ଠାରୁ ତା- ୨୯.୧.୨୦୨୬ ରିଖ ପର୍ଯ୍ୟନ୍ତ ଦୀର୍ଘ ପାଞ୍ଚ ଦିନ ବ୍ୟାପି ଅନୁଷ୍ଠିତ ହେଉଥିବା ଏହି ପଲ୍ଲୀ ଉତ୍ସବ ରେ ରାଜ୍ୟ ର ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମ ର ପ୍ରଥମ ସନ୍ଧ୍ୟା ରେ ଗଞ୍ଜାମ ର ମା ମଙ୍ଗଳା ଗାହାଣ ଯୋଡ଼ି ଶଙ୍ଖ, ମୟୂରଭଞ୍ଜ ର ଛଉ ନୃତ୍ୟ, ପୁରୀ ର ଗୋଟିପୁଅ ନୃତ୍ୟ, କୋରାପୁଟ, ଡେମସା, କୋଟପାଡ଼ କଳା ବିକାଶ କେନ୍ଦ୍ର, ଦ୍ୱିତୀୟ ସନ୍ଧ୍ୟା ରେ ଗଞ୍ଜାମ ର ଭାରତ ଲୀଳା, କେନ୍ଦୁଝର ର ଘୁମୁରା, ଲୋଇଶିଙ୍ଗା, ବଲାଙ୍ଗୀର ର ସଙ୍ଗୀତ ସାଧନା, ଖୋର୍ଦ୍ଧା ର ପାଇକ ଆଖଡ଼ା ନୃତ୍ୟ ପରିବେଷଣ କରାଯାଇଥିଲା । ଜନ ସାଧାରଣ ଙ୍କ ମନୋରଞ୍ଜନ ପାଇଁ ମିନା ବଜାର ର ମଧ୍ଯ ବ୍ୟବସ୍ଥା କରାଯାଇଛି । ଏହି ପଲ୍ଲୀ ଉତ୍ସବ ରେ ବହୁ ଜନସମାଗମ ଦେଖିବାକୁ ମିଳିଥିଲା । ରାଜଲକ୍ଷ୍ମୀ ମହାପାତ୍ର ଙ୍କ ସଂଯୋଜନା ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ କ୍ଲବ ସମସ୍ତ ସଦସ୍ୟ ଏବଂ ଗ୍ରାମବାସୀ ମାନେ ସହଯୋଗ କରିଥଲେ ।

# ଷ୍ଟେସନ ବଜାର ହାଟ ଉନ୍ନତିକରଣ ଭିତ୍ତିପ୍ରସ୍ତର ସ୍ଥାପନ ଓ ଅଳଙ୍କାରିକ ସୌନ୍ଦର୍ଯ୍ୟ ଆଲୋକର ଉଦ୍‌ଘାଟନ

ବାରିପଦା, (୨୭/୦୧): ବାରିପଦାସ୍ଥିତ ଅମ୍ବିକା ମନ୍ଦିର ଓ ଅମ୍ବିକା ମନ୍ଦିର ଠାରୁ ତାରିଣୀ ମନ୍ଦିର ରାସ୍ତାର ଅଳଙ୍କାରିକ ସୌନ୍ଦର୍ଯ୍ୟ ଆଲୋକକୁ ରାଜ୍ୟ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଉଦ୍‌ଘାଟନ କରିଛନ୍ତି । ଏହାସହ ଷ୍ଟେସନ ବଜାର ହାଟର ଉନ୍ନତିକରଣ ପାଇଁ ରାଜ୍ୟ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଭିତିପ୍ରସ୍ତର ସ୍ଥାପନ କରିଛନ୍ତି । ଏଠାରେ ହାଟର ଉନ୍ନତିକରଣ ସହ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହେବ । ଏହି ଅବସରରେ ମନ୍ତ୍ରୀ ଡଃ ମହାପାତ୍ର



ନିଜ ପ୍ରତିକ୍ରିୟାରେ ସ୍ଥାନୀୟ ଚାଷୀଙ୍କ ସୁବିଧା ପାଇଁ ମଧ୍ଯ ଏଠାରେ ଏକ କୃଷକ ବଜାର ନିର୍ମାଣ କରାଯିବ ବୋଲି ସୂଚନା ଦେଇଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ବାରିପଦା ବିଧାୟକ ପ୍ରକାଶ ସୋରେନ, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପାଧ୍ୟକ୍ଷା ଶ୍ରୀମତୀ ସୀମା ଦାସ ବାରିପଦା ମ୍ୟୁନିସିପାଲଟି ର ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ ଏବଂ ସମସ୍ତ ୱାର୍ଡ଼ କାଉନସିଲର ମାନେ ଉପସ୍ଥିତ ରହିଥିଲେ।

## ଶାନ୍ତିଲତା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଉନ୍ମୋଚିତ ହେଲା ମୁଖପତ୍ର 'ସଂଗ୍ରାମ'

ବସ୍ତା, ୨୮/୧ (ନି.ପ୍ର): ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ଉଇଟିକିରି ସ୍ଥିତ ଶାନ୍ତିଲତା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ମୁଖ୍ୟଅତିଥି ବିଧାୟକ ମାନସ କୁମାର ଦତ୍ତ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରି ଯୁବ ଶକ୍ତି ହିଁ ରାଷ୍ଟ୍ର ପ୍ରଗତୀର କର୍ଣ୍ଣଧାର । ଛାତ୍ର ଛାତ୍ରୀଙ୍କ ସ୍ୱପ୍ନରେ ସମ୍ଭାବନା ରହିଛି ବୋଲି ବକ୍ତବ୍ୟରେ କହିଥିଲେ । ଅଧକ୍ଷ ସମୀର କୁମାର ରାଉତ ଏହି ଉତ୍ସବରେ ପୌରାହିତ୍ୟ କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ । ମୁଖ୍ୟବକ୍ତା ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ସୁଧାଂଶୁ ଶେଖର ଜେନା ଯୋଗଦେଇ ଛାତ୍ରଛାତ୍ରୀ ଶୃଙ୍ଖଳାବାନ ଓ ଧୈର୍ଯ୍ୟଶୀଳ ହେବା ଉଚିତ ବୋଲି ବକ୍ତବ୍ୟରେ କହିଥିଲେ । ଦର୍ଶନ ବିଭାଗ ଅଧାପକ ମାନସ କୁମାର ଦତ୍ତ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅଧାପିକା ଜେମାମଣି ସାହୁଙ୍କ ତତ୍ତ୍ୱାବଧାନରେ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଓ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ । ଏହି ଅବସରରେ ଅତିଥିଙ୍କ ଦ୍ୱାରା ମୁଖପତ୍ର 'ସଂଗ୍ରାମ' ଉନ୍ମୋଚିତ ହୋଇଥିଲା । କ୍ରୀଡ଼ା ଅଧାପକ ଜୀବନ କୃଷ୍ଣ ଗିରି ଓ ଅଧାପକ ମାନସ କୁମାର ଦତ୍ତଙ୍କ ମଞ୍ଚ ସଂଯୋଜନାରେ କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ପ୍ରଶାସନିକ ଅଧିକାରୀ ଅଧାପକ ସପନ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ । ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅଧାପକ ଦୁର୍ଗା ମାରାଣ୍ଡି,ପୂର୍ଣ୍ଣଚନ୍ଦ୍ର ଭୋଳ, ଉମାଶଙ୍କର ପାଣି, ମନୋଜ କୁମାର ସାହୁ, ଡ.ଦେବବ୍ରତ ନାୟକ,ମୃତ୍ୟୁଞ୍ଜୟ ମଲ୍ଲିକ ଅଧାପିକା ପ୍ରଣତି ବେହେରା, ମୌମିତା ପାତ୍ର, ପ୍ରିୟଙ୍କା ନାୟକ, ଭାରତୀ ଭୋଇ, ସୁଶ୍ରୀ ସଂଗୀତା ବେହେରାଙ୍କ ସମେତ ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।

# ଗୋପପ୍ରାଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ସାଂସ୍କୃତିକ ଉତ୍ସବ

ବାସୁଦେବପୁର , ୨୮/୧ (ନି.ପ୍ର): ଏକ ବର୍ଣ୍ଣାଢ଼୍ୟ ପରିବେଶ ମଧ୍ୟରେ କ୍ଷୀରକୋଣା ଗୋପପ୍ରାଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ସାଂସ୍କୃତିକ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ବାଲେଶ୍ୱର ଜିଲ୍ଲାର ସିମୁଳିଆ ବ୍ଲକ ଅନ୍ତର୍ଗତ ଏହି ଗୋପ ପ୍ରାଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ସାଂସ୍କୃତିକ ଉତ୍ସବରେ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ସିଂହ ସଭାପତିତ୍ୱ କରିଥିଲେ। ସିମୁଳିଆ ଥାନା ଅଧିକାରୀ ଦେବରାଜ ଜେନା ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଓ ସମସ୍ତ ଅତିଥି ମାନଙ୍କ ସହିତ ମିଶି ଆନୁଷ୍ଠାନିକ ଭାବେ ଉତ୍ସବକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ଏହି ଉତ୍ସବରେ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ ସୋର ଉପେନ୍ଦ୍ରନାଥ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡକ୍ଟର




ଶରତ ଚନ୍ଦ୍ର ମହାନ୍ତି। ଜିଲ୍ଲା ପରିଷଦଙ୍କ ପ୍ରତିନିଧି ଅନନ୍ତ ପ୍ରସାଦ ପାଢ଼ୀ, କ୍ଷୀର କୋଣା ଗ୍ରାମ ପଞ୍ଚାୟତର ସରପଞ୍ଚ ସୁଶାନ୍ତ କୁମାର ଜେନା, କ୍ଷୀରକୋଣା ଉପେନ୍ଦ୍ରନାଥ ଏକାଡେମୀର ଅବସରପ୍ରାପ୍ତ ଶିକ୍ଷକ ଅନ୍ତର୍ଯ୍ୟାମୀ ପ୍ରଧାନ ପ୍ରମୁଖ ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମସ୍ତ ଅତିଥି ଶିକ୍ଷା, ସାହିତ୍ୟ, ଧର୍ମ, ସମାଜସେବା, କଳା, ସଂସ୍କୃତି ସମ୍ପର୍କରେ ଖୁବ୍ ସୁନ୍ଦର ଓ ଆକର୍ଷଣୀୟ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ଗଣିତ ବିଭାଗ ଅଧ୍ୟାପକ ମାନସ ରଞ୍ଜନ ମହାନ୍ତି ଏହି ଉତ୍ସବରେ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପକ ପ୍ରଫୁଲ୍ଲ କୁମାର ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏହି ଉତ୍ସବକୁ ପରିଚାଳନା କରିବାରେ ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ମହାନ୍ତି, ପଦ୍ମ ଲୋଚନ ନାୟକ, ଅଧ୍ୟାପିକା ସୁଜାତା ବିଶ୍ୱାଳ, ସୁକାନ୍ତି ଲତା ପଲେଇ, ଅଧ୍ୟାପକ ବ୍ୟୋମକେଶ ବିଶ୍ୱାଳ, ନିରୋଜ କୁମାର ସାହାଣୀ, ଅଧ୍ୟାପିକା ଶ୍ୱେତସ୍ମିତା ଦୀକ୍ଷିତ, ଲକ୍ଷ୍ମୀପ୍ରିୟା ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ୮ଘଣ୍ଟିଆ ଓଡିଶାବନ୍ଦ ଡାକରା : ବେତନଟୀରେ ଆଂଶିକ ସଫଳତା




ବେତନଟୀ , ୨୮/୧ (ନି.ପ୍ର): ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ରାଜ୍ୟବ୍ୟାପୀ ୮ଘଣ୍ଟିଆ ଓଡିଶାବନ୍ଦ ଡାକରା ପରିପ୍ରେକ୍ଷୀରେ ବେତନଟୀ ବଜାର ଉପକଣ୍ଠ ୧୮ନଂ ଜାତୀୟ ରାଜପଥ ସତସଙ୍ଗ ବିହାର ଠାରେ ଚାଲିଥିବା ଆନ୍ଦୋଳନ ଆଜି ସମାପ୍ତ ହୋଇଛି । ଧାନମଣ୍ଡିରେ ଏଫଏକ୍ୟୁ ମାନ ଆଳରେ କୁଇଣ୍ଟାଲ ପିଛା ୮ରୁ ଦଶକିଲୋ ଧାନ କାଟିଦେବା, ଧାନ ମନ୍ଦିରୁ ମିଲ ପର୍ଯ୍ୟନ୍ତ ମିଲର କର୍ତ୍ତୃପକ୍ଷ ଧାନ ନେବାକୁ ନିର୍ଦ୍ଦେଶାବଳି ଥିଲେ ସୁଦ୍ଧା ଚାଷୀଙ୍କୁ ମଣ୍ଡିରୁ ମିଲ ପର୍ଯ୍ୟନ୍ତ ଧାନ ନେବାକୁ ବାଧ୍ୟ କରିବା, ବିଦ୍ୟୁତ ବିତରଣ ସଂସ୍ଥା ଟାଟାପାୱାର ପକ୍ଷରୁ ସ୍ମାର୍ଟ ମିଟର ଷଡଯନ୍ତ୍ର ଆଳରେ ଉପୋଭୋକ୍ତା ମାନଙ୍କୁ ଶୋଷଣ କରିବା ଭଳି ବିଭିନ୍ନ ସମସ୍ୟାର ସମାଧାନ ଏବଂ ଦାବି ପୂରଣ ପାଇଁ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଆଜି ଆଠଘଣ୍ଟିଆ ଓଡିଶା ବନ୍ଦ ପାଳନ କରାଯାଇଥିଲା । ବେତନଟୀ ଠାରେ ପାଖାପାଖି ଦୁଇଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ରାସ୍ତା ଉପରେ ଧାନବୁରାରଖି ରାସ୍ତାରୋକ କରିବାଦ୍ୱାରା ଉଭୟ ପାର୍ଶ୍ୱରେ ଶହ ଶହ ଯାନବାହନ ଅଟକି ରହିଥିଲା । ଯାତାୟାତ ଏକପ୍ରକାର ଠପ ହୋଇଯାଇଥିବା ବେଳେ ବେତନଟୀ ଏସଡ଼ିପିଓ ମିନତୀ ବିଶ୍ୱାଳ, ଆଇଆଇସି ସସ୍ମିତା ମହାନ୍ତ, ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିବାପରେ ପାଖାପାଖି ଦୁଇଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ପରେ ରାସ୍ତାରୋକ ପ୍ରତ୍ୟାହାର କରାଯାଇଥିଲା । ଏହାପରେ ଯାନବାହାନ ଚଳାଚଳ ସ୍ୱାଭାବିକ ହୋଇଥିଲା । ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଦିଆ ଯାଇଥିବା ଓଡିଶାବନ୍ଦ ଡାକରା ପ୍ରଭାବ ବେତନଟୀରେ ଆଂଶିକ ଭାବରେ ଦେଖିବାକୁ ମିଳିଥିଲା । କିଛି ସରକାରୀ କାର୍ଯ୍ୟାଳୟ ଖୋଲା ଥିବାବେଳେ ଦୋକାନ ବଜାର ସ୍ୱାଭାବିକ ଭାବରେ ଖୋଲା ଥିବାର ଦେଖିବାକୁ ମିଳିଛି ।

# ବାଲେଶ୍ୱର ପ୍ରତିମା ସେବା ସଦନର ୭୭ ତମ ଗଣତନ୍ତ୍ର ଦିବସ ମହାସମାରୋହରେ ପାଳିତ

ବାଲେଶ୍ୱର, ୨୮/୧ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ତେଲେଙ୍ଗା ସାହି ପ୍ରତିମା ସେବା ସଦନରେ ସଭାପତି ବସନ୍ତ ଲତା ପଟ୍ଟନାୟକଙ୍କ ସଭାପତିତ୍ୱରେ ୭୭ ତମ ଗଣତନ୍ତ୍ର ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି କର୍ଣ୍ଣେଲ ବିଜୟ କୁମାର ପତି ଯୋଗ ଦେଇ ସକାଳ ୮ ଟାରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଅନୁଷ୍ଠାନର ସମସ୍ତ କର୍ମଚାରୀ ଓ ପିଲା ମାନେ ଉପସ୍ଥିତ ଥିଲେ । ଅନୁଷ୍ଠାନର ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିଲା। ଦିବା ୧୨.୩୦ ରେ ଅନୁଷ୍ଠାନ ଏକ ସଭା ଆୟୋଜନ କରାଯାଇଥିଲା । ମୁଖ୍ୟ ଅତିଥି କର୍ଣ୍ଣେଲ ବିଜୟ କୁମାର ପତି, ମୁଖ୍ୟ ବକ୍ତା ପୋଲିସ ହାଇସ୍କୁଲ ପ୍ରିନ୍ସ ପାଲ କଲ୍ୟାଣୀ ସାହୁ , ସଭାପତି ପ୍ରତିମା ସେବା ସଦନର ଶ୍ରୀମତୀ ବସନ୍ତ ଲତା ପଟ୍ଟନାୟକଙ୍କ ସାଧାରଣ ସମ୍ପାଦକ ଚନ୍ଦ୍ରାୟ ହେମ୍ବ୍ରମ , ସମ୍ମାନୀୟ ଅତିଥି ସରସ୍ୱତୀ ପଣ୍ଡା , ସମ୍ମାନୀୟ ଅତିଥି ବିଜୟ କୁମାର ଦାସ , ଅଧିକାରୀ ମଞ୍ଚରେ ମଞ୍ଚାସୀନ ଥିଲେ । ମୁଖ୍ୟ ଅତିଥି ମାନଙ୍କ ଦ୍ୱାରା ଅନୁଷ୍ଠାନର ପିଲାମାନଙ୍କୁ ବିଭିନ୍ନ ପ୍ରକାରର ପ୍ରତିଯୋଗିତା ହୋଇଥିଲା ଯେଉଁ ପିଲାମାନେ କୃତ୍ କାର୍ଯ୍ୟ ହୋଇଥିଲେ ସେମାନଙ୍କୁ ମାନପତ୍ର ଓ ପୁରସ୍କାର ଅତିଥି ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ମୁଖ୍ୟ ଅତିଥି କର୍ଣ୍ଣେଲ ବିଜୟ କୁମାର ପତି ତାଙ୍କ ବକ୍ତବ୍ୟରେ କହିଥିଲେ ପ୍ରତିମା ସେବା ସଦନର ଯେଉଁଭଳି ଆୟୋଜନ କରି ପ୍ରତ୍ୟେକ ବର୍ଷ ପାଳୁଛି ତାହା ସ୍ୱାଗତ ଯୋଗ୍ୟ । ଏହା ଦ୍ୱାରା ପିଲାମାନଙ୍କ ମନରେ ପରମ୍ପରା, ସଂସ୍କୃତି ଓ ଦେଶ ଭକ୍ତି ଭାବ ସୃଷ୍ଟି ହବ। ମୁଖ୍ୟ ବକ୍ତା କଲ୍ୟାଣୀ ସାହୁ ତାଙ୍କ ବକ୍ତବ୍ୟରେ କହିଥିଲେ ଭାରତ ପାଇଁ ବହୁ ମହାପୁରୁଷ ଜୀବନ ବଳିଦେଇ ଆମ ଦେଶକୁ ରକ୍ଷା କରିଛନ୍ତି। ତେଣୁ ପିଲାମାନେ ଦେଶର ଭବିଷ୍ୟତ। ତେଣୁ ସେମାନେ କିପରି ଦେଶ ମାତୃକା ପାଇଁ ନିଜକୁ ଗଢି ତୋଳିବେ ସେଥିପାଇଁ ଏହି ଗଣତନ୍ତ୍ର ଦିବସ ପାଳିତ ହୁଏ ଓ ପ୍ରତ୍ୟେକ ନାଗରିକ ନିଜକୁ ଭାରତୀୟ ବୋଲି ଗର୍ବ କରନ୍ତି । ସଭାପତି ବସନ୍ତଲତା ପଟ୍ଟନାୟକ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ମୁଖ୍ୟ ଅତିଥି ଓ ସମ୍ମାନୀୟ ଅତିଥିମାନେ ବହୁ ମୂଲ୍ୟବାନ ସମୟ ନଷ୍ଟ କରି ପ୍ରତିମା ସେବା ସଦନରେ ଯୋଗଦେଇ ପିଲାଙ୍କୁ ଉତ୍ସାହିତ କରିଥିବାରୁ ଧନ୍ୟବାଦ ଦେଉଛି। ଅନ୍ୟ ସମ୍ମାନୀୟ ଅତିଥିମାନେ ପ୍ରତିମା ସେବା ସଦନରେ ଏପରି ଆୟୋଜନ କରିଥିବାରୁ ଧନ୍ୟବାଦ ଦେଇଥିଲେ। ସର୍ବଶେଷରେ ପୁଷ୍ପାଞ୍ଜଳି ପାଢ଼ୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ଶେଷ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରତିମା ସେବା ସଦନରେ ସମସ୍ତ ଛାତ୍ର ଛାତ୍ରୀ ପରିଚାଳନାରେ ସହଯୋଗ କରିଥିଲେ।

# ବାଣିଦା ସରସ୍ୱତୀ ପୂଜା କମିଟି ପକ୍ଷରୁ ରକ୍ତଦାନ ଶିବିର

ଜଳେଶ୍ୱର, ୨୮/୧ (ନି.ପ୍ର): ଜଳେଶ୍ୱର ବ୍ଲକ୍ ବାଣିଦା ସରସ୍ୱତୀ ପୂଜା କମିଟି ପକ୍ଷରୁ ଏକ ରକ୍ତଦାନ ଶିବିର ପୂଜା କମିଟି ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମ୍ବାଦ- ଆମ ଓଡ଼ିଶା ଓ ଜିଲ୍ଲା ରକ୍ତଦାତା ସଂଘ ମିଳିତ ସହଯୋଗ ଆୟୋଜିତ ଶିବିରକୁ ଜିଲ୍ଲା ରକ୍ତଦାତା ସଂଘର ସଭାପତି କମଳ କୁମାର ଚକ୍ରବର୍ତ୍ତୀ ଉଦଘାଟନ କରିଥିଲେ। ବାଲେଶ୍ୱର ରକ୍ତ କେନ୍ଦ୍ରର କର୍ମଚାରୀ ମାନେ ରକ୍ତ ସଂଗ୍ରହ କରିଥିଲେ। ଶିବିରରୁ ୨୦ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ଉମେଶ ଚନ୍ଦ୍ର ମହାନ୍ତି, ପ୍ରଦୀପ



ପାତ୍ର, ମଦନମୋହନ ମହାନ୍ତି, ସୌମ୍ୟରଞ୍ଜନ ଦାସ, ସ୍ୱପ୍ନେଶ୍ୱର ମହାପାତ୍ର, ଚନ୍ଦନ ମହାପାତ୍ର, ତରଣୀ ଦାସ, ଗୌରୀଶଙ୍କର ମହାନ୍ତି, ସନ୍ନ୍ୟାସୀ ଜେନା, ସୁଧାରକର ପାତ୍ର, ଗୋବିନ୍ଦ ମହାନ୍ତି, ସତୀଶ ଚନ୍ଦ୍ର ଦାସ, ଶ୍ୟାମସୁନ୍ଦର ଦାସ, ସୁକୁମାର ଦାସ, ରତିକାନ୍ତ ଦାସ, ବଂଶୀଧର ଦାସ, ମନୋଜ କୁମାର ମହାନ୍ତି, ପ୍ରତାପ ଚନ୍ଦ୍ର ମହାନ୍ତି, ଲକ୍ଷ୍ମୀଧର ବାରିକ, ସମ୍ବାଦ ଉତ୍ତର ବାଲେଶ୍ୱର ପ୍ରତିନିଧି ସତ୍ୟବ୍ରତ ପ୍ରଧାନଙ୍କ ସହ କମିଟିର ସମସ୍ତ ସଭ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# ଖାଦ୍ୟ ସୁରକ୍ଷାରୁ ବଂଚିତ ଦିନମଜୁରିଆ ଦିଲିପ ମାଙ୍କିଡ଼ିଆ

ଉଦଳା , ୨୮/୧ (ନି.ପ୍ର): ୟେ ହେଉଛି ଖୁଂଟା ବ୍ଲକର ଢ଼େଙ୍ଗାମ ପଂଚାୟତ ଅନ୍ତର୍ଗତ ମାଙ୍କିଡ଼ିଆ ବସ୍ତିର ଦୃଶ୍ୟ । ଏହି ବସ୍ତିର ବାସିନ୍ଦା ସ୍ୱର୍ଗତଃ ବଡ଼ସମରାୟ ମାଙ୍କିଡ଼ିଆଙ୍କ ପୁତ୍ର 'ଦିଲିପ' ଖାଦ୍ୟ ସୁରକ୍ଷା ଯୋଜନାରେ ସରକାର ଯୋଗାଇ ଦେଉଥିବା ମୁଣ୍ଡପିଛା ୫ କିଗ୍ରା ଚାଉଳ ପାଇବାରୁ ବଂଚିତ ଥିବାର ଜଣାଇଛନ୍ତି । 'ଦିଲିପ'ଙ୍କୁ ବର୍ତମାନ ବୟସ ୨୫ ବର୍ଷ ଛୁଇଁଥିବା ବେଳେ ସେ ଦିନମଜୁରିଆ ଭାବରେ କାମ କରି ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବାର କହିଛନ୍ତି । 'ଦିଲିପ'ଙ୍କର ଆଧାର କାର୍ଡ଼ ନଥିବା ଯୋଗୁଁ ସେ ଚାଉଳ ପାଇନପାରିବା ସହ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଥିବାର ଜଣାଇଛନ୍ତି । ତେବେ ଆଧାର କାର୍ଡ଼ ପାଇଁ ସେ ବାରମ୍ବାର ଫଟୋ ଉଠାଇଛନ୍ତି ଓ ଏ ବାବଦରେ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟରେ ଗୁହାରି ଜଣାଉଛନ୍ତି । କିନ୍ତୁ କେହି ତାଙ୍କର ଗୁହାରି କର୍ଣ୍ଣପାତ କରୁନଥିବାର ଅଭିଯୋଗ କରିଛନ୍ତି । ତାଛଡ଼ା ମୟୂରଭଂଜ ଜିଲ୍ଲାରେ ବସବାସ କରୁଥିବା ମାଙ୍କିଡ଼ିଆ ଜନଜାତିର ଲୋକେ ସବୁଠାରୁ ଅଧିକ ଅବହେଳିତ ଅବସ୍ଥାରେ ରହିଥିବାର ଜଣାଯାଇଛି । ଉଦଳାରେ ଥିବା ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ଏହି ଜନଜାତିଙ୍କ ଉନ୍ନତି ପାଇଁ ସତର୍କ ନଜର ରଖିଛି ବୋଲି ନିୟମିତ ଢ଼ୋଲ ପିଟୁଛି । କିନ୍ତୁ ଉକ୍ତ ଘଟଣାରେ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପର କାର୍ଯ୍ୟକଳାପ ଯେ ଆଦୌ ସନ୍ତୋଷଜନକ ନୁହେଁ ତାହା ବେଶ ସ୍ପଷ୍ଟ ବାରି ହୋଇ ପଡୁଛି । ଦିଲିପ ମାଙ୍କିଡ଼ିଆଙ୍କୁ ତୁରନ୍ତ ଆଧାର କାର୍ଡ଼ ଯୋଗାଇଦେବା ସହ ତାଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରିବାକୁ ବହୁ ସ୍ୱେଚ୍ଛାସେବି ଦାବି ଜଣାଇଛନ୍ତି ।

ଗୁରୁବାର, ୨୯ ଜାନୁଆରୀ ୨୦୨୬

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ବିଜୟ ଉଚ୍ଚ ବିଦ୍ୟାଳୟରେ ୨୦୦୩ ବ୍ୟାଚର ବନ୍ଧୁମିଳନ



ବଡ଼ସାହି , ୨୮/୧ (ନି.ପ୍ର): ମୟୂରଭଞ୍ଜର ଅନ୍ୟତମ ଆଦର୍ଶ ଉଚ୍ଚ ବିଦ୍ୟାଳୟ ବିଜୟ ଉଚ୍ଚ ବିଦ୍ୟାଳୟ, ବାଘମରାରେ ବିଦ୍ୟାଳୟର ୨୦୦୩ ବ୍ୟାଚର ଛାତ୍ରଛାତ୍ରୀ ମାନଙ୍କର ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିପାଇଁ ଆୟୋଜିତ ସଭାରେ ବିଦ୍ୟାଳୟର ବର୍ତ୍ତମାନର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଦିଲୀପ କୁମାର ମହାନ୍ତ ଅଧ୍ୟକ୍ଷତା କରିଥିଲାବେଳେ ଅବସରପ୍ରାପ୍ତ ପୂର୍ବତନ ପ୍ରଧାନଶିକ୍ଷକ ସୁବଳଚରଣ ରଣଷଣ୍ଡ, ଶିକ୍ଷକ ସୃଷ୍ଟିଧର ପରିଡ଼ା, ହରିଶ୍ଚନ୍ଦ୍ର ସେନାପତି,ରସାନନ୍ଦ ଲେଙ୍କା, ପ୍ରତାପ ରଣସିଂ, ଭଗବାନ ବେହେରା, ଛତିଶ ଚନ୍ଦ୍ର ମହାନ୍ତ ଏବଂ ବର୍ତ୍ତମାନର ସଂସ୍କୃତ ଶିକ୍ଷକ ନୀରଦ ସୁନ୍ଦର ଜେନା ଓ ବିଜ୍ଞାନ ଶିକ୍ଷକ ତପନ କୁମାର ଦାସ ମଞ୍ଚାସୀନ ଥିଲେ। ନିମନ୍ତ୍ରିତ ଅତିଥି ଭାବରେ ସ୍ଥାନୀୟ ସିଆ ?ସିସି ମିନତି ପଣ୍ଡା, କମିଟି ସଭାପତି ବିଜୟ କୁମାର ନାଏକ, ସ୍ଥାନୀୟ ଚର୍ଚ୍ଚର ଫାଦର ଯୋସେଫ୍ କେରକେଟା ଓ ସିଷ୍ଟର ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କର ସୁନ୍ଦର ପ୍ରୟାସକୁ ଉଚ୍ଚ ପ୍ରଶଂସା କରିଥିଲେ । ୨୦୦୩ ବ୍ୟାଚର ଛାତ୍ର କୁଆଁର ହେମ୍ବ୍ରମ୍ ସ୍ୱାଗତ ଭାଷଣ ଦେଇଥିଲେ । ଶ୍ୟାମସୁନ୍ଦର ମାର୍ଣ୍ଡି, ଭୀମ ମୁର୍ମୁ, ଦୁର୍ଯ୍ୟୋଧନ ସରେନ୍, ବିକ୍ରମ ସରେନ୍, ରମେଶ ବାସ୍କେ , ମଙ୍ଗଳ ବିନ୍ଧାଣୀ,ପାନ ମୁର୍ମୁ, ଦଲାନ ମୁର୍ମୁ, ସରସ୍ୱତୀ ମହାନ୍ତ, ଲକ୍ଷ୍ମୀ ମାର୍ଣ୍ଡି ନିଜ ନିଜ ଅତୀତର ବିଦ୍ୟାଳୟ ଜୀବନର ସ୍ମୃତି ଚାରଣ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ନନ୍ଦୁ ମାର୍ଣ୍ଡି । ଛାତ୍ରୀଛାତ୍ରୀ ମାନେ ଶିକ୍ଷକ ମାନଙ୍କୁ ଉତ୍ତରୀୟ ଓ ଉପଢୌକନ ପ୍ରଦାନ କରି ସମ୍ମାନିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରୁହ୍ୟା ହାଁସଦା , କଲ୍ୟାଣ ମାର୍ଣ୍ଡି କାର୍ତ୍ତିକ ମୁର୍ମୁ, ବୁଢାନ୍ ମାର୍ଣ୍ଡି,ଶର୍ମିଳା କିସ୍କୁ ଓ ପାନ ମଣି ହେମ୍ବ୍ରମ୍ ସହଯୋଗ କରିଥିଲେ । ଶେଷରେ ଦୟାନିଧି ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

# ଆଇଟିଡିଏ କାର୍ଯ୍ୟାଳୟ ସମ୍ମୁଖରେ ନୀଳଗିରି ବିଜେଡି ଲୋକପ୍ରତିନିଧିଙ୍କ ଅନିର୍ଦ୍ଦିଷ୍ଟ ଗଣଧାରଣା




ନୀଳଗିରି , ୨୮/୧ (ନି.ପ୍ର): ବିଭାଗୀୟ କାର୍ଯ୍ୟସମ୍ପାଦନ ନାମରେ ଗୋଟିଏ ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ନୀଳଗିରି ଆଇଟିଡିଏ କର୍ତ୍ତୃପକ୍ଷ ପୃଷ୍ଠପୋଷକତା କରିବା ପ୍ରତିବାଦରେ ନୀଳଗିରି ବିଜେଡ଼ି ଲୋକପ୍ରତିନିଧିଙ୍କ ତରଫରୁ ଆଜି ଅନିର୍ଦ୍ଦିଷ୍ଟ ସମୟପାଇଁ ଧାରଣାଦିଆଯାଇଛି । ନୀଳଗିରି ପଞ୍ଚାୟତସମିତି ଅଧୀନସ୍ଥ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ/ସଭ୍ୟା, ପୂର୍ବତନ ଲୋକପ୍ରତିନିଧି ମାନେ ଏହି ଧାରଣାରେ ସାମିଲ ହୋଇଥିଲେ।୨୦୨୩/୨୪ଓ ୨୫/୨୬ଆର୍ଥିକ ବର୍ଷରେ ନୀଳଗିରି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାକୁ ଆସିଥିବା ସରକାରୀ ଅନୁଦାନକୁ ଗୋଟିଏ ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ପୃଷ୍ଠପୋଷକତା କରି କର୍ଯ୍ୟକରିବାକୁ ଦିଆଯାଇଥିବାର ଅଭିଯୋଗ ଆଣି ଏହି ଧାରଣା ଦିଆଯାଇଛି। ପୂର୍ବତନ ବିଧାୟକ ଇଂସୁକାନ୍ତ କୁମାର ନାୟକଙ୍କ ନେତୃତ୍ୱରେ ପ୍ରାୟ ଦୁଇଶହରୁ ଉର୍ଦ୍ଧ୍ୱ ଧାରଣାକାରି ଉକ୍ତ ବିଭାଗର ପ୍ରିୟାପ୍ରୀତି ତୋଷଣନୀତି ପାଇଁ ହେଉ କିମ୍ବା ଚାପରେ ବଶବର୍ତ୍ତୀହୋଇ ହେଉ ଏହାକୁ ପରିତ୍ୟାଗକରି ସ୍ୱଚ୍ଛତାର ସହ ଉନ୍ନୟନ କାର୍ଯ୍ୟବଣ୍ଟନ କରିବାକୁ ଦାବି କରିଥିଲେ। ପ୍ରଧାନମନ୍ତ୍ରୀ ଆଦର୍ଶ ଯୋଜନାରେ ୨କୋଟି ୬୦ଲକ୍ଷ, ସ୍ୱତନ୍ତ୍ର ଉନ୍ନୟନ ଯୋଜନାରେ ୧କୋଟିରୁ ୨୬ଲକ୍ଷ, ମୁଖ୍ୟମନ୍ତ୍ରୀ ଉନ୍ନୟନ ଯୋଜନାରେ ୧କୋଟିରୁ ଉର୍ଦ୍ଧ୍ୱ, ଛାତ୍ରାବାସ ମରାମତି, ପାଚେରୀ ନିର୍ମାଣ, ଷ୍ଟାପ କ୍ୱାଟର ନିର୍ମାଣ, ପାନୀୟଜଳ ଯୋଜନାରେ ୨କୋଟି ୮୯ଲକ୍ଷ ୬୬ହଜାର ଟଙ୍କା ଅନୁଦାନ ଆସିଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ପୃଷ୍ଠପୋଷକତାରେ ଏହି ସମସ୍ତ ଅର୍ଥକୁ ଗୋଟିଏ ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ କାର୍ଯ୍ୟାନ୍ୱୟନ କରିବାକୁ ଦିଆଯାଉ ଥିବାରୁ ନିର୍ବାଚିତ ସରପଞ୍ଚ, ସମିତି/ସଭ୍ୟାମାନଙ୍କୁ ଅନ୍ଧାରରେ ରଖାଯାଇଥିବା ନୀଳଗିରି ପଞ୍ଚାୟତସମିତି ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ, ଆରବନ୍ଧ ସରପଂଚ କୁଳମଣୀ ନାୟକ, ସମିତିସଭ୍ୟା ବିନତା ମାଢେଇ, ଭଉଁରିଆବାଡ ସରପଞ୍ଚ ସଞ୍ଜୟ କୁମାର ସିଂ, ସମିତିସଭ୍ୟା ସାବିତ୍ରୀ ସିଂ, ସରପଞ୍ଚ ଶାନ୍ତିଲତା ବିଶ୍ୱାଳ, ସିଆଡିମାଳ ସରପଞ୍ଚ ସୁରଥ ସିଂ, ସମିତିସଭ୍ୟ ରାଜୀବ ଦାସବାବୁ, ଛତ୍ରପୁର ସରପଞ୍ଚ ମାଳତୀ ମାର୍ଣ୍ଡୀ, ନାୟବ ସରପଂଚ ହରେକୃଷ୍ଣ ମାଝୀ, ନରସିଂହପୁର ସମିତିସଭ୍ୟା ଅହଲ୍ୟା ନାୟକ, ରମାକାନ୍ତ ମଢ଼େଇ ମଚ୍ଛୁଆ ସମିତିସଭ୍ୟ ପ୍ରମୁଖ ବହୁ ନିର୍ବାଚିତ ଲୋକପ୍ରତିନିଧି ଏବଂ ସାଧାରଣଜନତା ଏହି ଅଭିଯୋଗ ଆଣିଥିବା ସୂଚନା ମିଳିଛି। ଏହାର ସ୍ଥାୟୀ ସମାଧାନ ନହେଲା ପର୍ଯ୍ୟନ୍ତ ଏହି ଧାରଣା ଜାରିରହିବ ବୋଲି ଚେତାବନୀ ଦିଆଯାଇଛି।

# ମୟୂରଭଂଜରୁ ରାଜ୍ୟସଭା ସାଂସଦ ପଦ ପାଇଁ ପ୍ରମିଳା ଓ କବିବିଷ୍ଣୁଙ୍କ ନାମକୁ ନେଇ ଜୋର ଧରିଲା ଚର୍ଚ୍ଚା



ଉଦଳା, ୨୮/୧ (ନି.ପ୍ର): ମୟୂରଭଂଜରୁ ରାଜ୍ୟସଭା ସାଂସଦ ପଦ ପାଇଁ କିଏ ମନୋନିତ ହେବେ ପ୍ରଶ୍ନ ଉଠିଲେ ଉଦଳାରୁ ପ୍ରମିଳା ପଣ୍ଡା ଓ ବାରିପଦାରୁ କବିବିଷ୍ଣୁ ଶତପଥିଙ୍କ ନାମ ପ୍ରଥମେ ଚର୍ଚ୍ଚାର ପରିସରକୁ ଆସୁଛି । ଏ ଦୁହେଁ ଯାକ ଏକ ଧାରରେ ସାମ୍ବାଦିକ ଓ ସାହିତ୍ୟିକ ହୋଇଥିବାରୁ ଜିଲ୍ଲାରେ କାର୍ଯ୍ୟରତ ବହୁ ସାମ୍ବାଦିକ ଓ ଆଗଧାଡ଼ିର ସାହିତ୍ୟିକ ମାନଙ୍କର ଏମାନେ ପସନ୍ଦଯୋଗ୍ୟ ପ୍ରାର୍ଥି ବୋଲି ଅନେକ ମତ ଦେଉଛନ୍ତି । ତାଛଡ଼ା ବାରମ୍ବାର ଦଳ ବଦଳ ଭଳି ଶସ୍ତା ରାଜନୀତି ଠାରୁ ଏଦୁହେଁ ଅଛନ୍ତି ବହୁ ଦୂରରେ । ଶାନ୍ତ, ସରଳ ଓ ନମ୍ରତା ଗୁଣ ପାଇଁ ଉକ୍ତ ଦୁଇ ପ୍ରାର୍ଥିଙ୍କର ରହିଛି ସ୍ୱତନ୍ତ୍ର ସମ୍ମାନ । ଏହିଭଳି ଜ୍ଞାନି ଗୁଣି ଲୋକେ ରାଜ୍ୟସଭା ସାଂସଦ ପଦରେ ବସିଲେ ଜିଲ୍ଲାର ସମ୍ମାନ ବୃଦ୍ଧି ପାଇବା ସାଙ୍ଗକୁ ଦେଶର ଉନ୍ନତି ଓ ଲୋକଙ୍କର ସମସ୍ୟା ବହୁମାତ୍ରାରେ ସମାଧାନ ହୋଇପାରିବ ବୋଲି କୁହାଯାଉଛି । ଭାରତୀୟ ଜନତା ପାର୍ଟିର ଦୁହେଁ ଯାକ ଶୃଙ୍ଖଳିତ ସଦସ୍ୟ ହୋଇଥିବା ବେଳେ, ବହୁ ଜ୍ଞାନିଗୁଣି ଲୋକଙ୍କ ମହଲରେ ଉକ୍ତ ଦୁଇ ପ୍ରାର୍ଥିଙ୍କର ପ୍ରଶଂସା ଶୁଣିବାକୁ ମିଳୁଛି । ପ୍ରମିଳା ପଣ୍ଡା ବର୍ତମାନ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ଭାବେ ନିର୍ବାଚିତ ହୋଇ ନିଜର ଦାୟିତ୍ୱ ତୁଲାଉଛନ୍ତି । କବିବିଷ୍ଣୁ ଶତପଥିଙ୍କୁ କୌଣସି ଦାୟିତ୍ୱ ଦିଆଯାଇନଥିବାରୁ ସେ ଦାୟିତ୍ୱମୁକ୍ତ ଅଛନ୍ତି । ଅନେକ ଗୁଡ଼ିଏ ସ୍ୱେଚ୍ଛାସେବି ସଂଗଠନ ମଧ୍ୟ ଏହି ଦୁଇ ପ୍ରାର୍ଥିଙ୍କ ମଧ୍ୟରୁ ଜଣଙ୍କୁ ରାଜ୍ୟସଭା ସାଂସଦ ପଦ ମିଳୁ ବୋଲି ଆଶା ବାନ୍ଧିଛନ୍ତି ।

# ଧାନକିଣା ନେଇ କୌଣସି ଅଭିଯୋଗ ଆସିଲେ ଏହାର ତ୍ୱରିତ ସମାଧାନ ପାଇଁ ମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୨୮/୧ (ନି.ପ୍ର): ରାଜ୍ୟରେ ଖରିଫ ଋତୁରେ ଧାନ ସଂଗ୍ରହ ଜାରି ରହିଛି । ରାଜ୍ୟରେ ଚାଷୀମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ଧାନ ସଂଗ୍ରହ ସମୟରେ କୌଣସି ଅନିୟମିତତାର ଅଭିଯୋଗ ଆସିଲେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟ ଖାଦ୍ୟ ଯୋଗାଣ ନିଗମ ପରିଷଦରେ ନିର୍ଦ୍ଦେଶ ନିୟନ୍ତ୍ରଣ ଏବଂ ଅଭିଜ୍ଞତା କେନ୍ଦ୍ର ଚାଲୁ ରହିଛି । ଏହି କେନ୍ଦ୍ରକୁ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ବୁଲି ଦେଖିବା ସହ ବ୍ୟବସ୍ଥାର ସମୀକ୍ଷା କରିଛନ୍ତି । ଏଥି ସହ ମଣ୍ଡିରେ ଧାନ କିଣା ପ୍ରକ୍ରିୟା, ସିସିଟିଭି ବ୍ୟବସ୍ଥାର ଅନୁଧ୍ୟାନ, ମଣ୍ଡିରୁ ମିଲ୍ ଯାଉଥିବା ଗାଡ଼ିର ଟ୍ରାକିଂ ଏବଂ ଏ ସଂପର୍କିତ ଲାଇଭ୍ ଫୁଟେଜ୍ ର ବ୍ୟବସ୍ଥା ସଂପର୍କରେ ମନ୍ତ୍ରୀ ତଦାରଖ କରିଥିଲେ । ଏତଦବ୍ୟତୀତ ଚାଷୀ ଏବଂ ମଣ୍ଡିରେ ନିୟୋଜିତ ଅଧିକାରୀ ଓ ଚାଷୀ ମାନଙ୍କ ସହ ନୋଡାଲ ଅଫିସରଙ୍କ ସହ ମନ୍ତ୍ରୀ କଥା ହେବା ସହ ସେମାନଙ୍କର ସୁବିଧା ଅସୁବିଧା ସଂପର୍କରେ ପଚାରି ବୁଝିଥିଲେ ।

# ପିତା ମାତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ବୃକ୍ଷରୋପଣ



ଲଙ୍ଗଳେଶ୍ୱର , ୨୮/୧ (ନି.ପ୍ର): ସଦର ବ୍ଲକ ଅନ୍ତର୍ଗତ କଷାଫଳ ପଞ୍ଚାୟତର ବିଶିଷ୍ଟ ସମାଜସେବୀ ବରୁଣ ପଣ୍ଡା ଓ ତାଙ୍କ ସ୍ତ୍ରୀ ପ୍ରଣତୀ ପଣ୍ଡା ପିତା ସ୍ୱର୍ଗତ ଜନ୍ମେଜୟ ପଣ୍ଡା ଓ ମାତା ସ୍ୱର୍ଗତ ଭଗବତୀ ପଣ୍ଡା ଙ୍କ ସ୍ମୃତି ଉଦ୍ଦେଶ୍ୟରେ କୁଞ୍ଜମେଳା ପଡ଼ିଆରେ ବିଭିନ୍ନ ପ୍ରକାରର ବୃକ୍ଷ ରୋପଣ କରିଛନ୍ତି। ଉକ୍ତ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ କଷାଫଳ ଗ୍ରାମ ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ମୁକୁନ୍ଦ ଆଦେକ ପୂର୍ବତନ ସରପଞ୍ଚ ଶିବାନନ୍ଦ ପାତ୍ରଙ୍କ ସମେତ ଗ୍ରାମ ବାସୀ ଉପସ୍ଥିତ ଥିଲେ ପଣ୍ଡା ପରିବାର ଲୋକ ବୃକ୍ଷ ରୋପଣ ରେ ସହଯୋଗ କରିଥିଲେ।

# ଓଡିଶା ସାମ୍ବାଦିକ ସଂଘ ପାରାଦ୍ୱୀପ ଶାଖାରେ ୭୭ ତମ ସାଧାରଣତନ୍ତ୍ର ଦିବସ ପାଳିତ




ପାରାଦ୍ୱୀପ, ୨୮/୧ (ନି.ପ୍ର): ଓଡିଶା ସାମ୍ବାଦିକ ସଂଘ,ପାରାଦୀପ ଶାଖାର ନୂଆବଜାରସ୍ଥିତ କାର୍ଯ୍ୟାଳୟ ଠାରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଥିଲା । ଓଡିଶା ସାମ୍ବାଦିକ ସଂଘ ପାରାଦୀପ ଶାଖାର ସଭାପତି କର୍ମେଶ୍ୱର ସ୍ୱାଇଁ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସଂଘର ଉପ-ସଭାପତି ପ୍ରଶାନ୍ତ ଦାସ, ସମ୍ପାଦକ ସମୀର କୁମାର ମହାନ୍ତି, ପୁରୁଷୋତ୍ତମ ଶତପଥୀ, ଶୁଭ୍ରାଂଶୁ ଶେଖର ପୃଷ୍ଟି, ସୁଶୀଲ ପଟ୍ଟନାୟକ, ବାପି ବେହେରା, ମନୋଜ କୁମାର ଦାସ ଓ ବିରଜା ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଭୁବନେଶ୍ୱର ସ୍ଥିତ ଗେଟାଲାଇଭର ହେଲଥ କେୟାରରେ ୭୭ ତମ ସାଧାରଣତନ୍ତ୍ର ଦିବସ ପାଳିତ



ଭୁବନେଶ୍ୱର , ୨୮/୧ (ନି.ପ୍ର): ଭୁବନେଶ୍ୱର ସ୍ଥିତ ଗେଟାଲାଇଭର ହେଲଥ କେୟାରରେ ୭୭ ତମ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଛି। ଏହି ଉତ୍ସବରେ ଗେଟାଲାଇଭର ହେଲଥ କେୟାର ବରିଷ୍ଠ ଡ଼ଃ ଅବକାଶ ଯାଦବ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ସମ୍ବିଧାନ ପ୍ରଣୟନରେ ପ୍ରମୁଖ ଭୂମିକା ନେଇଥିବା ମହାନ ବ୍ୟକ୍ତି ଏବଂ ସ୍ୱାଧୀନତା ଆନ୍ଦୋଳନରେ ଦେଶମାତୃକା ପାଇଁ ଉତ୍ସର୍ଗ ବ୍ୟକ୍ତିମାନଙ୍କୁ ଶ୍ରଦ୍ଧାଂଜଳି ଅର୍ପଣ କରିଥଲେ। ଗେଟାଲାଇଭର ହେଲଥ କେୟାରରେ ନିର୍ଦ୍ଦେଶକ ମିହିର କୁମାର ନନ୍ଦ ଗୋସ୍ୱାମୀ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଦେଶର ମହାନ ବୀର ସ୍ୱାଧୀନତା ସଂଗ୍ରାମୀମାନଙ୍କ ବଳିଦାନ ଆଜି ଆମକୁ ସ୍ୱାଧୀନତାର ସ୍ୱାଦ ଦେଇଛି । ଦେଶକୁ ସୁସଙ୍ଗଠିତ କରି ସଠିକ୍ ମାର୍ଗରେ ପରିଚାଳନା କରିବା ପାଇଁ ସମ୍ବିଧାନ ଗଢାଯାଇଥିଲା । ସମ୍ବିଧାନ ମଧ୍ୟରେ ଆମ ଦେଶରେ ଗଣତନ୍ତ୍ର ସୁରକ୍ଷିତ ହୋଇ ରହିଛି ବୋଲି ଆଲୋଚକମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ବିଭିନ୍ନ ବିଭାଗରେ ଉଲ୍ଲେଖନୀୟ ଅବଦାନ ପାଇଁ କର୍ମଚାରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଉତ୍ସବରେ ଗେଟାଲାଇଭର ହେଲଥ କେୟାର ସମସ୍ତ ଅଧିକାରୀ,କର୍ମଚାରୀ ଓ ସେମାନଙ୍କ ପରିବାରବର୍ଗ ଉପସ୍ଥିତ ଥିଲେ। ଗେଟାଲାଇଭର ହେଲଥ କେୟାର ପରିଚାଳକ ନିର୍ମାଲ୍ୟ କିରଣ ବାବୁ ଉତ୍ସବଟିକୁ ସଫଳତା ସହିତ ପରିଚାଳନା କରିଥିଲେ । ଶେଷରେ ଡ଼ଃ ସରସ୍ୱତୀ ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ପୂର୍ତ୍ତ ବିଭାଗ ପକ୍ଷରୁ ଇ-ଆଇବି ଡିଜିଟାଲ ବୁକିଙ୍ଗ ପ୍ଲାଟଫର୍ମର ଶୁଭାରମ୍ଭ

ଭୁବନେଶ୍ୱର, ୨୮/୧ (ନି.ପ୍ର): ପୂର୍ତ୍ତ ବିଭାଗ ପକ୍ଷରୁ ଇ-ଆଇବି ଡିଜିଟାଲ ବୁକିଙ୍ଗ ପ୍ଲାଟଫର୍ମର ଶୁଭାରମ୍ଭ ହୋଇଛି। ପୂର୍ତ୍ତ ବିଭାଗ ଅଧୀନରେ ଭୁବନେଶ୍ୱର, ପୁରୀ ଓ କୋଣାର୍କରେ ଥିବା ଡାକବଙ୍ଗଳା ବୁକିଙ୍ଗ ଓ ଆବଣ୍ଟନ ପ୍ରକ୍ରିୟାକୁ ଇ-ଆଇବି ପ୍ଲାଟଫର୍ମ ସହଜ ଓ ସରଳ କରିବ। ଏହା ବିଭାଗ ଓ ସାଧାରଣ ଜନତାଙ୍କ ପାଇଁ ଲାଭପ୍ରଦ ହେବ। ଅନଲାଇନ ମାଧ୍ୟମରେ ରୁମ ବୁକିଙ୍ଗ ଓ ବାତିଲ ବ୍ୟବସ୍ଥା ସହ ବୁକିଙ୍ଗ ସମ୍ବନ୍ଧୀୟ ସୂଚନା ଯେ କୌଣସି ସ୍ଥାନରୁ ଜାଣିହେବ।

# ନବ ନିର୍ମାଣ କୃଷକ ସଂଗଠନ ଦେଇଥିବା ବନ୍ଦ ଡାକରା ସଫଳ

ଭଦ୍ରକ , ୨୮/୧ (ନି.ପ୍ର): ଭଦ୍ରକ ଜିଲ୍ଲା କଂଗ୍ରେସ ତରଫରୁ ଜିଲ୍ଲା କଂଗ୍ରେସ ସଭାପତି ନଳିନୀ କାନ୍ତ ମହାନ୍ତିଙ୍କ ନେତୃତ୍ୱରେ ନବ ନିର୍ମାଣ କୃଷକ ସଂଗଠନ ଦେଇଥିବା ବନ୍ଦ ଡାକରାକୁ ସମର୍ଥନ ଜଣାଇ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରୁ ମୋଟର ସାଇକେଲ ଶୋଭାଯାତ୍ରାରେ ଯାଇ ସହରର ବିଭିନ୍ନ ଜାଗା ରେ ପିକେଟିଂ କରାଯାଇ ଦୋକାନ, ବଜାର ସରକାରୀ ଦପ୍ତର ବନ୍ଦ କରିବା ସହିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖ ଜାତୀୟ ରାଜପଥକୁ ବନ୍ଦ କରାଯାଇଥିଲା,ଏହି କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା କଂଗ୍ରେସ କାର୍ଯକାରୀ ସଭାପତି ଦେବରୂପ ମହାନ୍ତି, ଟାଉନ ସଭାପତି ମୁକିତ୍ ଖାନ, ବ୍ଲକ ସଭାପତି ପିତବାସ ଧଳ, ଅମିତା ବାଳା ଆଚାର୍ଯ୍ୟ,ରାଜେନ୍ଦ୍ର ପ୍ରସାଦ ଜେନା, ବଳରାମ ରାଉତ,ସମିତି ସଭ୍ୟ ଗୟାଧର ସେଠୀ,ବିଜୟ ବାରିକ, ରାଜୁ ପ୍ରସାଦ ରାୟ, ଶର୍ମିଷ୍ଠା ପଣ୍ଡା,ଇଲିୟାସ ଖାନ, ପାରିଷଦ ଜାହିର ସହା, ଶାହିଲ କାଦ୍ରୀ, ରୁକ୍ସନା ଖାତୁନ, ରଂଜନ ଜେନା, ମନୋଜ ମଲ୍ଲିକ ଖଗେଶ୍ୱର ଜେନା,ଗୋଲାମ ମୟୁରୁଦ୍ଦିନ, ଅବଦୁଲ ସଲାମ, ଶଶିକାନ୍ତ ଜେନା, ଏନାମୁଲ ହକ,ସେକ ହାସିନା, ସୌଭାଗ୍ୟ ରାଉତଓ ସବିର ଖାନ ପ୍ରମୁଖ ଉପସ୍ଥିତ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥଲେ।

# ଏଫାକ୍ସ ଟ୍ୱେଣ୍ଟି ପରୀକ୍ଷାରେ ଭାଗ ନେଲେ ୩୦୦ ଛାତ୍ରଛାତ୍ରୀ

ବାଲିଆପାଳ , ୨୮/୧ (ନି.ପ୍ର): ବାଲିଆପାଳ ବ୍ଲକ ଛକ ନାକଟସ୍ଥ ଶୁଭମ୍ ଗେଷ୍ଟ ହାଉସ ପରିସରରେ ବିଷ୍ଟ ଭୂବନେଶ୍ୱର ଭାରତ ଇନସ୍ଥ୍ୟୁଟ ଓଫ ସାଇନ୍ସ ଟେକ୍ନୋଲୋଜି ହାଇୟାର ସେକେଣ୍ଡାରୀ ସ୍କୁଲ ପକ୍ଷରୁ ଏଫାକ୍ସ ଟ୍ୱେଣ୍ଟି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏହି ପରୀକ୍ଷାରେ ବାଲିଆପାଳ ବ୍ଲକରୁ ୧୬ ଟି ସ୍କୁଲର ଚଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷା ଦେବାକୁ ଥିବା ଦଶମ ଶ୍ରେଣୀର ୩୦୦ ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ବିଦ୍ୟାଳୟର ଶିକ୍ଷକ,ଶିକ୍ଷୟିତ୍ରୀ, ଅଭିଭାବକ ଏବଂ ପରୀକ୍ଷାର୍ଥୀ ମାନଙ୍କୁ ନେଇ ବିଷ୍ଟ ପକ୍ଷରୁ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ବିଷ୍ଟର ପ୍ରତିଷ୍ଠାତା ଅଂଶୁମାନ ପଟ୍ଟନାୟକ କଲେଜର ବିଭିନ୍ନ ସୁବିଧା ସୁଯୋଗ ବିଷୟରେ ଆଲୋଚନା କରିବା ସହିତ ଶିକ୍ଷାର୍ଥୀଙ୍କୁ ପାଠ୍ୟକ୍ରମ ସହିତ ନିଟ,ଜେଇମ୍ୟାନ,ଓଓଇଟି ର ଏକ୍ସଟ୍ରା ଟ୍ରେନିଂ ,ଛାତ୍ର ଛାତ୍ରୀ ଙ୍କୁ ଅଧ୍ୟାତ୍ମିକ ଶିକ୍ଷାଠୁ ଆରମ୍ଭ କରି ଶୈକ୍ଷିକ ଶିକ୍ଷା ପର୍ଯ୍ୟନ୍ତ ସମସ୍ତ ଦିଗକୁ ଲକ୍ଷ୍ୟ ରଖାଯାଇ ଶିକ୍ଷା ଦାନ ଦିଆଯାଉଛି ବୋଲି କହିଥିଲେ। ଏଥିରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷକ , ଶିକ୍ଷୟିତ୍ରୀ, ବୁଦ୍ଧିଜୀବି ଅଂଶ ଗ୍ରହଣ କରିଥିଲେ। ପ୍ରାକ୍ତନ ଶିକ୍ଷାବିତ ଭଗିରଥ ଗିରି, ପ୍ରଧାନ ଶିକ୍ଷକ ସମରଞ୍ଜନ ଜେନା, ଅଭିମନ୍ୟୁ ପାତ୍ର,ସୁରଥ ପ୍ରମାଣିକ, ରବିନାରାୟଣ ମହାନ୍ତି , କରୁଣାକର ଜେନା, ପରମାନନ୍ଦ ଦେ, ପିତାମ୍ବର ସାହୁ,ଆସିତ ପଟ୍ଟନାୟକ,ରଶ୍ମିତା ସି ପ୍ରମୁଖ ଯୋଗଦେଇ ଥିଲେ।

# ସାଧାରଣତନ୍ତ୍ର ଦିବସରେ ବନ୍ଧୁତ୍ୱପୂର୍ଣ୍ଣ ଭଲିବଲ ଟୁର୍ଣ୍ଣାମେଣ୍ଟ



ବାରିପଦା , ୨୮/୧ (ନି.ପ୍ର): ୭୭ ତମ ସାଧାରଣତନ୍ତ୍ର ଦିବସ ଅବସରରେ ରିଜର୍ଭ ପୋଲିସ ପଡିଆରେ କିଚକେଶ୍ୱରୀ ଭଲିବଲ ଏକାଡେମୀ ଓ ପୋଲିସ ଆରଆଇଙ୍କ ଆନୁକୂଲ୍ୟରେ ଏକ ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ଆଜାଦ କ୍ଲବ, ବେଲଗଡ଼ିଆ, ବଡ଼ବ୍ରାହ୍ମଣମରା ଟିମ ସମେତ ମୋଟ ୪ଟି ଦଳ ଅଂଶ ଗ୍ରହଣ କରିଥିବାବେଳେ ଫାଇନାଲ ମ୍ୟାଚରେ ପୋଲିସ ଟିମ ୩ - ୨ ସେଟରେ ମା କିଚକେଶ୍ୱରୀ ଭଲିବଲ ଏକାଡେମୀକୁ ପରାସ୍ତ କରି ଚମ୍ପିୟାନ ହୋଇଥିଲେ ଓ ରାଜେଶ ଦାସ, ସ୍ନେହାଶିଷ ମହାନ୍ତି, ଗୌରାଙ୍ଗ ମହାନ୍ତ ଓ ମନୋରଞ୍ଜନ ପଣ୍ଡା ଖେଳ ପରିଚାଳନା କରିଥିବା ବେଳେ ଦୀପକ ମୁଣ୍ଡା, ଚନ୍ଦ୍ରମୋହନ ଦଳେଇ ଓ ରାଜେନ୍ଦ୍ର ନାଥ ନାୟକ ସ୍କୋରିଙ୍ଗରେ ସାହାଯ୍ୟ କରିଥିଲେ ଓ ମୁଖ୍ୟ ଅତିଥି ଭାବେ ଉପ ଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡା, ସମ୍ମାନିତ ଅତିଥି ଭାବେ ତହସିଲଦାର ସପନ କୁମାର ସାହୁ, ଜିଲ୍ଲା କ୍ରୀଡା ଅଧିକାରୀ ଡଃ ସୁଭାଶିଷ ନାୟକ, ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ସହ ସଂପାଦକ ଅଶୋକ ପଟ୍ଟନାୟକ, ଅମର କୁମାର ସେଠି, ଅମ୍ବିକା ରାଉତ, ପୂର୍ବତନ ଜିଲ୍ଲା କ୍ରୀଡା ଅଧିକାରୀ କୁମାର ରଞ୍ଜନ ପଣ୍ଡା ଓ ପ୍ରଦୀପ କୁମାର ବେହେରା, ହାବିଲଦାର ଓ କନେଷ୍ଟବଳ ସଙ୍ଘ ସମ୍ପାଦକ ସ୍ୱରାଜ କୁମାର ରାଜ, ବରିଷ୍ଠ କ୍ରୀଡ଼ାବିତ, ମଣ୍ଟୁ ଦା, କୈଳାସ ଚନ୍ଦ୍ର ବେହେରା, ବିଶ୍ୱଜିତ ନାୟକ, ପ୍ରଭାସ ସାହୁ, ରୁନା ପାଲବାବୁ ପ୍ରମୁଖ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ ଓ ଶ୍ରେଷ୍ଠ ଖେଳାଳି ଭାବେ ସଞ୍ଜୟ ମହାନ୍ତ, ଓମ ପ୍ରକାଶ ମହାନ୍ତ, ସମୀର କୁମାର ଦେଓ, ଯୋଗା ଜେନା ପିନାକୀ ପୁରସ୍କୃତ ହୋଇଥିଲେ ଓ ସୋମନାଥ ସିଂହ, କୋଚ ମନୋରଞ୍ଜନ ଜୀଉ, ଭାନୁପ୍ରତାପ ଭଞ୍ଜଦେଓ ଓ ଶାନ୍ତିଲତା ଜୀଉ ଓ ଦିବ୍ୟଜିତ ଜୀଉ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବୀଣାପାଣି ଶିଶୁ ମନ୍ଦିରର ୧୫ ତମ ବାର୍ଷିକ ଉତ୍ସବ



ବସ୍ତି , ୨୮/୧ (ନି.ପ୍ର): ରୂପସା ଥାନା ଅନ୍ତର୍ଗତ ରୂପସା ପୋଡାଡିହା ନିକଟରେ ଥିବା ବୀଣାପାଣି ଶିଶୁ ମନ୍ଦିର ଚଳିତ ବର୍ଷ ପାଳନ କରିଛି ତାର ୧୫ ତମ ବାର୍ଷିକ ଉତ୍ସବ। ଏହି ଅବସର ରେ ଏକ ସଭା କାର୍ଯ୍ୟ ସଭାପତି ଭିକାରୀ ଚରଣ ମିସ୍ତ୍ରୀଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଥିଲା । ଏହି ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ବିବେକାନନ୍ଦ ଶିକ୍ଷା କେନ୍ଦ୍ର, ବସ୍ତାର ପ୍ରଧାନ ଆଚାର୍ଯ୍ୟ ଶ୍ରୀପତି ଚରଣ ପାତ୍ର, ମୁଖ୍ୟ ବକ୍ତା ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଅଗ୍ରୱାଲ ବିଦ୍ୟାପୀଠ, ହଳଦୀପଦାର ରାମଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ଭାବେ ବୀଣାପାଣି ଶିଶୁ ମନ୍ଦିରର ସମ୍ପାଦକ ନିତ୍ୟାନନ୍ଦ ପଟ୍ଟନାୟକ, ଅନ୍ୟତମ ସମ୍ମାନିତ ଅତିଥି ସଭାପତି ବରଦା ପ୍ରସନ୍ନ ପଟ୍ଟନାୟକ ଉପସ୍ଥିତ ରହି ଆଜିର ଶିଶୁ କାଲିର ଜଣେ ଜଣେ ପ୍ରତିଷ୍ଠିତ ବ୍ୟକ୍ତି ହେବେ , ଏହି ମଣିଷ ତିଆରି କାରଖାନାରେ ସଂସ୍କାର ଯୁକ୍ତ ଶିକ୍ଷା ସହ ବୈଦିକ ଶିକ୍ଷା ଏହି ଅନୁଷ୍ଠାନ ର ମୂଳ ମନ୍ତ୍ର ବୋଲି ଅଭିଭାଷଣ ରଖିଥିଲେ । ସ୍କୁଲ ପରିଚାଳନା କମିଟିର ସମସ୍ତ ସଦସ୍ୟ ସଦସ୍ୟା ମଧ୍ୟ ଏହି ବାର୍ଷିକ ଉତ୍ସବ ରେ ଉପସ୍ଥିତ ରହିଥିଲେ। ସ୍କୁଲ ରେ ହୋଇଯାଇଥିବା ବାର୍ଷିକ କ୍ରୀଡା ପ୍ରତିଯୋଗିତା ରେ ବିଜେତା ଛାତ୍ର ଛାତ୍ରୀ ମାନଙ୍କୁ ଅତିଥି ଙ୍କ ଦ୍ୱାରା ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରାଯାଇଥିଲା। ସ୍କୁଲ ର ପ୍ରଧାନ ଆଚାର୍ଯ୍ୟ ବିକ୍ରମ କୁମାର ଜେନା ବାର୍ଷିକ ବିବରଣୀ ପାଠ କରିବା ସହିତ ସଭା ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମ କୁ ସମସ୍ତ ଗୁରୁଜୀ ଗୁରୁମା ସୁଚାରୁ ରୂପେ ତୁଲାଇ ଥିଲେ । ପରିଶେଷରେ ଛାତ୍ର ଛାତ୍ରୀ ମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଏକ ନାଟକ (ବାପା) ପରିବେଷଣ ହୋଇଥିଲା।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida